୬ ଭାରତକୁ ହରାଇ ବାଂଲାଦେଶ ନିଜ ପାଖରେ ରଖିଲା ଅଣ୍ଡର ୧୯ ଏସିଆ କପ୍




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

e-paper www.sambadkalika.in

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages,₹ 2.00

● ବର୍ଷ–୩୧ ● ସଂଖ୍ୟା–୩୧୦ ● ୯ ଡିସେମ୍ବର ୨୦୨୪, ସୋମବାର ● ଭୁବନେଶ୍ୱର ● Vol -31 ● Issue-310 ● 9th December 2024, Monday ● Bhubaneswar | Licensed to post without pre-payment of postage No- BN-60/25-27


## ଭାରତ-ମୋଦି ବିରୋଧୀ ଅଭିଯୋଗ ନେଇ ଆମେରିକାର ସ୍ପଷ୍ଟୀକରଣ



**ନୂଆଦିଲ୍ଲୀ, ୮/୧୨**

ଭାରତ ବିରୋଧୀ ଏଜେଣ୍ଡା ଚଳାଇବା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ଅଭିଯାନରେ ଆମେରିକା ସ୍ୱରାଷ୍ଟ୍ର ବିଭାଗ ସର୍ବଦା ସମ୍ପୃକ୍ତ ରହିଆସିଛି ବୋଲି ବିଜେପି ଅଭିଯୋଗ କରିଛି। ଏହି ଅଭିଯୋଗ ଉପରେ ଆମେରିକା ଦୂତାବାସ ମୁଖପାତ୍ର ଏକ ବିବୃତି ଦେଇଛନ୍ତି ଯେ ଭାରତର ଶାସକ ଦଳ ଏଭଳି ଅଭିଯୋଗ କରୁଛନ୍ତି। ବିଜେପି ସାଂସଦ ଲୋକସଭାରେ ଏହି ପ୍ରସଙ୍ଗ ଉଠାଇଥିଲେ ଏବଂ ବିଜେପି ମଧ୍ୟ ଏକ ସାମ୍ବାଦିକ ସମ୍ମିଳନୀ କରିଥିଲା। ଦଳ ଅଭିଯୋଗ କରିଥିଲା, ଜର୍ଜ ସୋରୋସଙ୍କ ସହାୟତାରେ କଂଗ୍ରେସ ଭାରତ ବିରୋଧରେ ଷଡଯନ୍ତ୍ର କରୁଛି। ବିଜେପି ସାଂସଦ ନିଶିକାନ୍ତ ଦୁବେ ଏବଂ ସୁଧାଂଶୁ ତ୍ରିବେଦୀ କହିଥିଲେ ସୋରୋସଙ୍କ ପାଣ୍ଠି ଦ୍ୱାରା ପରିଚାଳିତ ସଂଗଠିତ ଅପରାଧ ଏବଂ ଦୁର୍ନୀତି ରିପୋର୍ଟ ପ୍ରକଳ୍ପ (ଓସିସିଆରପି) ଭାରତ ବିରୋଧରେ ଭୁଲ ତଥ୍ୟ ବିସ୍ତାର କରୁଛି। ଏଥିରେ କଂଗ୍ରେସ ସାମିଲ ହୋଇଥିବା ଅଭିଯୋଗ ହୋଇଛି। ସୋସିଆଲ ମିଡିଆରେ ନିଜର ଅଫିସିଆଲ୍ ହ୍ୟାଣ୍ଡେଲ ମାଧ୍ୟମରେ ବିଜେପି ମଧ୍ୟ ଏହି ଅଭିଯୋଗ ଆଣିଛି।

ଚର୍ଚ୍ଚା ହେଉଛି ଯେ, ରାହୁଲ ଗାନ୍ଧୀଙ୍କ ସହ ଓସିସିଆରପିର ସମ୍ପର୍କ ରହିଛି। ଏହା ମଧ୍ୟ କୁହାଯାଉଛି ଓସିସିଆରପିର ନିୟନ୍ତ୍ରଣ ଆମେରିକା ସରକାରଙ୍କ ପାଖରେ ଅଛି।

ଗତ ଚାରି ବର୍ଷ ମଧ୍ୟରେ କଂଗ୍ରେସ ଟାର୍ଗେଟ କରିଥିବା ସମସ୍ତ ପ୍ରସଙ୍ଗ ବିଦେଶୀ କାହାଣୀ ଏବଂ ଉତ୍ସ ଉପରେ ଆଧାରିତ ବୋଲି ବିଜେପି କହିଛି। ଦଳ କହିଛି ଯେ ପେଗାସସ୍, ଆଦାନୀ, ଜନଗଣନା, ବିପଦରେ ଥିବା ଗଣତନ୍ତ୍ର, ଗ୍ଲୋବାଲ୍ ହଙ୍ଗର୍ ଇଣ୍ଡେକ୍ସ, ଧାର୍ମିକ ସ୍ୱାଧୀନତା ଏବଂ ସାମ୍ବାଦିକ ସ୍ୱାଧୀନତା ଭଳି ପ୍ରସଙ୍ଗ ଅନ୍ତର୍ଜାତୀୟ ଉତ୍ସରୁ ଅନୁପ୍ରାଣିତ ହୋଇଥିବା ଜଣାପଡିଛି।

ଏହା ମଧ୍ୟ ଅଭିଯୋଗ ହୋଇଛି ଯେ ୨୦୨୧-୨୨ ମସିହାରେ, ଓସିସିଆରପି ପେଗାସସ୍ ସ୍ପାଏୱେୟାର ଉପରେ ଅନେକ ଲେଖା ପ୍ରକାଶ କରିଥିଲା, ଯାହା ଭାରତୀୟ ସଂସଦ ଅଧିବେଶନ ଆରମ୍ଭ ପୂର୍ବରୁ ପ୍ରକାଶ ପାଇଥିଲା। ଏହି ଆର୍ଟିକିଲଗୁଡ଼ିକର ମୂଳ ଉଦ୍ଦେଶ୍ୟ ଥିଲା ମୋଦି ସରକାରଙ୍କୁ ଟାର୍ଗେଟ କରିବା। ସଂସଦର କାର୍ଯ୍ୟଧାରାକୁ ଭଣ୍ଡୁର କରିବା ଏବଂ ସରକାରଙ୍କୁ ଆକ୍ରମଣ କରିବା ପାଇଁ କଂଗ୍ରେସ ଏହାକୁ ବ୍ୟବହାର କରିଥିଲା। ୨୦୨୩ରୁ ବର୍ତ୍ତମାନ ପର୍ଯ୍ୟନ୍ତ, ଓସିସିଆରପି ଆଦାନୀ ଗ୍ରୁପ୍ ଉପରେ ପ୍ରାୟ ୫-୭ ପ୍ରବନ୍ଧ ପ୍ରକାଶ କରିଛି। ଆମେରିକାର ବୈଦେଶିକ ବିଭାଗ ଏହି ଏଜେଣ୍ଡା ପଛରେ ସର୍ବଦା ରହିଆସିଛି।

ଫ୍ରାନ୍ସର ଏକ ଗଣମାଧ୍ୟମ ରିପୋର୍ଟକୁ ଦର୍ଶାଇ, ଓସିସିଆରପି ଆମେରିକାର ବୈଦେଶିକ ବିଭାଗ ଏଜେନ୍ସି ଏବଂ ଜର୍ଜ ସୋରୋସ୍ ଏବଂ ରକଫେଲର୍ ଫାଉଣ୍ଡେସନ୍ ପରି ଅନ୍ୟ 'ଡିପ୍ ଷ୍ଟେଟ୍' ବ୍ୟକ୍ତିବିଶେଷଙ୍କ ଦ୍ୱାରା ଆର୍ଥିକ ଅନୁଦାନ ପ୍ରାପ୍ତ। ଆମେରିକା ଦୂତାବାସର ମୁଖପାତ୍ର ଏକ ବିବୃତି ଦେଇ କହିଛନ୍ତି ଯେ, ଭାରତର ଶାସକ ଦଳ ଏଭଳି ଅଭିଯୋଗ ଆଣିଥିବା ଅତ୍ୟନ୍ତ ନୈରାଶ୍ୟଜନକ। ଆମେରିକାର ସରକାର ସ୍ୱତନ୍ତ୍ର ସଂଗଠନଗୁଡିକ ସହିତ କାର୍ଯ୍ୟକ୍ରମରେ କାର୍ଯ୍ୟ କରନ୍ତି ଯାହା ସାମ୍ବାଦିକମାନଙ୍କର ବୃତ୍ତିଗତ ବିକାଶ ଏବଂ ଦକ୍ଷତା ବୃଦ୍ଧି ପାଇଁ ତାଲିମ ପ୍ରଦାନ କରିଥାଏ। ଏହି ପ୍ରୋଗ୍ରାମ୍ ଏହି ସଂସ୍ଥାଗୁଡ଼ିକର ସମ୍ପାଦକୀୟ ନିଷ୍ପତ୍ତି କିମ୍ବା ଦିଗକୁ ପ୍ରଭାବିତ କରେ ନାହିଁ।

ଆମେରିକା ଦୀର୍ଘ ଦିନ ଧରି ସାରା ବିଶ୍ୱରେ ମିଡିଆ ସ୍ୱାଧୀନତାର ସମର୍ଥକ ହୋଇଆସୁଛି। ଏକ ମୁକ୍ତ ଏବଂ ନିରପେକ୍ଷ ଗଣମାଧ୍ୟମ ଯେକୌଣସି ଗଣତନ୍ତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ, ଯାହାକି ସୂଚନାଯୋଗ୍ୟ ଏବଂ ଗଠନମୂଳକ ବିତର୍କକୁ ସକ୍ଷମ କରିଥାଏ ଏବଂ କ୍ଷମତାରେ ଥିବା ଲୋକଙ୍କୁ ଉତ୍ତରଦାୟୀ କରିଥାଏ।

ଏହା ପ୍ରଥମ ଘଟଣା ନୁହେଁ ଯେ, ଦେଶକୁ ଅସ୍ଥିର କରିବାକୁ ଚେଷ୍ଟା କରୁଥିବା ନେଇ ବିଜେପି ବିଦେଶୀ ଶକ୍ତିକୁ (ପୃଷ୍ଠା ୭ରେ)

## ୧୬ରୁ ରତ୍ନଭଣ୍ଡାର ମରାମତି କାର୍ଯ୍ୟ



**ପୁରୀ, ୮/୧୨**
**ନ୍ୟୁଜ ବ୍ୟୁରୋ**

ଆସନ୍ତା ୧୬ ତାରିଖରୁ ରତ୍ନଭଣ୍ଡାର ମରାମତି ପାଇଁ ଆପାତତଃ ଦିନ ଧାର୍ଯ୍ୟ କରିଛି ଏଏସ୍ଆଇ। ଏନେଇ ସୂଚନା ଦେଇଛନ୍ତି ଏଏସ୍ଆଇ ଅଧୀକ୍ଷକ ଡି.ବି. ଗଡ଼ନାୟକ। ସେ କହିଛନ୍ତି ଯେ ଏକ ଧାର୍ଯ୍ୟ ସମୟ ମିଳିଲା ପରେ ଆସନ୍ତା ୧୬ ତାରିଖରୁ କାମ ଆରମ୍ଭ କରିବା ପାଇଁ ଆପାତତଃ ନିଷ୍ପତ୍ତି ହୋଇଛି। ରତ୍ନଭଣ୍ଡାର ମରାମତି ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅନୁମତି ମିଳିଯାଇଛି। କିନ୍ତୁ ନୀତି ସବ୍‌କମିଟିରୁ କିଛି ନିଷ୍ପତ୍ତି ଆସିନି। ନୀତି ସବ୍‌କମିଟିର ବୈଠକ ହେବ। ସୋମବାର କିମ୍ବା ମଙ୍ଗଳବାର ସେମାନଙ୍କର ବୈଠକ ବସିବାର ଅଛି। ସେହି ବୈଠକରେ ଆମ ପାଇଁ ଏକ ସମୟ ସେମାନେ ଦେବେ। ତା'ପରେ ଆମେ କାର୍ଯ୍ୟ ଆରମ୍ଭ କରିବୁ। ଆମେ ୧୬ ତାରିଖରୁ କାମ ଆରମ୍ଭ କରିବାକୁ ପ୍ରସ୍ତୁତ ଅଛୁ।

ଏଏସ୍ଆଇ ଅଧୀକ୍ଷକ ଶ୍ରୀ ଗଡ଼ନାୟକ କହିଛନ୍ତି ଯେ ରତ୍ନଭଣ୍ଡାର ମରାମତି ପାଇଁ ଏଏସ୍ଆଇକୁ ପ୍ରତିଦିନ ସର୍ବନିମ୍ନ ୫ରୁ୬ ଘଣ୍ଟା ଆବଶ୍ୟକ। ପ୍ରତିଦିନ ୫ରୁ ୬ ଘଣ୍ଟା ମିଳିଲେ ଆମେ ଯେତେ ଶୀଘ୍ର ଏହାକୁ ଶେଷ କରିବାକୁ ଚେଷ୍ଟା କରିବୁ। ପ୍ରଥମେ ଭିତର ରତ୍ନଭଣ୍ଡାରର ମରାମତି କରାଯିବ। ପରେ ବାହାର ରତ୍ନଭଣ୍ଡାରର ମରାମତି କରାଯିବ। ଆବଶ୍ୟକ ସ୍ଥଳେ ପଥରଗୁଡ଼ିକୁ ବଦଳାଯିବ। ଡିପ୍ଲାଷ୍ଟର କଲା ପରେ କେତେ କାମ ଆବଶ୍ୟକ ଓ କ'ଣ କ'ଣ ଆବଶ୍ୟକ ହେବ, ତାହା ସ୍ପଷ୍ଟ ହେବ। ତେଣୁ ବର୍ତ୍ତମାନଠାରୁ କହି ହେବନି କେତେ ଦିନରେ କାମ ସରିବ।

ଗତ ସେପ୍ଟେମ୍ବର ୨୧ ଓ ୨୨ ଦୁଇଦିନ ଧରି ହାଇଦ୍ରାବାଦସ୍ଥିତ ନ୍ୟାସନାଲ ଜିଓଫିଜିକାଲ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ ପକ୍ଷରୁ ରତ୍ନଭଣ୍ଡାରର ଜିପିଆର ସର୍ଭେ ହୋଇଥିଲା। ଏଏସ୍ଆଇ ପକ୍ଷରୁ ଏହି ସଂସ୍ଥାକୁ ଜିପିଆର ସର୍ଭେ ଦାୟିତ୍ୱ ଦିଆଯାଇଥିଲା। ଦୁଇ ମାସ ପରେ ଗତ ନଭେମ୍ବର ମାସରେ ସର୍ଭେ (ପୃଷ୍ଠା ୭ରେ)

## ୧୧ରେ ନୂଆଦିଲ୍ଲୀରେ ଜାତୀୟ ପଞ୍ଚାୟତ ପୁରସ୍କାର : ଓଡ଼ିଶାକୁ ମିଳିବ ୭ଟି

**ଭୁବନେଶ୍ୱର,୦୮/୧୨**
**ନ୍ୟୁଜ ବ୍ୟୁରୋ**

କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରଣାଳୟ ମୂଲ୍ୟାଙ୍କନ ବର୍ଷ ୨୦୨୨-୨୦୨୩ ପାଇଁ ସମ୍ମାନଜନକ ଜାତୀୟ ପଞ୍ଚାୟତ ପୁରସ୍କାରର ବିଜେତାଙ୍କ ନାମ ଘୋଷଣା କରିଛି। ତୃଣମୂଳ ସ୍ତରରେ ସମାବେଶୀ ଏବଂ ନିରନ୍ତର ବିକାଶକୁ ଆଗେଇ ନେବାରେ ସାରା ଦେଶରେ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ଉଲ୍ଲେଖନୀୟ ପ୍ରୟାସକୁ ସ୍ୱୀକୃତି ଦେଇ ଏହି ପୁରସ୍କାର ଉତ୍କର୍ଷତାର ଏକ ମାନଦଣ୍ଡ ଭାବରେ କାର୍ଯ୍ୟ କରେ। ୨୦୨୪ ମସିହା ଜାତୀୟ ପଞ୍ଚାୟତ ପୁରସ୍କାର ପ୍ରଦାନ ସମାରୋହ ଆସନ୍ତା ୧୧ରେ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଅନୁଷ୍ଠିତ ହେବ। ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ପୁରସ୍କାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିବେ। ଚଳିତ ବର୍ଷ, ବିଭିନ୍ନ ବର୍ଗରେ ୪୫ (ପୃଷ୍ଠା ୭ରେ)

## ଓଏଏସ ଅଫିସରଙ୍କୁ ସରକାରଙ୍କ କଡ଼ା ଚେତାବନୀ, କାର୍ଯ୍ୟରେ ଯୋଗ ନ ଦେଲେ ନିଲମ୍ବନ

**ଭୁବନେଶ୍ୱର,୮।୧୨**
**ନ୍ୟୁଜ ବ୍ୟୁରୋ**

ଓଏଏସ୍ ଅଫିସରଙ୍କୁ ସରକାରଙ୍କ ବଡ଼ ଚେତାବନୀ। ବଦଳି ହୋଇ ନୂଆ ସ୍ଥାନରେ ଯୋଗ ଦେଉ ନ ଥିବା ଓଏଏସ ଅଧିକାରୀଙ୍କୁ ରାଜ୍ୟ ସରକାର କଡ଼ା ଚେତାବନୀ ଦେଇଛନ୍ତି। ୧୦ ତାରିଖ ସୁଦ୍ଧା ନୂଆ ସ୍ଥାନରେ ଯୋଗ ଦିଅ, ନଚେତ ୧୧ ତାରିଖରୁ ନିଲମ୍ବନ କରିବେ ସରକାର। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ନଭେମ୍ବର ୨୬ରେ କିଛି ଓଏଏସ ଅଫିସରମାନଙ୍କର ବଡ଼ ଧରଣର ବଦଳି କରାଯାଇଥିଲା। ବଦଳି ପରେ ତାଙ୍କୁ ନୂଆ ଦାୟିତ୍ୱ ଦିଆଯାଇଥିଲା। କିନ୍ତୁ ବଦଳି ସତ୍ତ୍ୱେ ଅନେକ ଓଏଏସ ଅଫିସର ନିଜର ପୂର୍ବ ସ୍ଥାନରେ କାର୍ଯ୍ୟ କରି ଆସୁଛନ୍ତି। ସେମାନେ ନୂଆ ସ୍ଥାନରେ ଯୋଗ (ପୃଷ୍ଠା ୭ରେ)

## ସ୍ୱାମୀ ଆଗରେ ସ୍ତ୍ରୀଙ୍କୁ ହତ୍ୟା କଲେ ମାଓବାଦୀ

**ମାଲକାନଗିରି,୮।୧୨**
**ନ୍ୟୁଜ ବ୍ୟୁରୋ**

ଛତିଶଗଡ଼ ବିଜାପୁରରେ ମାଓବାଦୀମାନେ ରବିବାର ଜଣେ ମହିଳାଙ୍କୁ ହତ୍ୟା କରିଛନ୍ତି। ସେ ହେଲେ ସୁକରା ଯାଲାମ। ବିଜାପୁରର ଲୋଦେଡ ଗ୍ରାମରେ ଏକ (ପୃଷ୍ଠା ୭ରେ)






# ରିୟଲ ଇଷ୍ଟେଟର ହଟ୍‌ସ୍ପଟ୍ ପାଲଟିଲା ପୁରୀ : ସାରା ଦେଶରେ ଦ୍ୱିତୀୟ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଦେଶ ମଧ୍ୟରେ ଧାର୍ମିକ ପର୍ଯ୍ୟଟନ ଯୋଗୁ ଏବେ ଧାର୍ମିକ ସ୍ଥଳ ଗୁଡ଼ିକରେ ବାସଗୃହ ଚାହିଦାରେ ଦ୍ରୁତ ପରିବର୍ତ୍ତନ ହୋଇଛି । ରାଜ୍ୟର ପୁରୀରେ ଏହାର ପ୍ରତିଫଳନ ଦେଖାଯାଇଛି । ପୁରୀରେ ଏବେ ଲୋକମାନେ ଘର କିଣିବାକୁ ବିଶେଷ ଆଗ୍ରହ ଦେଖାଉଛନ୍ତି । ଫଳରେ ଏହା ରିୟଲ ଇଷ୍ଟେଟର ହଟ୍‌ସ୍ପଟ ପାଲଟିଛି । ଏଠାରେ ଘର ଚାହିଦା ସହ ପ୍ରପର୍ଟି ଦାମ ମଧ୍ୟ ବଢୁଥିବା ମ୍ୟାଜିକ ବ୍ରିକ୍ସର ଏକ ରିପୋର୍ଟରୁ ଜଣାପଡିଛି । ଏହି ରିପୋର୍ଟ ମୁତାବକ, ପୁରୀରେ ଘର ଚାହିଦା ଏବେ ୫୨% ବୃଦ୍ଧି ହୋଇଛି । ଏଠାରେ ବର୍ଗଫୁଟ ପିଛା ଦର ୬୧୧୪ ଟଙ୍କା । ବର୍ଷକ ମଧ୍ୟରେ ଏହି ଦରରେ ୩୦% ବୃଦ୍ଧି



ପରିଲକ୍ଷିତ ହୋଇଛି । ଫଳରେ ବାସଗୃହ ଚାହିଦା ବୃଦ୍ଧିରେ ପୁରୀ ଦ୍ୱିତୀୟ ସ୍ଥାନରେ ରହିଛି । ଲୋକେ କେବଳ ରହିବା ଲାଗି ଘର କିଣୁ ନାହାନ୍ତି । ଦୀର୍ଘକାଳୀନ ନିବେଶ, ଭଡା, ହଲିଡେ ହୋମ, ସ୍ୱଳ୍ପକାଳୀନ ରହଣୀ ଗୃହ ଭାବେ ବ୍ୟବହାର କରିବାକୁ ଏଭଳି ଘର କିଣୁଛନ୍ତି ଲୋକେ । ବାସଗୃହ କ୍ଷେତ୍ରରେ ନିବେଶ ଏକ ଆକର୍ଷଣୀୟ ବିକଳ୍ପ ଭାବେ ଉଭା ହୋଇଛି । ଧାର୍ମିକ ପର୍ଯ୍ୟଟନ ଯୋଗୁ ରିୟଲ ଇଷ୍ଟେଟର ହଟସ୍ପଟ ପାଲଟିଥିବା ଅନ୍ୟ ସହର ଗୁଡ଼ିକ ମଧ୍ୟରେ ଉତ୍ତର ପ୍ରଦେଶର ପ୍ରୟାଗରାଜ, ବନାରସ ଏବଂ ମହାରାଷ୍ଟ୍ରର ସିରିଡି ରହିଛି । ପ୍ରୟାଗରାଜରେ ବାସଗୃହ ଚାହିଦା ୨୮% ବଢ଼ିଛି । ବର୍ଗଫୁଟ ପିଛା ପ୍ରପର୍ଟି ମୂଲ୍ୟ ୧୨୨% ବୃଦ୍ଧି ହୋଇ ୬୬୪୫ ଟଙ୍କା ରହିଛି । ସେହିଭଳି ବନାରସ ଏହା ୧୮% ବୃଦ୍ଧି ହୋଇ ୬୧୨୮ ଟଙ୍କା ଏବଂ ସିରିଡିରେ ୬୭% ବୃଦ୍ଧି ହୋଇ ୪୦୨୮ ଟଙ୍କା ରହିଥିବା ମ୍ୟାଜିକ ବ୍ରିକ୍ସ ରିପୋର୍ଟରୁ ଜଣାପଡିଛି ।

## ଜାନୁଆରୀରେ ହେବ ଓଏସ୍ଏସ୍‌ଟିଇଟି ପରୀକ୍ଷା

# ୧୮୨ କେନ୍ଦ୍ରରେ ପରୀକ୍ଷା ଦେବେ ୫୦ ହଜାର ପରୀକ୍ଷାର୍ଥୀ

**କଟକ, ନ୍ୟୁଜ ବ୍ୟୁରୋ**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ହେବାକୁ ଥିବା ଓଡ଼ିଶା ସେକେଣ୍ଡାରୀ ସ୍କୁଲ୍ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଏସ୍ଏସ୍‌ଟିଇଟି)-୨୦୨୪ ପାଇଁ ରାଜ୍ୟରେ ୫୦ ହଜାରରୁ ଅଧିକ ପରୀକ୍ଷାର୍ଥୀ ଆବେଦନ କରିଛନ୍ତି । ପେପର-୧ରେ ପରୀକ୍ଷା ଦେବା ପାଇଁ ୪୭ ହଜାରରୁ ଅଧିକ ଅବେଦନ କରିଥିବା ବେଳେ ପେପର-୨ ପାଇଁ ୩ ହଜାର ୩ ଶହରୁ ଅଧିକ ପରୀକ୍ଷାର୍ଥୀ ଆବେଦନ କରିଥିବା ସୂଚନା ମିଳିଛି । ୫୦ ହଜାରରୁ ଅଧିକ ପରୀକ୍ଷାର୍ଥୀ ଏହି ପରୀକ୍ଷା ଦେଉଥିବାରୁ ପରୀକ୍ଷା ଆୟୋଜନ ପାଇଁ ବିଭିନ୍ନ ଜିଲ୍ଲାରେ ୧୮୨ଟି କେନ୍ଦ୍ର ଚୟନ କରାଯାଇଛି । ପରୀକ୍ଷା ସମ୍ପର୍କରେ ଖୁବ୍‌ଶୀଘ୍ର ବିଜ୍ଞପ୍ତି ପ୍ରକାଶ ବୋଲି ବୋର୍ଡ ସୂତ୍ରରୁ ସୂଚନା ମିଳିଛି । ଆସନ୍ତା ଜାନୁଆରୀରେ ଏହି ପରୀକ୍ଷା




କରାଇବା ପାଇଁ ବୋର୍ଡ ପକ୍ଷରୁ ପ୍ରସ୍ତୁତି ଚାଲିଥିବା ଶୁଣିବାକୁ ମିଳୁଛି । ଏ ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ ପରେ ବୋର୍ଡ ପକ୍ଷରୁ ପରୀକ୍ଷାର୍ଥୀଙ୍କ ଆଡମିଟ୍ କାର୍ଡ ୱେବ୍‌ସାଇଟ୍‌ରେ ଉପଲବ୍ଧ କରାଯିବ ବୋଲି ଜଣେ ଅଧିକାରୀ କହିଛନ୍ତି । ୧୫୦ ନମ୍ବର ବିଶିଷ୍ଟ ଏହି ପରୀକ୍ଷା ଓଏମ୍ଆରରେ ହେବ । ଓଏସ୍ଏସ୍‌ଟିଇଟିରେ ସାଧାରଣ ବର୍ଗର ପରୀକ୍ଷାର୍ଥୀଙ୍କ ଲାଗି ପାସ୍ ମାର୍କ ୬୮ ନମ୍ବର ରହିଛି । ଏସ୍‌ସି, ଏସ୍‌ଟି, ଶାରୀରିକ ଭିନ୍ନକ୍ଷମଙ୍କ ପାଇଁ ପାସ୍ ମାର୍କ ୫୩ ରହିଛି। ପେପର-୧, ପେପର-୨ ପରୀକ୍ଷା ଲାଗି ସମାନ ମାର୍କ ରହିଛି । ସୂଚନାଯୋଗ୍ୟ, ଓଏସ୍ଏସ୍‌ଟିଇଟି ଆବେଦନ ପାଇଁ ଗତ ନଭେମ୍ବର ୧୯ରୁ ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ ରହିଥିଲା ।

## ବୈକୁଣ୍ଠଧାମ ଆଶ୍ରମର ସାଙ୍ଘାତିକ କାରସାଦି : ହାଇକୋର୍ଟଙ୍କୁ ବି ଭୂତାଇ ଦେଲା

# ନକଲି ଚିଠି ଦେଖାଇ ୧୨ ଯାଏ ଆଣିଛନ୍ତି ଉଚ୍ଛେଦ ରହିତାଦେଶ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସ୍କୁଲ ଓ ଗଣଶିକ୍ଷା ବିଭାଗର ଚିଠି ନଂ ୨୧୦୬୫ । ଯାହାକି ଗଞ୍ଜାମ ଜିଲ୍ଲା ବୁଗୁଡ଼ା ବିଇଓ ଅଫିସରେ ଥିବା ସିନିଅର ଆସିଷ୍ଟାଣ୍ଟଙ୍କୁ ଲେଖାଯାଇଛି । ଗଣଶିକ୍ଷା ବିଭାଗ ଲେଖିଥିବା ଏହି ଚିଠି ନଂକୁ ନକଲ କରିଛି ଘାଟିକିଆରେ ଥିବା ବିବାଦୀୟ ବୈକୁଣ୍ଠଧାମ ସେବାଶ୍ରମ । ଖାଲି ନକଲ କରିନାହାନ୍ତି, ସେହି ଚିଠିକୁ ହାଇକୋର୍ଟରେ ଦାଖଲ ବି କରିଛନ୍ତି । ବାସ୍ତବରେ ସେମିତି କୌଣସି ଚିଠି ଗଣଶିକ୍ଷା ବିଭାଗ ଲେଖିନି। ହାଇକୋର୍ଟ ସହ ସାଙ୍ଘାତିକ କାରସାଦି କରି ନକଲି ଚିଠି ଦାଖଲ କରିଛି ବୈକୁଣ୍ଠଧାମ ସେବାଶ୍ରମ। ଏହା ବଦଳରେ ହାଇକୋର୍ଟରୁ ଉଚ୍ଛେଦ ବିରୋଧରେ ରହିତାଦେଶ ବି ଆଣିଛି । ବୈକୁଣ୍ଠଧାମ ସେବାଶ୍ରମ ହାଇକୋର୍ଟରେ ଦାଖଲ କରିଥିବା ଚିଠିକୁ ସ୍କୁଲ ଓ ଗଣଶିକ୍ଷା ବିଭାଗ ଆଦୌ ସାଧାରଣ ପ୍ରଶାସନ ବିଭାଗକୁ ଲେଖିନି। ହେଲେ ନକଲି ଚିଠି ନଂ ପକାଇ ହାଇକୋର୍ଟରେ ଏହାକୁ ଦାଖଲ କରାଯାଇଛି । ଚିଠିକୁ ଅବିକଳ ନକଲ କରି ଏଥିରେ ବିଭାଗର ଲୋଗୋ ଓ ଅଧିକାରୀଙ୍କ ଦସ୍ତଖତ ରଖାଯାଇଛି । ଅଦାଲତଙ୍କୁ ଏଭଳି ବିଭ୍ରାନ୍ତିକର ଚିଠି ଦେଖାଇ ବେଆଇନ ଭାବେ ତିଆରି ଆଶ୍ରମ ବିରୋଧରେ ହୋଇଥିବା ଉଚ୍ଛେଦ ନିଷ୍ପତ୍ତି ଉପରେ ରହିତାଦେଶ ଆଣିଛି । ଖୋଦ୍ ସ୍କୁଲ ଓ ଗଣଶିକ୍ଷା ବିଭାଗର ଜଣେ ବରିଷ୍ଠ ଅଧିକାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ ବୈକୁଣ୍ଠଧାମ ସେବାଶ୍ରମର ଏହି ଚଞ୍ଚକତାର ପର୍ଦ୍ଦାଫାସ କରିଛନ୍ତି । ହାଇକୋର୍ଟରେ ଦାଖଲ ହୋଇଥିବା ଚିଠିର ସତ୍ୟାସତ୍ୟ ଯାଞ୍ଚ ବେଳେ ଏହି ସତ ପଦାକୁ ଆସିଛି । ଘାଟିକିଆ ମୌଜାରେ ବେଆଇନ ଭାବେ ତିଆରି ହୋଇଥିବା ଏହି ଆଶ୍ରମ ଭାଙ୍ଗିବାକୁ ବିଡିଏ କର୍ତ୍ତୃପକ୍ଷ ଗତ ନଭେମ୍ବର ୨୦ ତାରିଖରେ ନିଷ୍ପତ୍ତି ନେଇଥିଲେ । ବିଡିଏ, ଜିଏ, ବିଏମ୍‌ସି ଓ କମିଶନରେଟ ପୁଲିସର କେନ୍ଦ୍ରୀୟ ଏନ୍‌ଫୋର୍ସମେଣ୍ଟ କମିଟି ଏହାକୁ ଭାଙ୍ଗିବ ବୋଲି ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ଏନ୍‌ଫୋର୍ସମେଣ୍ଟ ଟିମ୍ ଆଶ୍ରମକୁ ଯାଇ ଜିନିଷପତ୍ର ଖାଲି କରିବାକୁ ମାଇକ୍ ଯୋଗେ ଘୋଷଣା କରିଥିଲା । ବିଡିଏର ଉଚ୍ଛେଦ ନିଷ୍ପତ୍ତିକୁ ଚାଲେଞ୍ଜ କରି ଗତ ୨୦ ତାରିଖରେ ତରବରିଆ ଭାବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା ବୈକୁଣ୍ଠଧାମ ସେବାଶ୍ରମ ଟ୍ରଷ୍ଟ। ହାଇକୋର୍ଟ ମାମଲାକୁ ଗ୍ରହଣ କରି ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କରିଥିଲେ। ଏଥିସହ ବୈକୁଣ୍ଠନାଥ ଆଶ୍ରମ ତଥା ଘାଟିକିଆ ମୌଜାର ଖାତା ନଂ ୨୩୩୩ ପ୍ଲଟ୍ ନଂ ୧୨୧୫ ଉପରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବନି ବୋଲି ହାଇକୋର୍ଟ ଅନ୍ତରୀଣ ଆଦେଶ ଦେଇଥିଲେ । ଡିସେମ୍ବର ୧୨ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ସମୟ ଧାର୍ଯ୍ୟ ହୋଇଥିଲା। ହାଇକୋର୍ଟରେ ଶୁଣାଣି ସମୟରେ ଆଶ୍ରମ ପକ୍ଷରୁ ସ୍କୁଲ ଓ ଗଣଶିକ୍ଷା ବିଭାଗର ଚିଠି ନଂ ୨୧୦୬୫ ଦାଖଲ କରାଯାଇଥିଲା। ସେହି ନିର୍ଦ୍ଦିଷ୍ଟ ଚିଠି ବିଭାଗର ଯୁଗ୍ମସଚିବ ସାଧାରଣ ପ୍ରଶାସନ ବିଭାଗ ଅଧୀନରେ ଥିବା ଇଷ୍ଟେଟ୍ ନିର୍ଦ୍ଦେଶକଙ୍କୁ ଲେଖିଥିଲେ ବୋଲି ଦର୍ଶାଯାଇଛି । ଏଥିରେ ବୈକୁଣ୍ଠଧାମ ସେବାଶ୍ରମ ଟ୍ରଷ୍ଟକୁ ଘାଟିକିଆ ମୌଜାର ଖାତା ନଂ ୨୩୩୩ର ପ୍ଲଟ୍ ନଂ ୧୨୧୫(ପାର୍ଟ) ଜମି ଆବଣ୍ଟନ କରିବାକୁ ସୁପାରିଶ କରାଯାଇଛି । ଡିଭୋସନାଲ ଯୋଗ ସ୍କୁଲ ଏହି ଜମିରେ ସ୍କୁଲ ତିଆରି କରି ପିଲାଙ୍କୁ ପାଠ ପଢ଼ାଇବାକୁ ଚାହୁଁଛି । ଏଥିପାଇଁ ଚିଠିରେ ବୈକୁଣ୍ଠଧାମ ସେବାଶ୍ରମ ଟ୍ରଷ୍ଟ ନାଁରେ ଜମି ଆବଣ୍ଟନ କରିବାକୁ ଇଷ୍ଟେଟ୍ ନିର୍ଦ୍ଦେଶକଙ୍କୁ ସୁପାରିଶ କରାଯାଇଛି । ଏହି ଚିଠି ବଳରେ ଆଶ୍ରମ ହାଇକୋର୍ଟରେ ଯୁକ୍ତି କରିଥିଲା ଯେ, ଏହି ସ୍କୁଲ ପିଲାଙ୍କ ପାଠ ପଢ଼ାରେ ବ୍ୟବହାର ହେଉଛି । ଖୋଦ୍ ସ୍କୁଲ ଓ ଗଣଶିକ୍ଷା ବିଭାଗ ଏ ନେଇ ଅବଗତ ଅଛି ଓ ଜାଗା ଦେବାକୁ ସୁପାରିଶ କରିଛି । ହାଇକୋର୍ଟ ମଧ୍ୟ ଏହି ଯୁକ୍ତିକୁ ବିଚାରକୁ ନେବା ସହିତ ଗଣଶିକ୍ଷା ବିଭାଗର ଚିଠି ଆଧାରରେ ଆଶ୍ରମ ଉଚ୍ଛେଦ ଉପରେ ରୋକ୍ ଲଗାଇଛନ୍ତି । କିନ୍ତୁ ଏହି ଚିଠିର ପଛର ସତ ପୂରା ଓଲଟା । ଏଭଳି କୌଣସି ଚିଠି ବିଭାଗ ପକ୍ଷରୁ କରାଯାଇନି। ଯେଉଁ ଚିଠି ନଂ ହାଇକୋର୍ଟରେ ଦାଖଲ ହୋଇଛି ସେହି ଚିଠି ନଂରେ ଗଞ୍ଜାମ ଜିଲ୍ଲା ବୁଗୁଡ଼ା ବିଇଓଙ୍କ ଅଧୀନରେ ଥିବା ସିନିଅର ଆସିଷ୍ଟାଣ୍ଟ ଭାସ୍କର ଚନ୍ଦ୍ର ସାହୁଙ୍କୁ ଚିଠି କରାଯାଇଛି । ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ବାବଦରେ ହୋଇଥିବା ଖର୍ଚ୍ଚ ରାଶିର ଆରସିଏମ କ୍ଲେମ୍ ସମ୍ବନ୍ଧୀୟ ବିଷୟରେ ଶ୍ରୀ ସାହୁଙ୍କୁ ଏହି ନିର୍ଦ୍ଦିଷ୍ଟ ଚିଠି ନଂରେ ସ୍କୁଲ ଓ ଗଣଶିକ୍ଷା ବିଭାଗର ଉପସଚିବ ମହେନ୍ଦ୍ର କୁମାର ପଣ୍ଡା ଗତ ଅଗଷ୍ଟ ମାସ ୨୨ ତାରିଖରେ ଚିଠି କରିଥିଲେ । କିନ୍ତୁ ଏହି ଚିଠି ନଂକୁ ନକଲ କରି ବୈକୁଣ୍ଠଧାମ ସେବାଶ୍ରମ ହାଇକୋର୍ଟରେ ନକଲି ଚିଠି ଦାଖଲ କରିଥିବା ଅଭିଯୋଗ ହୋଇଛି ।

# ଚିଲିକା ଶୋଭା ବଢ଼ାଉଛନ୍ତି ଅତିଥି ପକ୍ଷୀ : ନଳବଣକୁ ଆସିଛନ୍ତି ୨.୧୯ ଲକ୍ଷ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

'ଉତ୍କଳ କମଳା ବିଳାସ ଦୀର୍ଘିକା, ମରାଳ ମାଳିନୀ ନୀଳାମ୍ବୁ ଚିଲିକା' ଅପରୂପ ସୌନ୍ଦର୍ଯ୍ୟରେ ଭରା ଚିଲିକା। ପ୍ରକୃତିର ଅପୂର୍ବ ଶୋଭାରାଜି ସହ ରଙ୍ଗବେରଙ୍ଗ ବିଦେଶୀ ପକ୍ଷୀଙ୍କ ସମାଗମ ଚିଲିକାକୁ ଆହୁରି ସୁନ୍ଦର କରୁଛି । କିଚିରି ମିଚିରି କଳରବରେ ମୁଖରିତ ହୋଇ ଉଠିଛି ଚିଲିକା । ତେବେ ଏମାନଙ୍କ ସୁରକ୍ଷା ଲାଗି ବନ ବିଭାଗ ପକ୍ଷରୁ କଡ଼ା ନଜର ରଖାଯାଇଛି । ଚିଲିକା ଭ୍ରମଣ ସହ ବିଦେଶାଗତ ପକ୍ଷୀଙ୍କୁ ଦେଖିବା ନିମନ୍ତେ ଦେଶ ବିଦେଶରୁ ଦୈନିକ ହଜାର ହଜାର ପର୍ଯ୍ୟଟକଙ୍କ ଭିଡ଼ ଜମୁଛି । ପର୍ଯ୍ୟଟକମାନେ ମେସିନ୍ ଚାଳିତ ଡଙ୍ଗା ଓ ସ୍ପିଡ୍ ବୋଟ୍ ସାହାଯ୍ୟରେ ସାତପଡ଼ା, ବାଲୁଗାଁ, ବଡ଼କୁଳ ରମ୍ଭା, କୃଷ୍ଣପ୍ରସାଦ ଓ ଚନ୍ଦ୍ରାପୁଟ ଦେଇ ଚିଲିକା ଭ୍ରମଣରେ ଆସୁଥିବା ଦେଖିବାକୁ ମିଳିଛି । ପୂର୍ବ ବର୍ଷ ଅପେକ୍ଷା ଏଥର ପକ୍ଷୀ ସଂଖ୍ୟା ବୃଦ୍ଧି ପାଇବ ବୋଲି ବନ ବିଭାଗ ଆକଳନ କରୁଛି । ଶୀତ ଋତୁର ଆଗମନରେ ବରଫପ୍ଲାବିତ ଆଫଗାନିସ୍ଥାନ, କାଜାକିସ୍ଥାନ, ହିମାଳୟ, ମାଲେସିଆ, ସାଇବେରିଆ, ମଙ୍ଗୋଲିଆ, ଲଦାଖ, ଇରାନ୍, ଇରାକ, ରୁଷ ଆଦି ଅଞ୍ଚଳରୁ ପକ୍ଷୀମାନେ ଗଞ୍ଜାମ, ଖୋର୍ଦ୍ଧା ଓ ପୁରୀ ଜିଲ୍ଲା ଅଧୀନ ଚିଲିକାକୁ ଆସିଥାନ୍ତି । ପକ୍ଷୀମାନେ ମାଇଲ୍ ମାଇଲ୍ ଦୂର ଅତିକ୍ରମ କରି ଚିଲିକାରେ ପହଞ୍ଚିବା ପରେ କ୍ଳାନ୍ତ ହୋଇ ଗାଁ ଗହଳିରେ ଥିବା ଧାନ ବିଲରେ ଲୁକ୍କାୟିତ ଅବସ୍ଥାରେ ରହି ଆହାର ସଂଗ୍ରହ କରନ୍ତି । ଏହି ସମୟରେ ଶିକାରୀମାନେ ସକ୍ରିୟ ହୋଇଥାନ୍ତି । ପକ୍ଷୀଙ୍କ ସୁରକ୍ଷା ନିମନ୍ତେ ବନ ବିଭାଗ ତରଫରୁ ୨୪ ଘଣ୍ଟିଆ ପହରା ଦିଆଯାଉଛି । ନଳବଣ ଚତୁଃପାର୍ଶ୍ୱକୁ ସୁରକ୍ଷାକର୍ମୀମାନେ ଜଗି ରହିଛନ୍ତି । ବିଦେଶାଗତ ପକ୍ଷୀମାନେ ବାଲୁଗାଁ, ରମ୍ଭା ଚିଲିକା ନୂଆପଡ଼ା ଓ ସାତପଡ଼ା ରେଞ୍ଜ ଅଧୀନ ଚିଲିକାରେ ବିଚରଣ କରିଥାନ୍ତି । ସେମାନେ ମେଳିବାନ୍ଧି ସନ୍ଧ୍ୟା ସମୟରେ ଭି ଓ ୟୁ ଉପତ୍ୟକାରେ ଆକାଶମାର୍ଗରେ ଘୂରି ବୁଲୁଥିବାରୁ ପକ୍ଷୀଙ୍କ ଗତିବିଧି ଅନୁସରଣ କରି ପର୍ଯ୍ୟଟକମାନେ ଉତ୍ସାହିତ ହୋଇଥାନ୍ତି । ଚଳିତ ବର୍ଷ ନଳବଣକୁ ୮୨ ପ୍ରଜାତିର ୨ ଲକ୍ଷ ୧୯ ହଜାର ୩୦୦ ପକ୍ଷୀ ଆସିଛନ୍ତି । ଏମାନେ ଗୋଡ଼ାବାଟ, ଗାହାଣେଶ୍ୱର, ମଏଁସାକୁଦ ଓ ଚତରା, ପାଦ, ମଧୁବନ, ତେଣ୍ଟାଧୁଆ, ମାଉଳି, କାଠପେଣ୍ଟ ଯମଳ, ଗୋଠପଡ଼ିଆ, ସୋଲାକୁଦି, ପାହାନାକୁଦା ଆଦି ଚିଲିକାକୂଳ ଗାଁରେ ଖାଦ୍ୟ ଅନ୍ୱେଷଣରେ ବିଚରଣ କରୁଥିବା ବନବିଭାଗ ଠାରୁ ସୂଚନା ମିଳିଛି । ପକ୍ଷୀ ସୁରକ୍ଷା ଓ ଗତିବିଧି ଅନୁକରଣ ନିମନ୍ତେ ବାଲୁଗାଁ ବନାଞ୍ଚଳ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅମ୍ଳାନ କୁମାର ନାୟକଙ୍କ ନିର୍ଦ୍ଦେଶକ୍ରମେ ବନାଞ୍ଚଳ ଅଧିକାରୀ କାଶୀନାଥ ହେମ୍ବ୍ରମ, ରଶ୍ମିତା ଜେନା, ଶରତ କୁମାର ଜାନିଙ୍କ ନେତୃତ୍ୱରେ ଚିଲିକାରେ ଡ୍ରୋନ୍ କ୍ୟାମେରାକୁ ନିୟୋଜିତ କରାଯାଇଛି । ଗ୍ରାମବାସୀଙ୍କୁ ପକ୍ଷୀ ସୁରକ୍ଷା ସଚେତନତା ବାର୍ତ୍ତା ଦିଆଯାଉଛି । ନଳବଣର ପକ୍ଷୀ ସଂଖ୍ୟାକୁ ଦୈନିକ ଡ୍ରୋନ୍ ଓ ବାଇନାକୁଲାର ମାଧ୍ୟମରେ ଆକଳନ କରାଯାଉଥିବା ସହକାରୀ ବନ ସଂରକ୍ଷକ ଶତାବ୍ଦୀ ମିଶ୍ର ଓ ପ୍ରମୋଦ କୁମାର ସେଠୀ ସୂଚନା ଦେଇଛନ୍ତି । ଚିଲିକାରେ କମନ ଟିଲ, ନର୍ଦ୍ଦମ ପିଣ୍ଟେଲ, ପିଣ୍ଟେଡ ଷ୍ଟୋକ, ରେଡ ସାଙ୍କ, ଉଡ଼ସାଣ୍ଡ ପିପର, ଗ୍ଲସି ଆଇବିଶି, ୟୁରାସିଆନ କାର୍ଲ୍ୟୁ, ହୁଇମ ବ୍ରେଲ, ଫିଜାଣ୍ଟଟେଲ ଜାକାନା, ବ୍ରୋଞ୍ଜ ଉଇଣ୍ଡ ଜାକାନା, ଇଣ୍ଡିଆନ ରିଭର ଟର୍ନ, ହୁଇସ୍କ ଟର୍ନ, ବ୍ଲାକ ହେଡେଡ୍ ଆଇବିଶି, ଗ୍ରେ ହେରେନ (ରଙ୍ଗିନା ବଗ), କ୍ୟାଟେଲ ଇଗ୍ରେଟ, ଲିଟିଲ ଇଗ୍ରେଟ, ମିଡିୟମ ଲାର୍ଜ ଇଗ୍ରେଟ ଆଦି ପ୍ରଜାତିର ପକ୍ଷୀ ଆସିଛନ୍ତି । ଏମାନଙ୍କ ମଧ୍ୟରୁ ଗ୍ରେଟର ଫ୍ଲେମିଙ୍ଗୋ(ଏରା)ପକ୍ଷୀ ପର୍ଯ୍ୟଟକଙ୍କ ମନ ମୋହୁଛି । ବିଦେଶାଗତ ପକ୍ଷୀଙ୍କ କାକକଳେରବରେ ସୌନ୍ଦର୍ଯ୍ୟମୟୀ ଚିଲିକା ଉତ୍ସବମୁଖର ହୋଇଉଠୁଛି । ଚିଲିକା ମଧ୍ୟସ୍ଥ ପାହାଡ଼ ଉପରେ ଥିବା ଅଧିଷ୍ଠାତ୍ରୀ ଦେବୀ ମା' କାଳିଜାଇଙ୍କ ଦର୍ଶନ ଓ ଆଶୀର୍ବାଦ ନିମନ୍ତେ ପର୍ଯ୍ୟଟକ ଓ ଭକ୍ତଙ୍କ ଭିଡ଼ ଜମୁଛି । ବନପାଳ ରଶ୍ମୀରଞ୍ଜନ ନାୟକ, ବିଶ୍ୱନାଥ ଟୁଡୁ, ଜିତେନ୍ଦ୍ର ଜେନା, ଅର୍ଜୁନ ପ୍ରଧାନ, ପ୍ରଣବ ଜୟସିଂ, ବନରକ୍ଷୀ ଲକ୍ଷ୍ମଣ ବେହେରା, ତ୍ରିଲୋଚନ ମହାରଣା, ସତ୍ୟରଞ୍ଜନ ରଥ, ଆଲୋକ ବେହେରା, ଅରୁନ୍ଧତୀ ପୋଟା ପ୍ରମୁଖ ବିଭିନ୍ନ ଗ୍ରାମ ପରିଭ୍ରମଣ କରି ପକ୍ଷୀ ବିଚରଣ କରୁଥିବା ସ୍ଥାନ ଅନୁଧ୍ୟାନ କରିବା ସହ ସୁରକ୍ଷାକର୍ମୀଙ୍କୁ ନେଇ ଚିଲିକାରେ ରାତ୍ରକାଳୀନ କଡ଼ା ପାଟ୍ରୋଲିଂ କରୁଛନ୍ତି ।

# ରେଙ୍ଗାଲୀ ଡ୍ୟାମରୁ କଲରାପତରିଆ ବାଘର ମୃତ ଦେହ ଠାବ

**ଦେବଗଡ଼, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ କଲରା ପତିଆ ବାଘର ମୃତ୍ୟୁ ସଂଖ୍ୟା ବଢିବାରେ ଲାଗିଛି । ଏକାଧିକ ସ୍ଥାନରେ କଲରାପତରିଆର ମୃତ୍ୟୁ ହୋଇଥିବା ଖବର ଗଣମାଧ୍ୟମକୁ ଆସୁଛି । ଏହି କ୍ରମରେ ଦେବଗଡ଼ ନିକଟସ୍ଥ ରେଙ୍ଗାଳୀ ଡ୍ୟାମ ଜଳ ଭଣ୍ଡାର ମଧ୍ୟରୁ କଲରାପତରିଆ ବାଘର ମୃତଦେହ ଠାବ। ଦେବଗଡ ଜିଲ୍ଲା ରିଆମାଳ ରେଞ୍ଜ ନୂଆଡିହି ସେକ୍ସନ ଅନ୍ତର୍ଗତ କଣ୍ଡିମାଳ ଗ୍ରାମ ନିକଟରେ ପାଣିରେ ଭାସୁଥିବା ଅବସ୍ଥାରେ କଲରାପତରିଆ ବାଘର ମୃତଦେହ ଠାବ କରାଯାଇଛି। ସୂଚନା ଅନୁଯାୟୀ, ମତ୍ସ୍ୟଜୀବୀ ମାନେ ରେଙ୍ଗାଲୀ ଡ୍ୟାମରେ ମାଛ ମାରୁଥିବା ବେଳେ ବାଘର ମୃତଦେହ ଭାସୁଥିବାର ଦେଖି ଜଙ୍ଗଲ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଦେବଗଡ ଡିଏଫଓ ମଗର ଧାନଜୀ ରାଓ ଅଧିକାରୀ ଓ କର୍ମଚାରୀମାନଙ୍କ ସହ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ପାଣି ମଧ୍ୟରୁ ମୃତଦେହ ବାହାରକୁ ଆଣିବାକୁ ପ୍ରୟାସ ଚାଲିଛି। ମୃତଦେହ ଉଦ୍ଧାର ଓ ବ୍ୟବଚ୍ଛେଦ ପରେ ବାଘ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ। ତେବେ ବାଘଟିର କିଭଳି ମୃତ୍ୟୁ ହେଲା କେଉଁ ଆଡୁ ଭାସି ଆସିଛି ତାହା ବର୍ତ୍ତମାନ ପର୍ଯ୍ୟନ୍ତ ଜଣାପଡିନାହିଁ। ସୂଚନାଯୋଗ୍ୟ, ସମ୍ବଲପୁର ପ୍ରାଣୀ ଉଦ୍ୟାନରେ କଲରାପତରିଆ ବାଘ ରାଣୀର ମୃତ୍ୟୁ ହୋଇଥିଲା। ଗର୍ଭାଶୟରେ ହୋଇଥିବା ସଂକ୍ରମଣ ଯୋଗୁଁ ଶରୀରର ବିଭିନ୍ନ ଅଙ୍ଗ ପ୍ରଭାବିତ ହୋଇ ରାଣୀର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ଗତ ୩ ବର୍ଷରେ ରାଜ୍ୟରେ ୪୩ କଲରା ପତରିଆ ବାଘଙ୍କ ବିଭିନ୍ନ କାରଣରୁ ମୃତ୍ୟୁ ଘଟିଥିବା ଗୃହରେ ସୂଚନା ଦେଇଥିଲେ ରାଜ୍ୟ ସରକାର।

# ସମ୍ବଲପୁର ଜୁ'ରେ ବାଘୁଣୀ ରାନୀର ମୃତ୍ୟୁ : ଗର୍ଭାଶୟରେ ସଂକ୍ରମଣ ଯୋଗୁଁ ଚାଲିଥିଲା ଚିକିତ୍ସା

**ସମ୍ବଲପୁର, ନ୍ୟୁଜ ବ୍ୟୁରୋ**

ସମ୍ବଲପୁର ଚିଡିଆଖାନା ବା ସମ୍ବଲପୁର ଜୁ'ରେ ବାଘୁଣୀର ମୃତ୍ୟୁ। ବାଘୁଣୀ ରାନୀର ମୃତ୍ୟୁ ହୋଇଛି । ସୂଚନାଯୋଗ୍ୟ ଯେ, ସମ୍ବଲପୁର ଜୁ'ରେ ବାଘୁଣୀ ରାନୀର ଚିକିତ୍ସା ଚାଲିଥିଲା। ଗର୍ଭାଶୟରେ ସଂକ୍ରମଣ ଚିହ୍ନଟ ହେବା ପରେ ରାନୀର ଚିକିତ୍ସା କରାଯାଉଥିଲା । ତେବେ ଚିକିତ୍ସାଧିନ ଅବସ୍ଥାରେ ତାର ମୃତ୍ୟୁ ଘଟିଛି । ପୂର୍ବରୁ ନୂଆପଡାରୁ ଆସିଥିବା ବାଘ ସାଙ୍ଗରେ ରାନୀର ମିଳନ ହୋଇଥିଲା । ଡିସେମ୍ବର ତୃତୀୟ ସପ୍ତାହରେ ଗର୍ଭ ପରୀକ୍ଷା ହୋଇଥାନ୍ତା ବୋଲି ସୂଚନା ମିଳିଛି ।



# ୧୦ ଦିନ ହେବ ଆଳୁ ଦର ଆକାଶ ଛୁଆଁ : ୪୦ ଟଙ୍କା ତଳକୁ ଖସି ପାରିଲାନାହିଁ



**କଟକ, ନ୍ୟୁଜ ବ୍ୟୁରୋ**

ବି ପରିବା ମାର୍କେଟ୍‌ରେ ଆଳୁର କିଲୋ ପ୍ରତି ଦର ରହିଛି ୪୦ ଟଙ୍କା । ବିଗତ ୧୦ ଦିନ ହେବ ଆଳୁ ଦର ଆକାଶ ଛୁଆଁ ହୋଇଥିବା ବେଳେ ୪୦ ଟଙ୍କା ତଳକୁ ଖସି ପାରିଲାନାହିଁ। କଟକ ସହରର ମୁଖ୍ୟ ପରିବା ହାଟ ଛତ୍ରବଜାର ଅର୍ବାନ ହାଟରେ ଉଭୟ ଉତ୍ତର ପ୍ରଦେଶ ଓ ପଶ୍ଚିମବଙ୍ଗର ଆଳୁ ବିକ୍ରି ହେଉଥିବା ବେଳେ ପଶ୍ଚିମବଙ୍ଗର ଆଳୁର ଅଧିକ ଚାହିଦା ରହିଛି। ତେବେ ଉଭୟ ଆଳୁ କିଲୋ ପିଛା ସମାନ ଦରରେ ବିକ୍ରି ହେଉଛି । ଗୋଟିଏ ମାସ ମଧ୍ୟରେ ଆଳୁ ୩୦ ଟଙ୍କାରୁ ଯାଇ ୭୦ ଟଙ୍କାରେ ପହଞ୍ଚିଥିଲା । ଅବଶ୍ୟ ବର୍ତ୍ତମାନ ଟିକିଏ କମ୍ ରହିଛି ହେଲେ ଉଭୟ ବ୍ୟବସାୟୀ ଓ ଖାଉଟିମାନଙ୍କୁ ଚିନ୍ତାରେ ପକାଇ ଦେଇଛି । ବର୍ତ୍ତମାନ ସମୟରେ କଟକ ଛତ୍ରବଜାରରେ ୫ରୁ ୬ଟି ଟ୍ରକ୍ ଆଳୁ ଆସି ପହଞ୍ଚିଥିଲେ ସୁଦ୍ଧା ଦରରେ କୌଣସି ସୁଧାର ଆସିନାହିଁ । ଯେହେତୁ ଦୈନନ୍ଦିନ ଜୀବନରେ ଆଳୁର ଆବଶ୍ୟକତା ରହିଛି ସେଥିପାଇଁ ଆଳୁକୁ ଏତେ ଟଙ୍କାରେ କିଣୁଥିବା ବେଳେ ଚିନ୍ତା ବଢ଼ାଇଛି ଗୃହିଣୀଙ୍କର। ସେହିଭଳି ଆଳୁ ହୋଟେଲରେ ନିହାତି ଦରକାର ଥିବା ବେଳେ ବର୍ତ୍ତମାନ ଅଧିକ ୭୦୦ ଟଙ୍କା ଦେଇ କିଣୁଥିବା ବେଳେ ଘାଟା ସହୁଥିବା ହୋଟେଲ ବ୍ୟବସାୟୀ କହିଛନ୍ତି । ଅନ୍ୟପଟେ ଯେତିକି ଦରରେ କିଣାଯାଇଛି ବାସ କିଛି ଲାଭ ରଖି ବ୍ୟବସାୟ କରୁଥିବା ଆଳୁ ବ୍ୟବସାୟୀ କହିଛନ୍ତି ।

# ମହଙ୍ଗା ମାଡ଼ରେ କଳବଳ ଜୀବନ : ଚାହିଁ ବସିଛନ୍ତି ୪୫ ଲକ୍ଷ ହିତାଧିକାରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମହଙ୍ଗା ମାଡରେ କଳବଳ ଲୋକେ। ଆଳୁ, ପିଆଜ, ଡାଲି, ତେଲରୁ ଆରମ୍ଭ କରି ପନିପରିବା ଯାହାକୁ ହାତ ମାରିଲେ ଲାଗୁଛି ଝଟ୍‌କା । ଆଉ ବାର୍ଦ୍ଧକ୍ୟ ଭତ୍ତା ଯାହା ମିଳୁଛି, ସମୁଦ୍ରକୁ ଶଙ୍ଖେ । ଯାହାକୁ ନେଇ ଛଟପଟ ହିତାଧିକାରୀ। ପଡ଼ୋଶୀ ଆନ୍ଧ୍ର ଦେଉଛି ୪ ହଜାର । ଓଡ଼ିଶାରେ ମାତ୍ର ୧ ହଜାର । କେବେ ବଢ଼ିବ ବାର୍ଦ୍ଧକ୍ୟ ଭତ୍ତା ଚାତକ ଭଳି ଚାହିଁ ରହିଛନ୍ତି ରାଜ୍ୟର ପ୍ରାୟ ୪୫ ଲକ୍ଷ ବୁଢ଼ାବୁଢ଼ୀ । ସରକାର କ୍ଷମତାକୁ ଆସିବା ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲେ ଭତ୍ତା ବଢ଼ିବ। ମାସିକ ମିଳିବ ୩ ହଜାର । ହେଲେ ୫ ମାସ ପରେ ବି ଏ ସଂପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନେଇ ପାରିନାହାନ୍ତି । ଏହାଛଡ଼ା ୮୦ ବର୍ଷରୁ ଊର୍ଦ୍ଧ୍ୱ ଏବଂ ଭିନ୍ନକ୍ଷମ ହିତାଧିକାରୀଙ୍କୁ ୩୫୦୦ ଟଙ୍କା ଭତ୍ତା ମିଳିବ ବୋଲି ଗତ ଜୁଲାଇ ମାସର ବଜେଟରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ଏଯାଏଁ କିନ୍ତୁ ବର୍ଦ୍ଧିତ ଭତ୍ତା ମିଳିନି । ଏହାକୁ ନେଇ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଅନ୍ୟପକ୍ଷରେ ବଜାର ଦର ବଢୁଛି ହୁ ହୁ। ଆଳୁ, ପିଆଜ, ଡାଲି, ତେଲରୁ ଆରମ୍ଭ କରି ପନିପରିବା ଯାହାକୁ ହାତ ମାରିଲେ ଲାଗୁଛି ଝଟ୍‌କା । ବାର୍ଦ୍ଧକ୍ୟ ଭତ୍ତା ଯାହା ମିଳୁଛି, ସମୁଦ୍ରକୁ ଶଙ୍ଖେ । ଛଟପଟ ହେଉଛନ୍ତି ରାଜ୍ୟର ଲକ୍ଷ ଲକ୍ଷ ବୁଢ଼ାବୁଢ଼ୀ। ଆହା କହିବାକୁ କେହି ନାହିଁ। ପଡ଼ୋଶୀ ରାଜ୍ୟରେ ଭତ୍ତା ପରିମାଣ ଢେର ଅଧିକ ଅଛି । ଆମ ରାଜ୍ୟରେ କିନ୍ତୁ ଏହାର ପରିମାଣ ହଜାରେ ଟଙ୍କାରେ ସୀମିତ ଅଛି । ବୃଦ୍ଧାବସ୍ଥାରେ ମାତ୍ର ହଜାରେ ଟଙ୍କାରେ ଜୀବନ କାଟିବା କଷ୍ଟକର ହେଉଛି । ସରକାର ବାସ୍ତବତାକୁ ବିଚାରକୁ ନେଇ ଶୀଘ୍ର ବାର୍ଦ୍ଧକ୍ୟ ଭତ୍ତାକୁ ୩ ହଜାର ଟଙ୍କାକୁ ବୃଦ୍ଧି କରିବାକୁ ଦାବି ଜୋର ଧରିଲାଣି । ବାର୍ଦ୍ଧକ୍ୟ ଭତ୍ତା ନିୟମ-୧୯୮୯ ଏବଂ ଭିନ୍ନକ୍ଷମ ଭତ୍ତା ନିୟମ-୧୯୮୫କୁ ମିଶାଇ ଓଡ଼ିଶା ସରକାର ମଧୁବାବୁ ପେନ୍‌ସନ୍ ଯୋଜନା ୨୦୦୮ରେ ଆରମ୍ଭ କରିଥିଲେ । ଏହି ଯୋଜନାରେ ଗରିବ ବରିଷ୍ଠ ନାଗରିକ, ବିଧବା ଓ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ମାସିକ ଭତ୍ତା ଦିଆଯାଉଛି । ଏଥିରେ ଯଥାକ୍ରମେ ୧୦୦୦, ୧୨୦୦ ଓ ୧୪୦୦ ଟଙ୍କା ମିଳୁଛି । ୨୦୧୯ ପରେ ଗତ ଫେବ୍ରୁଆରୀ ମାସରେ ଏହି ଭତ୍ତା ପରିମାଣ ବଢ଼ି ଏତିକି ଛୁଇଁଛି । ମାତ୍ର ଅନ୍ୟ ରାଜ୍ୟ ତୁଳନାରେ ଏହା ଯଥେଷ୍ଟ କମ୍ । ଆନ୍ଧ୍ରପ୍ରଦେଶ ସରକାର ବରିଷ୍ଠ ନାଗରିକ ଓ ବିଧବାମାନଙ୍କୁ ମାସିକ ୪ ହଜାର ଟଙ୍କା ଭତ୍ତା ପ୍ରଦାନ କରୁଛନ୍ତି । ଭିନ୍ନକ୍ଷମ ବ୍ୟକ୍ତିଙ୍କ ଭତ୍ତା ୩୦୦୦ରୁ ୬ ହଜାର ଟଙ୍କାକୁ ବଢ଼ିଛି । ଚଣ୍ଡିଗଡ଼ରେ ଏହି ୩ ବର୍ଗର ବ୍ୟକ୍ତିଙ୍କୁ ୨୦୦୦ ଟଙ୍କା, ଦିଲ୍ଲୀରେ ୨୦୦୦ ଟଙ୍କା (୭୦ବର୍ଷ କିମ୍ବା ତଦୁର୍ଦ୍ଧ୍ୱ ୨୫୦୦ ଟଙ୍କା), ହରିୟାଣାରେ ୨୭୫୦ ଟଙ୍କା, କେରଳରେ ୧୪୦୦ ଟଙ୍କା ମାସିକ ଭତ୍ତା ଦିଆଯାଉଛି । ଉତ୍ତରାଖଣ୍ଡ ଓ ପଞ୍ଜାବରେ ହିତାଧିକାରୀମାନଙ୍କୁ ୧୫୦୦ ଟଙ୍କା ଲେଖାଏଁ ମିଳୁଛି । ଓଡ଼ିଶାରେ ନିୟମିତ ବ୍ୟବଧାନରେ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ବଢୁଛି । ଏଠି ମାସିକ ୧୦୦୦ ଟଙ୍କାରେ ଜଣେ ବ୍ୟକ୍ତିଙ୍କ ଭୋକ କେମିତି ମେଣ୍ଟିବ ବୋଲି ପ୍ରଶ୍ନ ଉଠୁଛି। ବିଜେପି କ୍ଷମତାକୁ ଆସିଲେ ବୟସ୍କ, ଦିବ୍ୟାଙ୍ଗ, ବିଧବା, ନିରାଶ୍ରୟଙ୍କୁ ମାସିକ ୩ ହଜାର ଟଙ୍କା ଭତ୍ତା ବା ପେନ୍‌ସନ ମିଳିବ । ୮୦% ଅକ୍ଷମ ଥିବା ଦିବ୍ୟାଙ୍ଗ ଓ ୮୦ ବର୍ଷରୁ ଅଧିକ ବୟସ୍କଙ୍କୁ ୩୫୦୦ ଲେଖାଏଁ ମିଳିବ ମାସିକ ଭତ୍ତା । ଭୋଟ ପୂର୍ବରୁ ସଂକଳ୍ପପତ୍ରରେ ଏ ପ୍ରତିଶ୍ରୁତି ଦେଇଥିଲା ବିଜେପି । ସଂକଳ୍ପପତ୍ରରେ ବିଜେପି ଦେଇଥିବା ପ୍ରତିଶ୍ରୁତି ମଧ୍ୟରୁ ଧାନ ଏମ୍ଏସ୍‌ପି ଓ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ ହେଲାଣି। ସୁଭଦ୍ରାରେ ୬୦ ବର୍ଷ ଛୁଇଁଥିବା ମହିଳାମାନେ ସହାୟତା ପାଇବାରୁ ବଂଚିତ ହେଉଛନ୍ତି । ତେଣୁ ନୂଆ ସରକାର ଏ ଦିଗରେ ପଦକ୍ଷେପ ନେଇ ନିଜ ସଂକଳ୍ପ ପ୍ରତିଶ୍ରୁତି ପୂରଣ କରିବାକୁ ବରିଷ୍ଠ ନାଗରିକମାନେ ଅନୁରୋଧ କରିଛନ୍ତି । ରାଜ୍ୟ ସରକାର ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ସାମାଜିକ ସୁରକ୍ଷା ପେନ୍‌ସନ ବ୍ୟବସ୍ଥା କରିଛନ୍ତି। ଏଥିରେ ବରିଷ୍ଠ ନାଗରିକ, ବିଧବା, ଭିନ୍ନକ୍ଷମ, ଅବିବାହିତ ମହିଳା, ସୁସ୍ଥ ହୋଇଥିବା କୁଷ୍ଠ ରୋଗୀ, ଏଡ୍‌ସ ରୋଗୀ, ଛାଡ଼ପତ୍ର ପାଇଥିବା ମହିଳା, କିନ୍ନର, କୋଭିଡରେ ଅନାଥ ପିଲା ଓ ବିଧବାଙ୍କ ସହ ଅନ୍ୟାନ୍ୟ ଦୁର୍ବଳ ଶ୍ରେଣୀର ବ୍ୟକ୍ତିଙ୍କୁ ସାମିଲ କରାଯାଇଛି। ତେବେ ଗତ ୩ ବର୍ଷ ମଧ୍ୟରେ ରାଜ୍ୟରେ ପ୍ରାୟ ୯ ଲକ୍ଷ ବୟସ୍କ ଲୋକ ଭତ୍ତା ପାଇଁ ଅପେକ୍ଷା କରିଥିଲା ବେଳେ ମାତ୍ର ୫ ଲକ୍ଷ ୮୨ ହଜାର ବୁଢ଼ାବୁଢ଼ୀଙ୍କୁ ଭତ୍ତା ମଞ୍ଜୁର ହୋଇଛି । ଅନ୍ୟ ଆଶାୟୀମାନେ ଏଯାଏ ହତାଶ ହୋଇ ରହିଛନ୍ତି । ବର୍ତ୍ତମାନ ରାଜ୍ୟରେ ପ୍ରାୟ ୫୭ ଲକ୍ଷ ହିତାଧିକାରୀ ଭତ୍ତା ପାଉଛନ୍ତି। ମଧୁବାବୁ ପେନସନ ଯୋଜନାରେ ୩୬.୭୫ ଲକ୍ଷ ଏବଂ ଜାତୀୟ ପେନସନ ହିତାଧିକାରୀ ଅଛନ୍ତି ପ୍ରାୟ ୨୦ ଲକ୍ଷ ୩୩ ହଜାର ।



## ଓୟୁଏଟି ନିର୍ମିତ ଇଲେକ୍ଟ୍ରି ଯନ୍ତ୍ରର ତାଲିମ କାର୍ଯ୍ୟକ୍ରମ

# ଏକ ଘଣ୍ଟାରେ ୯୦ କେଜି ମାଣ୍ଡିଆ ଅମଳ ଓ ଚୋପା ଛଡାଯିବ




**ଜଗତସିଂହପୁର, ନ୍ୟୁଜ ବ୍ୟୁରୋ**
କୃଷି ବିଜ୍ଞାନ କେନ୍ଦ୍ର ଜଗତସିଂହପୁର ପରିସରରେ ଗ୍ରାମୀଣ ଯୁବକ ଓ ଯୁବତୀ ମାନଙ୍କ ନିମନ୍ତେ ଅମଳ ପରବର୍ତ୍ତୀ ପରିଚାଳନା ଓ ପକ୍ରୀୟାକରଣ ଉପରେ ଏକ ଦୁଇ ଦିନିଆ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କୃଷି ଓ ବୈଷୟିକ ମହାବିଦ୍ୟାଳୟ, ଓୟୁଏଟି, ଭୁବନେଶ୍ୱର ତରଫରୁ ପ୍ରଥମ ଦିନ ପ୍ରଫେସର୍ ଉମା ଶଙ୍କର ପାଲ ଯୋଗଦେଇ ଅମଳ ପରବର୍ତ୍ତୀ ଫସଲର ଯତ୍ନ ଓ ବିଭିନ୍ନ ମୂଲ୍ୟଯୁକ୍ତ ପଦାର୍ଥ ପ୍ରସ୍ତୁତି ନିମନ୍ତେ ଆଲୋଚନା କରିଥିଲେ । ଦିତୀୟ ଦିନରେ ଓୟୁଏଟି ସ୍ଥିତ ସର୍ବଭାରତୀୟ ସଂଯୋଜିତ ଯନ୍ତ୍ରପାତି ଗବେଷଣା ପ୍ରକଳ୍ପର ମୁଖ୍ୟ ଗବେଷକ ଡ଼ ପ୍ରଦୀପ୍ତ କୁମାର ସାହୁ ଯୋଗଦେଇ ଓୟୁଏଟି ଦ୍ୱାରା ନିର୍ମିତ ମାଣ୍ଡିଆ ଅମଳ ଓ ସଫା କରିବା ଯନ୍ତ୍ରର ବ୍ୟବାହର ଉପରେ ଯୁବ ଚାଷୀ ମାନଙ୍କୁ ଉଦବୋଧନ ଦେଇଥିଲେ । ଏହି ଯନ୍ତ୍ରଟି ଏକ ଅଶ୍ୱ ଶକ୍ତି କ୍ଷମତା ସମ୍ପନ୍ନ ଇଲେକ୍ଟ୍ରି ମୋଟର ସାହାଯ୍ୟରେ ଚାଲିଥାଏ । ଏହି ଯନ୍ତ୍ର ଦ୍ୱାରା ଘଣ୍ଟା ପ୍ରତି ୮୦-୯୦ କିଗ୍ରା ମାଣ୍ଡିଆ ଅମଳ କରାଯାଇ ପାରେ। ଏହାର ମୂଲ୍ୟ ଏକ ବର୍ଷ ୱାରେଣ୍ଟି ସହ ୮୯,୦୦୦ ଟଙ୍କା ଓ ତିନି ବର୍ଷ ୱାରେଣ୍ଟି ସହ ୧,୧୨,୮୦୦ ଟଙ୍କା ରହିଛି । ଓଡ଼ିଶା ସରକାରଙ୍କ ତରଫରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ନିମନ୍ତେ ଏହି ଯନ୍ତ୍ର ଉପରେ ଶତକଡା ୭୫% ଭାଗ ରିହାତି ଓ ଅନ୍ୟାନ୍ୟ ବର୍ଗ ନିମନ୍ତେ ୫୦% ରିହାତି ବ୍ୟବସ୍ଥା ରହିଛି । ଏହି ଦୁଇ ଦିନିଆ ତାଲିମ କାର୍ଯ୍ୟକ୍ରମଟିକୁ କୃଷି ବିଜ୍ଞାନ କେନ୍ଦ୍ର ଜଗତସିଂହପୁର କୃଷି ଯନ୍ତ୍ରପାତି ବୈଜ୍ଞାନିକ ଡ଼ ଦ୍ୱାରିକା ମୋହନ ଦାସ ପରିଚାଳନା କରିଥିଲେ ଓ ମାଣ୍ଡିଆ ଅମଳ ଯନ୍ତ୍ର ଚଳାଇ ଉପସ୍ଥିତ ଚାଷୀ ମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ଏହି ଅବସରରେ କୃଷି ବିଜ୍ଞାନ କେନ୍ଦ୍ର ଜଗତସିଂହପୁର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ଼ ଜୀବନଜିତ୍ ସେନ୍ ଯୋଗଦେଇ ଅମଳ ପରବର୍ତ୍ତୀ ବିଭିନ୍ନ ଯନ୍ତ୍ରପାତିର ବ୍ୟବହାର ଓ ପ୍ରକ୍ରିୟାକାରଣ ଦ୍ୱାରା ଯୁବକ ଚାଷୀ ଭାଇ ଓ ଭଉଣୀ ମାନେ ଲାଭବାନ ହୋଇପାରିବେ ବୋଲି ଉଦବୋଧନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗୃହ ବିଜ୍ଞାନ ବୈଜ୍ଞାନିକ ଶ୍ରୀମତୀ ସସ୍ମିତା ପୁରୋହିତ, ଫାର୍ମ ମ୍ୟାନେଜର ରବୀନ୍ଦ୍ର ପ୍ରଧାନ, ଡ଼ ବିଚ୍ଛିନ୍ନା ମୈତ୍ରି ରାଉତ, ଶ୍ରୀମତୀ ସରିତା ଦାସ, ବିଜୟିନୀ ସାହୁ ପ୍ରମୁଖ ସହଯୋଗ କରିଥିଲେ । ବେଠାନି ସାମାଜିକ ଅନୁଷ୍ଠାନ, ପାରାଦୀପ ତରଫରୁ ବିଭିନ୍ନ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ଐତିହାସିକ ଗୋହିରାଟିକିରିର ବିକାଶ ପାଇଁ ଜିଲ୍ଲା ପ୍ରଶାସନର ଚିଠି

# ଓଡ଼ିଆ ସଂସ୍କୃତିକୁ ଗୌରବାନ୍ୱିତ ସ୍ଥାନ ଅବହେଳିତ ଅବସ୍ଥାରେ ପଡି ରହିଛି

**ଧାମନଗର, ନ୍ୟୁଜ ବ୍ୟୁରୋ**
ଧାମନଗର ବ୍ଲକ ମୁସ୍ତଫାପୁର ପଞ୍ଚାୟତର ଗୋହିରାଟିକିରି ପର୍ଯ୍ୟଟନ କ୍ଷେତ୍ରକୁ ବିକଶିତ କରିବା ଲାଗି ଜିଲ୍ଲା ପ୍ରଶାସନ ତତ୍ପର ଦେଖାଇଛି । ଏନେଇ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାୟ ରାଜ୍ୟ ପର୍ଯ୍ୟଟନ ନିର୍ଦ୍ଦେଶକ ସମର୍ଥ ବର୍ମାଙ୍କୁ ଚିଠି ଲେଖିଛନ୍ତି । ଏହାସହ ଗୋହିରାଟିକିରିକୁ ମଡେଲ ପର୍ଯ୍ୟଟନସ୍ଥଳୀ ଭାବେ ବିକଶିତ କରିବା ଦିଗରେ ପଦକ୍ଷେପ ନେବା ସହ ଓଡ଼ିଆ ଅସ୍ମିତାକୁ ସଂରକ୍ଷିତ ରଖାଯିବ ବୋଲି ସେ ଆଶା କରିଛନ୍ତି । ଜିଲ୍ଲାପାଳ ତାଙ୍କ ଚିଠିରେ ଦର୍ଶାଇଛନ୍ତି ଯେ, ଓଡ଼ିଆ ସଂସ୍କୃତିକୁ ଗୌରବାନ୍ୱିତ କଲାଭଳି ଅନେକ ସ୍ଥାନ ଭଦ୍ରକ ଜିଲ୍ଲାରେ ରହିଛି । ସେମାନଙ୍କ ମଧ୍ୟରେ ଧାମନଗରରେ ଥିବା ଗୋହିରାଟିକିରି ଅନ୍ୟତମ । ଏଠାରେ ଓଡ଼ିଶାକୁ କ୍ଷମତାଲିପସୁଙ୍କଠାରୁ ବଞ୍ଚାଇବା ପାଇଁ ଶେଷ ହିନ୍ଦୁ ରାଜା ମୁକୁନ୍ଦ ଦେବ ବେଙ୍ଗଲର ନବାବ ସୁଲେମାନଙ୍କ ବିରୋଧରେ ପରାକ୍ରମୀ ଯୁଦ୍ଧ ଲଢ଼ିଥିଲେ । ହେଲେ ୧୫୬୮ରେ ମୁକୁନ୍ଦ ଦେବଙ୍କ ନିଧନ ସହ ଯୁଦ୍ଧରେ



ପରାଜିତ ହେବା ଯୋଗୁଁ ସେତେବେଳେ ମୋଗଲ ସାମ୍ରାଜ୍ୟ ନିକଟରେ ସମର୍ପିତ ହୋଇଥିଲା ଓଡ଼ିଶା ।
ଇତିହାସର ଗାରିମା ବହନ କରୁଥିବା, ବହୁ କିମ୍ବଦନ୍ତୀର ବାର୍ତ୍ତାବହ ଓ ପୁରାଣ ବର୍ଣ୍ଣିତ ଗୋହିରାଟିକିରି କିନ୍ତୁ ଚିର ଅବହେଳିତ ହୋଇ ରହି ଆସିଛି । ଯାହା ଫଳରେ ଲୋକମାନେ ଏହାର ଗୁରୁତ୍ୱକୁ ଉପଲବ୍ଧି କରିପାରୁନାହାନ୍ତି । ଏଣୁ ଶେଷ ହିନ୍ଦୁ ରାଜା ମୁକୁନ୍ଦ ଦେବଙ୍କ ସ୍ମାରକୀ ପୀଠ ଭାବେ ବିକଶିତ କରାଗଲେ, ଓଡ଼ିଶାବାସୀ ଏହାର ମହତ୍ତ୍ୱ ଜାଣିପାରିବେ । ଏହାସହ ଭବିଷ୍ୟ ପିଢ଼ି ନିଜକୁ ଗର୍ବ ଅନୁଭବ କରିବେ ବୋଲି ଜିଲ୍ଲାପାଳ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି । ଏହାକୁ ଦୃଷ୍ଟିରେ ରଖି ପର୍ଯ୍ୟଟନ ବିଭାଗ ଏହାକୁ ବିକାଶ କରି ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ କରିବେ ବୋଲି ସେ ଆଶାବାଦୀ ଥିବା ଜିଲ୍ଲାପାଳ କହିଛନ୍ତି । ତେବେ ୨୮ ନଭେମ୍ବର ୨୦୧୬ରେ ରାଜ୍ୟ ସରକାର ଗୋହିରାଟିକିରିକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦେଇଥିଲେ । ହେଲେ ଘୋଷଣାର ୮ ବର୍ଷ ପରେ ସେମିତି କିଛି ଆଖି ଦୃଶିଆ ବିକାଶମୂଳକ କାମ ହୋଇନାହିଁ । ବର୍ଷେ ପୂର୍ବରୁ କେବଳ ଗୋଟିଏ କଲ୍ୟାଣ ମଣ୍ଡପ ନିର୍ମାଣ କରାଯାଇଛି । ଏହାଛଡ଼ା ଆଉ କିଛି ନାହିଁ । ପର୍ଯ୍ୟଟନସ୍ଥଳୀରେ ଲୋକ ରହିବା ପାଇଁ ସୁବିଧା ହୋଇନାହିଁ । ଶୌଚାଳୟ କି ପାନୀୟ ଜଳ ସୁବିଧା ନାହିଁ । ଯାତ୍ରୀଙ୍କ ପାଇଁ ଉପଯୁକ୍ତ ରହଣି ସ୍ଥଳ, ବିଶ୍ରାମ ଗୃହ, ପାନୀୟ ଜଳ ସୁବିଧା କରାଇ ନାହିଁ । ବଣଭୋଜି କରିବା ଲାଗି ପିଣ୍ଡି ହୋଇନାହିଁ ।
ବଡ଼କଥା ହେଉଛି, ପର୍ଯ୍ୟଟନସ୍ଥଳୀକୁ ଏଯାଏ ଭଲ ରାସ୍ତା ହୋଇପାରିନାହିଁ । ଦୋବଲ ବଜାରରୁ ଗୋବିନ୍ଦାଗଡ଼ିଆ ଯାଏ ଲମ୍ବିଥିବା ଗେଙ୍ଗୁଟି ନଦୀବନ୍ଧ ଏକମାତ୍ର ଭରସାଯୋଗ୍ୟ ରାସ୍ତା । ହେଲେ ନଦୀବନ୍ଧ ରାସ୍ତାଟି ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇ ପଡ଼ି ରହିଛି । କିଛିବର୍ଷ ପୂର୍ବରୁ ରାସ୍ତାଟି ପିଚୁ ହୋଇଥିଲେ ବି ତାହା ନଷ୍ଟ ହୋଇଗଲାଣି । ତା ପରେ ଆଉ ମରାମତି ହୋଇନାହିଁ । ଆଉ ଗୋଟିଏ ପ୍ରମୁଖ ରାସ୍ତା ହେଉଛି, ଧାମନଗର ଦକ୍ଷିଣବାଡ଼ ଛକରୁ ଭଣ୍ଡାରିପୋଖରୀ ବ୍ଲକର କୁରିଗାଁ ହୋଇ ଗୋହିରାଟିକିରି ରାସ୍ତା । ହେଲେ ଏହି କଂକ୍ରିଟ ରାସ୍ତାଟି ବିପର୍ଯ୍ୟସ୍ତ ହୋଇପଡ଼ିଛି ।
ଯେଉଁସବୁ ପରିବେଶକୁ ନେଇ ଗୋହିରାଟିକିରିକୁ ଲୋକେ ଚିହ୍ନୁଥିଲେ, ଜାଣୁଥିଲେ, ଭାବୁଥିଲେ, ଏବେ ତାହା ଅପସରି ଯାଉଛି । ଗୋହିରାଟିକିରିରେ ଥିବା ବିରାଟ ଅର୍ଜୁନ ଗଛଟି ମୃତ ପ୍ରାୟ । ଶତାଧିକ ବର୍ଷର ପୁରୁଣା ଏ ଗଛଟି ଥରେ ବଜ୍ରପାତରେ ଜଳିଗଲା । ଗୋଟିଏ ବିରାଟ ଶାଖା ଜଳିପୋଡ଼ି ଖସି ପଡ଼ିଲା । ବାକି ରହିଯାଇଥିବା ଡାଳ ଉପରେ ଥରକୁ ଥର ଆସୁଥିବା ବାତ୍ୟା ଦାଉ ସାଧୁଛି । ଏମିତି ଯେ, କେଉଁଦିନ ଗଛଟି ପୂରା ନଷ୍ଟ ହୋଇଯିବ, ତାହା କହି ହେଉନି । କିମ୍ବଦନ୍ତୀ ରହିଛି, ଗୋହିରାଟିକିରିର ଅର୍ଜୁନ ଗଛ ମୂଳରେ ୧୨ ହାତ ଖଣ୍ଡା ବାହାରିବ । କଳି ଯୁଗ ସମାପ୍ତ ହେବ । ତାହାର ଅର୍ଥ କିଛି ବି ହୋଇପାରେ । ହେଲେ ଅର୍ଜୁନ ଗଛ ଆଉ ରହିବ ନାହିଁ । ଅର୍ଜୁନ ଗଛ ମୂଳେ ପ୍ରତିଷ୍ଠା ହୋଇଥିବା ଉତ୍କଳର ଶେଷ ସ୍ୱାଧିନ ରାଜା ମୁକୁନ୍ଦଦେବଙ୍କ ପ୍ରତିମୂର୍ତ୍ତି ବି ଜୀର୍ଣ୍ଣଶୀର୍ଣ୍ଣ ହୋଇ ପଡ଼ି ରହିଛି ।

# ମାଇନ୍ସ ପକ୍ଷରୁ ଖଣି ପରିବେଶ ଓ ଖଣିଜ ସଂରକ୍ଷଣ ସପ୍ତାହ ପାଳିତ

**ଯୋଡ଼ା, ନ୍ୟୁଜ ବ୍ୟୁରୋ**
ଇଣ୍ଡିଆନ ବ୍ୟୁରୋ ଅଫ୍ ମାଇନ୍ସ ନେତୃତ୍ୱରେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର କାଶିଆ ଆଇରନ ଓ ଡୋଲାମାଇଟ୍ ମାଇନ୍ସ ପକ୍ଷରୁ ୨୬ତମ ଖଣି ପରିବେଶ ଓ ଖଣିଜ ସଂରକ୍ଷଣ (ଏମଇଏମଏସ) ସପ୍ତାହ-୨୦୨୪-୨୦୨୫ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜେଏସଡବ୍ଲୁ ଷ୍ଟିଲର ଡିଜିଏମ ବୋରା ବିଦ୍ୟାସାଗର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଓଏମସିର ସିନିୟର ମ୍ୟାନେଜର (ଜିଓଲୋଜିଷ୍ଟ) ଶ୍ରୀ ରାଧେଶ୍ୟାମ ସାହୁ ଓ ଶିବା ସିମେଣ୍ଟର ଡେପୁଟି ମ୍ୟାନେଜର(ମାଇନ୍ସ) ଚିତ୍ତରଞ୍ଜନ ମହାପାତ୍ର ଯୋଗଦେଇଥିଲେ । କାଶିଆ ମାଇନ୍ସର ୟୁନିଟ ମୁଖ୍ୟ ପ୍ରମୋଦ କୁମାର ପାତ୍ର, ଏଚଆର ଆଣ୍ଡ ଇଏସ ମୁଖ୍ୟ ଆଶିଷ ରଞ୍ଜନ ମହାନ୍ତି ଓ କାଶିଆ ମାଇନ୍ସ ମ୍ୟାନେଜର ରଞ୍ଜିତ ଚୌଧୁରୀ ପ୍ରମୁଖଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ କାଶିଆ ମାଇନ୍ସ ଓ ସିଏସଆର ପକ୍ଷରୁ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମର ପ୍ରଦର୍ଶନୀ ଆୟୋଜିତ ହୋଇଥିଲା । ଏହାକୁ ଅତିଥିମାନେ ବହୁତ ପ୍ରଶଂସା କରିଥିଲେ । ସ୍ଲୋଗାନ ଲିଖନ ଏବଂ ପୋଷ୍ଟର ପ୍ରସ୍ତୁତି ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଛାତ୍ରଛାତ୍ରୀମାନେ ନୃତ୍ୟ ଓ ସଂଗୀତ ପରିବେଷଣ କରିଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଜନପ୍ରତିନିଧି, କର୍ମଚାରୀ, ସେମାନଙ୍କ ପରିବାର ସଦସ୍ୟ, ସହଭାଗୀ ଏବଂ କର୍ମଚାରୀ ସାମିଲ ହୋଇଥିଲେ ।

# ୭୦କେଜି ଗଞ୍ଜେଇ ସହ ସ୍କୁଟି ଜବତ : ଆସାମୀ ଫେରାର

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**
ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ଅଞ୍ଚଳ ଦେଇ ପ୍ରତ୍ୟେକ ଦିନ ଗଞ୍ଜେଇ ଅନ୍ୟ ଜିଲ୍ଲା ଓ ରାଜ୍ୟମାନଙ୍କୁ ଚୋରାଚାଲାଣ ହୋଇ ଗଞ୍ଜେଇ ଚୋରା ଚାଲାଣର କରିଡର ପାଲଟିଛି । ଦଲାଲଙ୍କ ସହଯୋଗିତା ହେଉ ଅବା ନିଶା ମାଫିଆଙ୍କ ଚତୁରତା ନେଇ ଅନେକ ସମୟରେ ପୋଲିସ ଟେର ପାଇପାରୁ ନାହିଁ । ଅନ୍ୟ ପଟେ ତରଭା ପୋଲିସ ଗଞ୍ଜେଇ ଧରୁଛି କିନ୍ତୁ ଗଞ୍ଜେଇ ଚୋରା ଚାଲାଣ ଆସାମୀ ପୋଲିସ ଆଖିରେ ଧୂଳି ଦେଇ ଫେରାର ମାରୁଛି । ତରଭା ପୋଲିସ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁଯାୟୀ ତରଭା ଥାନା ସବ ଇନ୍ସପେକ୍ଟର ମାରୁତ ଚନ୍ଦ୍ର ପ୍ରଧାନଙ୍କ ସହିତ କମସରା ଫାଣ୍ଡି ଅଧିକାରୀ ଗଜାନନ ବେହେରା, କନେଷ୍ଟବଳ ନାରାୟଣ ଭୋଇ, ପ୍ରକାଶ ଧରୁଆ, ନାରାୟଣ ଭଞ୍ଜ ଓ ଶକ୍ତି ଭେଷରା ପ୍ରମୁଖ




ସିଂଘାରୀ ଅଞ୍ଚଳରେ ପେଟ୍ରୋଲିଙ୍ଗ କରୁଥିବା ବେଳେ ସିଂଘାରୀ ହାଇସ୍କୁଲ ପାଖରେ ଗଞ୍ଜେଇ ଥିବା କୌଣସି ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲେ । ପୁଲିସ ଦଳ ଉକ୍ତ ସ୍ଥାନକୁ ଯାଇ ଏକସ୍ଥାନରେ ଗଞ୍ଜେଇ ଥିବାର ଦେଖିବାକୁ ପାଇଥିଲେ । ପୁଲିସ ଦଳକୁ ଦେଖି ସେଠାରେ ଥିବା ଜଣେ ବ୍ୟକ୍ତି ଗଞ୍ଜେଇ ଓ ସ୍କୁଟି ଛାଡି ଫେରାର ହୋଇ ଯାଇଥିଲା । ପୁଲିସ ସେଠାରେ ପହଞ୍ଚି ୫ ଗୋଟି ଜରି ବ୍ୟାଗରେ ଥିବା ଗଞ୍ଜେଇ ଓ ବ୍ରାଉନ କଲରଏକ ସ୍କୁଟିକୁ ଜବତ କରି ଥାନାକୁ ଆଣିଥିଲେ । ଥାନାରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଉପସ୍ଥିତିରେ ଉକ୍ତ ଗଞ୍ଜେଇ ଓଜନ କରା ଯିବରୁ ତାହା ୬୯ କେଜି ୬୦୦ ଗ୍ରାମ ହୋଇଥିଲା । ପୋଲିସ ଛାନଭିନ କରିବାରୁ ଉକ୍ତ ସ୍କୁଟି ଗୋଟିକ ଜୁନାନୀ ଗ୍ରାମର ଜିତୁ ସୁନାର ବୋଲି ଜାଣିବାକୁ ପାଇଛି । ତଦନ୍ତ ପରେ ଜିତୁ ସୁନା ଅଭିଯୁକ୍ତ ବୋଲି ଜଣା ପଡିଲେ ତାକୁ ଗିରଫ କରାଯିବ ବୋଲି ଆଇଆଇସି ଅନିତା କିଡୋ ପ୍ରକାଶ କରିଥିବା ସହିତ ଗଞ୍ଜେଇ ଜବତ ତଥ୍ୟ ଲୁଚାଉଛି ପୋଲିସ ଓ ପୋଲିସ ହାତରୁ ଗଞ୍ଜେଇ ମାଫିଆ ଫେରାର ।
ଏସ୍. ଆଇ ଲମ୍ବୋଦର ଡାଙ୍ଗଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇ ଥିବାର ପ୍ରକାଶ କରିଛନ୍ତି । ଗଞ୍ଜେଇ ଜବତ ହେବା, ବିଭିନ୍ନ ମାମଲାରେ ଅଭିଯୁକ୍ତ, ଆସାମୀ ଗିରଫ ହେବା କିଛି ଦିନ ପରେ ଗଣମାଧ୍ୟମରେ ସୂଚନା ଦିଆଯାଉଛି । ବିଶେଷ କରି ଗଞ୍ଜେଇ ମାମଲା ବେଶୀ ବେଶୀ ହେଉଛି । ଯଦି ସୂଚନା ପାଇଁ ଯୋଗାଯୋଗ କଲେ ଜିଲ୍ଲାସ୍ତରରେ ପ୍ରେସ ଇସ୍ତାହାର ଦିଆଯାଉଛି । ଏନେଇ ବିଭିନ୍ନ ମହଲରେ ପୋଲିସ କାର୍ଯ୍ୟ ନେଇ ଅସନ୍ତୋଷ ପ୍ରକାଶ ପାଉଛି ।

# ବାଂଲାଦେଶୀ ନାବାଳିକା ଉଦ୍ଧାର ଘଟଣା : କଟକ ଡିସିପିଙ୍କ ପ୍ରତିକ୍ରିୟା



**କଟକ, ନ୍ୟୁଜ ବ୍ୟୁରୋ**
କଟକରୁ ବାଂଲାଦେଶୀ ନାବାଳିକା ଉଦ୍ଧାର ଘଟଣାରେ ବଢୁଛି ଅଭିଯୁକ୍ତଙ୍କ ସଂଖ୍ୟା । ଏହି ଘଟଣାରେ କଟକ ଡିସିପି ଜଗମୋହନ ମିନା ପ୍ରତିକ୍ରିୟା ଦେଇ କହିଛନ୍ତି, ବାଂଲାଦେଶୀ ନାବାଳିକା ଉଦ୍ଧାର ଘଟଣାରେ ବାରିପଦାରୁ ମାଷ୍ଟରମାଇଣ୍ଡ ମହିଳା ଗିରଫ ହୋଇଛନ୍ତି । ଉକ୍ତ ନାବାଳିକାକୁ ଦେହ ବ୍ୟବସାୟରେ ଲଗାଉଥିବା ମାମଲାରେ ମହିଳାଙ୍କୁ ଗିରଫ କରିଛି କମିଶନରେଟ ପୁଲିସ । ଆଉ କିଛି ଅଭିଯୁକ୍ତ ଏହି ଘଟଣାରେ ଗିରଫ ହୋଇପାରନ୍ତି । ଏହି ଘଟଣାରେ କମିଶନରେଟ ପୁଲିସ ଆବଶ୍ୟକ ପଡ଼ିଲେ କଲିକତା ପୁଲିସ ସହ ଯୋଗାଯୋଗ କରିବ । ଗିରଫ ମହିଳାଙ୍କ ମୋବାଇଲ ପୁଲିସ ଜବତ କରିଛି । ପ୍ରାଥମିକ ଯାଞ୍ଚରୁ ଜଣାପଡ଼ିଛି ଏହି ମହିଳା ନାବାଳିକାକୁ ଏହି କାମରେ ନିୟୋଜିତ କରିଥିଲେ । ତେବେ ଏହି ଘଟଣାରେ ଆଗକୁ ଅନେକ ଅଭିଯୁକ୍ତ ସାମ୍ନାକୁ ଆସି ପାରନ୍ତି ବୋଲି ପୁଲିସ ଅନୁମାନ କରୁଛି ।

# ରୁପା ତାରକସୀ ହବ୍ ନିମନ୍ତେ ଜିଲ୍ଲା ପ୍ରଶାସନ ଓ ଆଇଆଇଟି ଭୁବନେଶ୍ୱର ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

**କଟକ, ନ୍ୟୁଜ ବ୍ୟୁରୋ**
ରୁପା ତାରକସୀ କାରିଗରଙ୍କୁ ସ୍ୱତନ୍ତ୍ର ପରିଚୟ ଦେବା ତଥା ତାରକସୀ ଶିଳ୍ପର ଉନ୍ନତିକରଣ ନିମନ୍ତେ କଟକରେ ହେବ ତାରକସୀର ଅତ୍ୟାଧୁନିକ ହବ ବା କମନ୍ ଫାସିଲିଟି ସେଣ୍ଟର ଅଫ ଏକ୍ସେଲେନ୍ସ ଫର ତାରକସୀ । ଏଥିପାଇଁ କଟକ ଜିଲ୍ଲା ପ୍ରଶାସନ ଓ ଆଇଆଇଟି ଭୁବନେଶ୍ୱର ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି । ଏହି ତାରକସୀ ଉତ୍କର୍ଷ କେନ୍ଦ୍ରରେ କାରିଗରମାନଙ୍କ ପାଇଁ ନୂତନ ଜ୍ଞାନକୌଶଳର ଯନ୍ତ୍ରପାତି ଓ ଅତ୍ୟାଧୁନିକ ତାଲିମ୍ ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିବ । ଏଥିସହିତ ତାରକସୀ ସାମଗ୍ରୀ ପ୍ରଦର୍ଶନୀ, ଏହାର



ବିକ୍ରୀ ତଥା ରପ୍ତାନୀ, ବିନା ଶୁଳ୍କରେ କିପରି ରୁପା କ୍ରୟ କରାଯାଇପାରିବ, ତାରକସୀ ସାମଗ୍ରୀ ତିଆରି ସମୟରେ ଏହାର ନିର୍ମାଣ ମୂଲ୍ୟ ବା ମେକିଙ୍ଗ ଚାର୍ଜ କିପରି ହ୍ରାସ କରାଯାଇପାରିବ ତଥା ମାନ ନିର୍ଦ୍ଧାରଣ ସୁବିଧା ଆଦି ଉପରେ ଗୁରୁତ୍ୱ ଦିଆଯିବ । ଏଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପେଟାନାଳଠାରେ ୭ହଜାର ବର୍ଗଫୁଟ ସ୍ଥାନ ଚିହ୍ନଟ କରାଯାଇଛି । ଆଇଆଇଟି ଭୁବନେଶ୍ୱର ବିସ୍ତୃତ ପ୍ରକଳ୍ପ ରିପୋର୍ଟ ଦେବା ପରେ ରାଜ୍ୟ ସରକାରଙ୍କୁ ପ୍ରକଳ୍ପ ଅନୁମୋଦନ ନିମନ୍ତେ ପ୍ରସ୍ତାବ ଦିଆଯିବ । ଆଇଆଇଟି ଭୁବନେଶ୍ୱର କମନ୍ ଫାସିଲିଟି ସେଣ୍ଟରର ଡିଜାଇନ, ବୈଷୟିକ ସହାୟତା, ମାର୍କେଟିଂ ପ୍ଲାନ୍, ବ୍ରାଣ୍ଡ ତିଆରି କରିବା ଆଦି ରଣନୀତି ପ୍ରସ୍ତୁତ କରିବ ଏବଂ ଏକ ସଫଳ ଉଦ୍ୟୋଗ ସୃଷ୍ଟି ନିମନ୍ତେ ଟ୍ରେନିଂ ମଡ୍ୟୁଲ ଓ ଷ୍ଟାର୍ଟ ଅପମାନଙ୍କୁ ମାର୍ଗଦର୍ଶନ ଆଦି ଯୋଗାଇଦେବ । ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଏବଂ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ଶ୍ରୀପଦ କରମଲକାରଙ୍କ ଉପସ୍ଥିତିରେ ଆଇଆଇଟି ଭୁବନେଶ୍ୱର ରିସର୍ଚ୍ଚ ଆଣ୍ଡ ଏନ୍ତ୍ରପ୍ରେନରସିପ ପାର୍କର ସିଇଓ ଡକ୍ଟର ଶୁଭଙ୍କର ପତି ଏବଂ ସହାୟକ ନିର୍ଦ୍ଦେଶକ ଶିଳ୍ପ, ଡିଆଇସି, ଶ୍ରୀମତୀ ନମିତା ମିଶ୍ର ଏହି ବୁଝାମଣାପତ୍ର ସ୍ୱାକ୍ଷରିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ତାରକସୀ ସଂଘ ଏବଂ ତାରକସୀ କାରିଗର ଉପସ୍ଥିତ ଥିଲେ । ଏହି କମନ୍ ଫାସିଲିଟି ସେଣ୍ଟରରେ ଗ୍ରାହକମାନେ ତାରକସୀ କାରିଗରମାନଙ୍କ ସହ ପ୍ରତ୍ୟକ୍ଷ ଭାବେ ଆଲୋଚନା କରିବାର ସୁଯୋଗ ମଧ୍ୟ ପାଇପାରିବେ । ଜିଲ୍ଲା ନିବେଶ ପ୍ରୋତ୍ସାହନ ସଂସ୍ଥା (ଦିପା) ଏହି ଉତ୍କର୍ଷ କେନ୍ଦ୍ର ନିର୍ମାଣ ସମ୍ପର୍କିତଜମି ଅଧିଗ୍ରହଣ ଆଦି ମୌଳିକ ଆବଶ୍ୟକତା ପୂରଣ କରିବାରେ ଏହାର ସହାୟତା ଯୋଗାଇ ଦେଉଛି ।

## ତମାଖୁ ସେବନ ତଥା ବିକ୍ରୟକୁ ରୋକିବା ପାଇଁ ଜିଲ୍ଲା ପ୍ରଶାସନର ପ୍ରୟାସ

# ଚାନ୍ଦିପୁର ଅଞ୍ଚଳରେ ଚଢ଼ଉ : ଖିଲାପକାରୀଙ୍କ ଠାରୁ ଜରିମାନା ଆଦାୟ

**ବାଲେଶ୍ୱର, ନ୍ୟୁଜ**
ସମଗ୍ର ଜିଲ୍ଲାରେ ତମାଖୁ ସେବନ ଓ ଏହାର ବେଆଇନ ବିକ୍ରିକୁ ରୋକିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରୟାସ ଜାରି ରହିଛି ଓ ସ୍ୱାସ୍ଥ୍ୟ, ପୁଲିସ ଏବଂ ଅବକାରୀ ବିଭାଗର ଅଧିକାରୀମାନେ ମିଳିତ ଭାବେ ଏହି ଗୁରୁତ୍ୱପୂର୍ଣ୍ଣ ଜନସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ ଅନେକ ଜନଗହଳି ସ୍ଥାନ ଗୁଡିକରେ ସମୟ ସମୟରେ ଚଢ଼ଉ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. ସୁମିତ୍ରା ଦେ, ଡ଼. ଅରୂପ ଅଭିଷେକ, ଶ୍ରୀମତୀ ମୌସୁମୀ ସାମଲ ଓ ବ୍ରଜେଶ୍ୱର ନନ୍ଦ ପ୍ରମୁଖ ଚାନ୍ଦିପୁର ପୋଲିସ ସହାୟତାରେ ଚାନ୍ଦିପୁର ଏବଂ ଝଞ୍ଜୁରା ଛକରେ ଚଢ଼ଉ କରି ୧୦ ଜଣ ନିୟମ ଖିଲାପକାରୀଙ୍କୁ ତାଗିଦ୍ କରିବା ସହିତ ତାଙ୍କ ଠାରୁ ଜରିମାନା ଅର୍ଥ ଆଦାୟ କରିଛନ୍ତି । ଏଥି ସହିତ ଖାଦ୍ୟ ପଦାର୍ଥ, ତେଜରାତି, ଭେରାଇଟି ଷ୍ଟୋରରେ ଖୋଲା ଖୋଲି ଭାବରେ ତମାଖୁ ଦ୍ରବ୍ୟ ବିକ୍ରି ଉପରେ ବିକ୍ରେତାଙ୍କୁ ସଚେତନ କରାଯାଇଥିଲା । ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅଧୀନରେ ଚାଲିଥିବା ଏହି ଚଢ଼ଉ ଅଭିଯାନ ଆଗକୁ ମଧ୍ୟ ଜାରି ରହିବ ବୋଲି ଅଧିକାରୀ ମାନେ ସୂଚନା ଦେଇଛନ୍ତି । ଚଢ଼ଉରେ ସମ୍ପୃକ୍ତ ବରିଷ୍ଠ ଅଧିକାରୀମାନେ ଏହି କାର୍ଯ୍ୟାନ୍ୱୟନ ଜନସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଏକ ନିରନ୍ତର ଆଭିମୁଖ୍ୟର ଅଂଶବିଶେଷ ବୋଲି ଗୁରୁତ୍ୱାରୋପ କରିଥିଲେ । ତମାଖୁ ନିୟନ୍ତ୍ରଣ ନିୟମାବଳୀର ଅନୁପାଳନକୁ ସୁନିଶ୍ଚିତ କରିବା ପାଇଁ ବହୁ-ବିଭାଗୀୟ ଟାସ୍କଫୋର୍ସ କଠୋର ଅନୁଧ୍ୟାନ ଏବଂ ପ୍ରବର୍ତ୍ତନ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ଜାରି ରଖିବା ସହିତ ନିୟମ ଉଲ୍ଲଙ୍ଘନ ପାଇଁ କଠୋର ଦଣ୍ଡବିଧାନ ସହିତ ନିୟମିତ ଭାବେ ଏହି ଏନଫୋର୍ସମେଣ୍ଟ ଅପରେସନ କରାଯିବ ବୋଲି ଡ଼. ଦେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।



## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୯।୧୨।୨୦୨୪, ମାର୍ଗଶିର ଦି୨୪ନ, ସୋମବାର**

**ସୂର୍ଯ୍ୟୋଦୟ-** ଘ୬।୧୦।୦୯ **ଚନ୍ଦ୍ରୋଦୟ-** ଦିଘ ୧୨।୨୨।୦୩

**ଅଷ୍ଟମୀ-** ଦିଘ ୮।୦୩ ପର୍ଯ୍ୟନ୍ତ । **ପୂର୍ବାଭାଦ୍ର ନକ୍ଷତ୍ର-** ଦିଘ ୨।୫୬ ପର୍ଯ୍ୟନ୍ତ । **କୁମ୍ଭ ଚନ୍ଦ୍ର-** ଦିଘ ୯।୧୪ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । ଦିଘ ୯।୧୪ ଗତେ ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ମିଥୁନ ଓ ମୀନ ରାଶିର । ଦିଘ ୯।୧୪ ଗତେ ଧନୁ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନଡ଼ିଆ ଦିଘ ୮।୦୩ ପରେ ଲାଉ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୧୪ ଗତେ ଘ ୭।୪୧ ମଧ୍ୟେ । ଦିଘ ୯।୦୮ ଗତେ ଘ ୧୧।୧୭ ମଧ୍ୟେ ।


**ମେଷ:** ସମସ୍ତ କ୍ଷେତ୍ରରେ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରିବେ । ବନ୍ଧୁଙ୍କ ଠାରୁ ମାନସମ୍ମାନ ପାଇ ଖୁସି ହେବେ । ନୂତନ କର୍ମାରମ୍ଭ କରିପାରନ୍ତି । ରେଜଗାର ମଧ୍ୟମ ଧରଣର ହେବ । ଘରେ ଶାନ୍ତି ରହିବ ।


**ବୃଷ:** ବ୍ୟବସାୟରେ ଲାଭବାନ୍ ହେବେ । ଅପରାହ୍ନେ ବନ୍ଧୁଙ୍କ ଆଗମନ ହୋଇପାରେ । ଆୟ ସ୍ଥିର ରହିବ । ପାରିବାରିକ ଜୀବନ ସୁଖମୟ ହେବ । କଚେରୀ ମାମଲାରେ ସଫଳତା ହାସଲ କରିବେ । ଦେହ ଭଲ ରହିବ ।


**ମିଥୁନ:** ସ୍ୱାଧୀନ ଭାବେ ଜୀବନ ଯାପନ କରିବେ । କଚେରି ମାମଲାରେ ଶୁଣାଣି ବିଳମ୍ବ ହେବ । ଶୁଭ ଖବର ପ୍ରାପ୍ତ ହେବ । ପାରିବାରିକ ସୁଖ ଅନୁଭବ କରିବେ । ଆର୍ଥିକ ସ୍ଥିତିରେ ଉନ୍ନତି ଘଟିବାର ସୂଚନା ।


**କର୍କଟ:** କର୍ମକ୍ଷେତ୍ରରେ ପଥରୋଧର ସମ୍ମୁଖୀନ ହେବେ । ମାନସିକ ଅଶାନ୍ତି ଦେଖାଦେବାର ସୂଚନା । ଭୁଲ୍ ଖବର ପାଇ ବିବ୍ରତ ହେବେ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ଆୟ ଓ ବ୍ୟୟ ସମାନ ରହିବ ।


**ସିଂହ:** ସରକାରୀ ସ୍ତରରୁ ଲାଭବାନ୍ ହେବେ । ବାକି ରହିଥିବା କାମଟି ପୂରଣ ହେବ । ରୋଜଗାରରେ ଉନ୍ନତି ହେବାର ସୂଚନା । ସାମାଜିକ ସ୍ତରରେ ମାନ ଓ ସମ୍ମାନ ଲାଭ ହେବ । ପାରିବାରିକ ଜୀବନ ସୁଖମୟ ହେବ ।


**କନ୍ୟା:** କାର୍ଯ୍ୟକ୍ଷେତ୍ରରେ ଅସଫଳତା ଦେଖାଦେବ । ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ଯୋଗ ମଧ୍ୟ ରହିଛି । ମାନସିକ ଶାନ୍ତି ହାନି ଘଟିବ । ଆର୍ଥିକ ସ୍ଥିତି ମାନ୍ଦା ହେବ । ଘରେ ଅଶାନ୍ତି ଦେଖାଦେବ । ସମସ୍ତ ଆଡ଼କୁ ନଜର ରଖି କାର୍ଯ୍ୟ କରିବେ ।


**ତୁଳା:** ଯାନବାହାନ ଚାଳନାରେ ସତର୍କତା ଅବଲମ୍ବନୀୟ । ସବୁ କଥାକୁ ହାଲ୍କା ଭାବରେ ନେବେ । ସୌଖିନ ଦ୍ରବ୍ୟ କ୍ରୟ କରିବେ । ବ୍ୟୟର ପରିମାଣ ବଢ଼ିବ । ପାରିବାରିକ ଶାନ୍ତି ମିଳିବାର ସୂଚନା ମଧ୍ୟ ।


**ବିଛା:** ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ ସିଦ୍ଧି ହେବ । ଘରେ ବନ୍ଧୁ ମିଳନ ସହିତ ଆମୋଦ ପ୍ରମୋଦ ମଧ୍ୟରେ ଦିନଟି ବିତିବ । ପାରିବାରିକ ସୁଖ ଶାନ୍ତିରେ ବ୍ୟାହତ ଘଟିବ । ରୋଜଗାର ଉତ୍ତମ ହେବ । ପ୍ରଶଂସିତ ହେବେ ।


**ଧନୁ:** ଆଜି ଦିନଟି ଆପଣଙ୍କର ଆନନ୍ଦ ମଧ୍ୟରେ କଟିବ । ଶତ୍ରୁ ନାଶ ହେବେ । ଆୟ ସ୍ଥିର ରହିବ । ମହିଳାମାନେ ସୁଖୀ ହେବେ । ଘରେ ଶାନ୍ତି ଲାଭ । ନୂତନ କର୍ମାରମ୍ଭ ହୋଇପାରେ । ମନ ଭଲ ରହିବ ।


**ମକର:** ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ । ଦୂରଯାତ୍ରା ଆପଣଙ୍କର ସଫଳ ହେବ । ମାନ ସମ୍ମାନ ଲାଭ ହେବ । ପାରିବାରିକ ସମସ୍ୟା ହେତୁ ଚିନ୍ତିତ ହେବେ । ମାନସିକ ଅସ୍ଥିରତା ଦେଖାଦେବ ।


**କୁମ୍ଭ:** ଆପଣ ଯେତେ ଭଲ କାମ କଲେ ମଧ୍ୟ ସହକର୍ମୀ ଆପଣଙ୍କ ଭୁଲ୍ ଖୋଜି ଚାଲିବେ । ରୋଜଗାରର ମାତ୍ରା ବଢ଼ିବ । ଘରକୁ ବନ୍ଧୁଙ୍କ ଆଗମନ ହୋଇପାରେ । ପାରିବାରିକ ସହଯୋଗ ଲାଭ କରିବାର ସୂଚନା ।


**ମୀନ:** ଆପଣ ଯାହା କରିବାକୁ ଚାହିଁବେ ସମସ୍ତ କ୍ଷେତ୍ରରେ କେହି ନା କେହି ପ୍ରତିରୋଧ କରିବେ । ସେବା ପୂଜାରେ ନିଜକୁ ନିୟୋଜିତ କରନ୍ତୁ । ପରିବାରରେ ସ୍ଥିତି ଉତ୍ତମ ରହିବ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୧୦।୧୨।୨୦୨୪, ମାର୍ଗଶିର ଦି୨୫ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ-** ଘ୬।୧୦।୪୬ **ଚନ୍ଦ୍ରୋଦୟ-** ଦିଘ ୧।୦୦।୧୮

**ନବମୀ-** ପ୍ରା ଘ ୬/୦୧ପର୍ଯ୍ୟନ୍ତ, ଦଶମୀକ୍ଷୟ- ରାଘ ୩/୫୮ ପର୍ଯ୍ୟନ୍ତ। **ଉତ୍ତରଭାଦ୍ର ନକ୍ଷତ୍ର-** ଦିଘ ୧/୩୦ପର୍ଯ୍ୟନ୍ତ । **ମୀନ ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ଧନୁ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଲାଉ ପ୍ରାଘ ୬/୦୧ ପରେ ଗଳମ୍ବଶାଗ ରାଘ ୩/୫୮ ପରେ ଶିମ୍ବ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୧୫ ଗତେ ଘ ୬।୫୮ ମଧ୍ୟେ । ଦିଘ ୮।୫୮ ଗତେ ଘ ୧୧।୧୮ ମଧ୍ୟେ ।
**ପର୍ବୋତ୍ସବ-** ବିଶ୍ୱ ମାନବାଧିକାର ଦିବସ

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ଦ୍ରୁତଗତିରେ ବଢୁଛି ଅର୍ଥନୈତିକ ଅଭିବୃଦ୍ଧି

ଦେଶର ଅର୍ଥନୈତିକ ଅଭିବୃଦ୍ଧି ଦ୍ରୁତଗତିରେ ଆଗକୁ ବଢୁଛି । ଏଥିସହିତ ମୁଦ୍ରା ନୀତିରେ ସ୍ଥିରତା କାରଣରୁ ଋଣ ଅଭିବୃଦ୍ଧି ଅଧିକ ରହିଛି । ଏଥିଯୋଗୁ ଭାରତରେ ଧନୀ ଲୋକଙ୍କ କ୍ରୟଶକ୍ତି ମଧ୍ୟ ବଢୁଛି । ଏସବୁ କାରଣରୁ ଭାରତରେ ଧନୀ ବ୍ୟକ୍ତିଙ୍କ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି । ବର୍ଷକୁ ୧୦ ହଜାର ଡଲାର (୮,୨୮,୭୨୩ ଟଙ୍କା) ରୋଜଗାର କରୁଥିବା ଗ୍ରାହକଙ୍କ ସଂଖ୍ୟା ୨୦୧୫ ମସିହାରେ ୨୪ ନିୟୁତ ଥିଲା କିନ୍ତୁ ସଂପ୍ରତି ଏମାନଙ୍କ ସଂଖ୍ୟା ୬୦ ନିୟୁତରେ ପହଞ୍ଚିଛି । ଅର୍ଥାତ୍ ଦେଶର ମୋଟ ଜନସଂଖ୍ୟାରେ ଏମାନଙ୍କ ସଂଖ୍ୟା ୪.୧ ପ୍ରତିଶତ ବୋଲି ଶୁକ୍ରବାର ଗୋଲଡମ୍ୟାନ୍ ସାଚ୍ସ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି । ଭାରତ ଏବେ ବିଶ୍ୱର ପଞ୍ଚମ ବୃହତ ଅର୍ଥନୀତି ରହିଛି । ଆସନ୍ତା ୨୦୨୭ ସୁଦ୍ଧା ବାର୍ଷିକ ୧୦ ହଜାର ଡଲାର ମୁଣ୍ଡପିଛା ଆୟ ଥିବା ବ୍ୟକ୍ତିଙ୍କ ସଂଖ୍ୟା ୧୦ କୋଟିରୁ ଅଧିକ ହେବ ବୋଲି ଆକଳନ କରାଯାଇଛି । ୨୦୨୭ ସୁଦ୍ଧା ଭାରତ ବିଶ୍ୱର ତୃତୀୟ ବୃହତ ଅର୍ଥନୀତିରେ ପରିଣତ ହେବ ବୋଲି ଆଇଏମ୍ଏଫ ପକ୍ଷରୁ ଆକଳନ କରାଯାଇଛି । ଭାରତରେ ମଧ୍ୟମ ଆୟବର୍ଗର ଲୋକଙ୍କ କ୍ରୟଶକ୍ତି ବଢୁଛି ।

ଫଳରେ ଗହଣା, ସ୍ୱାସ୍ଥ୍ୟସେବା, ବାହାରେ ଖାଇବା ଆଦି ଖର୍ଚ୍ଚ ବଢ଼ିଛି । ଭାରତରେ ଆର୍ଥିକ ଓ ଭୌତିକ ସଂପତ୍ତି ଗୁଡ଼ିକର ମୂଲ୍ୟ ବୃଦ୍ଧି ପାଉଥିବାରୁ ଲୋକଙ୍କ ସଂପତ୍ତି ବଢ଼ିବାରେ ଲାଗିଛି । ଜମି ଏବଂ ସୁନାକୁ ଯଦିଓ ସଂପତ୍ତି ସାଇତି ରଖିବାର ପ୍ରମୁଖ ମାଧ୍ୟମ ଭାବେ ବିବେଚନା କରାଯାଉଛି ତଥାପି ଭାରତୀୟମାନେ ସେମାନଙ୍କ ସଞ୍ଚୟ ଓ ନିବେଶ ଅଭ୍ୟାସରେ ପରିବର୍ତ୍ତନ ଆଣିଛନ୍ତି । ନିବେଶକମାନେ ସିଧାସଳଖ କିମ୍ବା ମ୍ୟୁଚୁଆଲ ଫଣ୍ଡ ଜରିଆରେ ଇକ୍ୱିଟିରେ ନିବେଶ କରୁଛନ୍ତି ବୋଲି ଗୋଲ୍ଡମ୍ୟାନ୍ ସାଚ୍ସ ପକ୍ଷରୁ କୁହାଯାଇଛି କିନ୍ତୁ ଭାରତକୁ ସାମଗ୍ରିକ ଭାବେ ଦେଖିଲେ ଭାରତୀୟଙ୍କ ମୁଣ୍ଡପିଛା ଆୟ ୩ ହଜାର ଡଲାରରୁ କମ୍ ରହିଛି । ବଡ଼ ଧନୀ ଏବଂ ମଧ୍ୟ ଆୟବର୍ଗର ଲୋକମାନଙ୍କ ମଧ୍ୟରେ ବ୍ୟୟ କ୍ଷମତାରେ ପାର୍ଥକ୍ୟ ଏକ ବଡ଼ ଚିନ୍ତାର ବିଷୟ ବୋଲି କୁହାଯାଇଛି । ଭାରତରେ ୯୬ କୋଟିରୁ ଅଧିକ ଡେବିଟ କାର୍ଡ ଲୋକଙ୍କୁ ପ୍ରଦାନ କରାଯାଇଛି । ସେହିଭଳି ୯.୩ କୋଟି ଲୋକଙ୍କ ପାଖରେ ପୋଷ୍ଟପେଡ ମୋବାଇଲ ସଂଯୋଗ ରହିଛି । ଏହା ସତ୍ତ୍ୱେ କେବଳ ୩ କୋଟି ଭାରତୀୟ ଗାଡ଼ି କିଣିବାକୁ ସକ୍ଷମ ବୋଲି ରିପୋର୍ଟରେ କୁହାଯାଇଛି ।

# 'ବୁଢ଼ା ଶଙ୍ଖାରି'ର କାଳଜୟୀ ସ୍ରଷ୍ଟା



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

(କାନ୍ତଜୟନ୍ତୀ ଉପଲକ୍ଷେ)

ଡିସେମ୍ବର ୯ ତାରିଖ। କାଳଜୟୀ ସ୍ରଷ୍ଟା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ସ୍ୱନକ୍ଷତ୍ର ଦିବସ। ବରଷକୁ ଥରୁଟିଏ ହେଲେ ବି ଓଡ଼ିଆ ଜାତି ସ୍ମରଣ କରୁଛି ଏହି ମହାନ ବାଣୀସାଧକଙ୍କୁ। ସେ ହେଉଛନ୍ତି ଓଡ଼ିଆ ସାହିତ୍ୟ ଜଗତରେ ଅଦ୍ୱିତୀୟ। ଗଦ୍ୟ, କବିତା, ପ୍ରବନ୍ଧ, ଗଳ୍ପ, ଉପନ୍ୟାସ, ହାସ୍ୟରସ, ବ୍ୟଙ୍ଗ, ନାଟକ ଭଳି ସାହିତ୍ୟର ନାନାଦି ବିଭାଗରେ ସେ ଆପଣାର କୀର୍ତ୍ତି ରଖିଯାଇଛନ୍ତି। ବିଶେଷକରି ତାଙ୍କର ସର୍ବଶ୍ରେଷ୍ଠ କୃତି "ଜୀବନ ସଙ୍ଗୀତ' ପାଇଁ ସେ ସର୍ବଜନ ବିଦିତ। ସ୍ରଷ୍ଟାଙ୍କ "କଣାମାମୁ' ଉପନ୍ୟାସର ଜାତୀୟତାବାଦୀ ଭାବ-ଚେତନା ଛୁଇଁଛି କୋଟି ଓଡ଼ିଆ ପ୍ରାଣକୁ। ଠିକ ସେହିପରି ସାରସ୍ୱତ ସୃଷ୍ଟିର ଅନୁପମ ନିଦର୍ଶନ ତାଙ୍କ ଶ୍ରେଷ୍ଠ ଗଳ୍ପ 'ବୁଢ଼ାଶଙ୍ଖାରି'। ତାଙ୍କ ରଚିତ 'ବନ୍ଦେ ଉତ୍କଳ ଜନନୀ' ସଂଗୀତ ବି ଅଦ୍ଭୁତ, ଯାହାକି ରାଜ୍ୟ ସଂଗୀତର ମାନ୍ୟତା ପାଇଛି। କବିଙ୍କ 'ସବୁଥିରୁ ବଞ୍ଚିତ କରି କେଉଁ ଯଶବାନା ଉଡାଇ ବହେ' ସଂଗୀତର ଆବେଦନ ମଧ୍ୟ ଅଦ୍ୱିତୀୟ।

ଡିସେମ୍ବର ମାସ ୯ ତାରିଖ, ବର୍ଷଟି ଥିଲା ୧୮୮୮। ସେଦିନ ମାଣବସା ଗୁରୁବାର, ମାର୍ଗଶିର ମାସ। କଟକ ବାଖରବାଦସ୍ଥିତ ଧୂଆଁପତରିଆ ଗଳିରେ ଏକ ଭଡ଼ାଘର; ସେଇଠି ହେଲା ଲକ୍ଷ୍ମୀକାନ୍ତଙ୍କ ଅନ୍ତୁଡ଼ିଶାଳ। ତାଙ୍କ ପିତା ଭଦ୍ରକ ତାଳପଦା ଜମିଦାର ଚୌଧୁରୀ ଭାଗବତ ପ୍ରସାଦ ସାମନ୍ତରାୟ ମହାପାତ୍ର; ମାତା ରାଧାମଣି ଦାସୀ, ବୈତରଣୀକୂଳ କଣ୍ଟାପାରି ଜମିଦାରଙ୍କ କନ୍ୟା। ନବଜାତ ଶିଶୁଟିର ନାଁ ଦିଆଗଲା ଲକ୍ଷ୍ମୀକାନ୍ତ। ଲକ୍ଷ୍ମୀ ହିଁ ସୌଭାଗ୍ୟ, ଐଶ୍ୱର୍ଯ୍ୟ ପ୍ରଦାୟିନୀ। ତାଙ୍କରି ବାରରେ ଜନ୍ମ ହେତୁ ପିତାମାତା ଦେଲେ ସେହି ନାଁଟି। ଉତ୍ତର ଜୀବନରେ ଲକ୍ଷ୍ମୀକାନ୍ତଙ୍କର ନଥିଲା ଧନର ଅଭାବ। ସୁଠାମ, ସୁନ୍ଦର, ସୌମ୍ୟକାନ୍ତିଯୁକ୍ତ ଶରୀର। ସେ ସମୟରେ କଟକ ରେଭେନ୍ସା କଲେଜରୁ ସେ ବି.ଏ. ପାଶ୍ କଲେ। ମନ କିନ୍ତୁ ନାଟକ, ସଙ୍ଗୀତ, ଗଳ୍ପ ଓ କବିତା ରଚନାରେ। ଛାତ୍ର ଜୀବନରେ ଲେଖିଥିବା କବିତାମାନ ବ୍ୟାସକବି ଫକୀରମୋହନ ସେନାପତିଙ୍କ ପରି ତାଙ୍କ ବାପାଙ୍କ ବନ୍ଧୁମାନଙ୍କୁ ବହୁ ଭାବରେ ସ୍ପର୍ଶ କରିଥିଲା। ସେବେକାର 'ଉତ୍କଳ ସାହିତ୍ୟ', 'ମୁକୁର' ପତ୍ରିକାରେ ତାଙ୍କର ପ୍ରକାଶିତ ଲେଖାମାନ ବହୁ ଗୁଣି ପାଠକଙ୍କୁ ବିମୁଗ୍ଧ କରିଥିଲା। ଏକଦା ସୁସାହିତ୍ୟିକ ହରେକୃଷ୍ଣ ସାମନ୍ତ ବିହ୍ୱଳ ହୋଇ ଆଶୀର୍ବାଦ ବର୍ଷିଲେ, "ଫୁଲ ଚନ୍ଦନ ପଡୁ ତୋ ଲେଖନୀରେ- ମୁଁ ତୋତେ ଆଶୀର୍ବାଦ କରୁଛି" - ଏମିତି ଶତ ପ୍ରଶଂସକଙ୍କ ଶୁଭକମନା ଲକ୍ଷ୍ମୀକାନ୍ତଙ୍କୁ ପ୍ରୋତ୍ସାହିତ କରିଥିଲା; ମାତ୍ର ଈଶ୍ୱରଙ୍କ କରୁଣା ବିନା କିଏ ବା କାଳଜୟୀ ସ୍ରଷ୍ଟା ହୋଇପାରିଛନ୍ତି ନା ପାରିବେ ? ଦୁଃଖ-ଯନ୍ତ୍ରଣାର କଷଟି ପଥରରେ ବିଶ୍ୱନିୟନ୍ତା ବାରମ୍ବାର ପରୀକ୍ଷା କରିଥିଲେ ଲକ୍ଷ୍ମୀକାନ୍ତଙ୍କୁ। ସେ ପୀଡ଼ିତ ହେଲେ କୁଷ୍ଠ ମହାବ୍ୟାଧିରେ; ଅଙ୍ଗ ବିକଳାଙ୍ଗ ହେଲା। ରୂପ ଲାବଣ୍ୟ ଦେଇ ହରେଇ ନେଲେ ଈଶ୍ୱର। ସତେ ଯେମିତି ସବୁଥିରୁ ବଞ୍ଚିତ ହେଲେ ଲକ୍ଷ୍ମୀକାନ୍ତ ! ସମ୍ଭବତଃ ଏହା ଥିଲା ଲୀଳାମୟଙ୍କ ମହତ ଆକାଂକ୍ଷା। ତାହା ହୋଇ ନ ଥିଲେ ଓଡ଼ିଆ ବାଣୀ ଭଣ୍ଡାର ଅଧିକ ସମୃଦ୍ଧଶାଳୀ ହୋଇ ନଥାନ୍ତା କି ଏ ଜାତି ପାଇନଥାନ୍ତା 'ଜୀବନ ସଙ୍ଗୀତ', 'ବୁଢ଼ା ଶଙ୍ଖାରି', 'କଣାମାମୁ' ପରି ଅମୂଲ ମୂଲ କଳାକୃତିକୁ।

କଥା ସାହିତ୍ୟର ମହାର୍ଘ ନିଦର୍ଶନ ବୁଢ଼ାଶଙ୍ଖାରି। ଓଡ଼ିଆ ଗଳ୍ପ ସାହିତ୍ୟର ବୁନିଆଦ ନିର୍ଣ୍ଣୟରେ ସମାଲୋଚକଟି ଏ ଗପଟିକୁ କଦାପି ଉପେକ୍ଷା କରି ନପାରେ। ଜୀବନଧର୍ମୀ,



ମାନବିକତାବାଦୀ ସ୍ରଷ୍ଟା ଗୋଟିଏ ସାଧାରଣ ଘଟଣାକୁ ନେଇ ଲେଖିଲେ ବୁଢ଼ାଶଙ୍ଖାରି। ଶଙ୍ଖା ବିକ୍ରିକରୁଥିବା ବୁଢ଼ାଟିଏ, ବାବୁଘର ବୋହୂଙ୍କର ଶଙ୍ଖାକିଣା- ଏହି କଥାକୁ ନେଇ ଗଳ୍ପଟିର ଆରମ୍ଭ, ବିକାଶ ତଥା ପରିଣତି। କ୍ଷୁଦ୍ରଗଳ୍ପର ଆଙ୍ଗିକ, ଆତ୍ମିକ ଶିଳ୍ପ ପ୍ରକରଣକୁ ନେଇ ଗଳ୍ପଟି ସର୍ବାଙ୍ଗ ସୁନ୍ଦର। ଜୀବନର ଖଣ୍ଡିତାଂଶ ଚିତ୍ର, ସାମାଜିକତା, ବାତ୍ସଲ୍ୟ ମମତା, ସର୍ବୋପରି ସେବେକାର ଚଳଣି ସମ୍ପର୍କିତ ମାର୍ଜିତ ରୂପଚିତ୍ର ଗଳ୍ପଟିକୁ କରିଛି ରସୋତ୍ତୀର୍ଣ୍ଣ।

ଶଙ୍ଖା, ସିନ୍ଦୂର; ହିନ୍ଦୁ ସମାଜରେ ଅହିଅ ନାରୀର କେବଳ ଆଭୂଷଣ ନୁହେଁ, ତା'ର ଶ୍ରେଷ୍ଠ ସମ୍ପଦ। ସ୍ୱାମୀର ଦେହାନ୍ତ ହେଲେ ଏହାର ଆବଶ୍ୟକତା ଆଉ ନଥାଏ। ଏଣିକି ବୈଧବ୍ୟର ବୋଝ। ଏଇ କଥାକୁ ଲକ୍ଷ୍ମୀକାନ୍ତ ଚମତ୍କାର ଭାବେ ଦେଖାଇ ଦେଇଛନ୍ତି ଗଳ୍ପଟିରେ। ଗଳ୍ପଟିର ଆରମ୍ଭ ବେଶ୍ ନାଟକୀୟ, "ପ୍ରାୟ ଫଗୁଣ ମାସ ଶେଷ ସରିକି, ଉଦୁଉଦିଆ ଖରାବେଳ, ବୁଢ଼ାଟିଏ ଗୋଟିଏ ଗାଁ ମୁଣ୍ଡରେ ଯାଉଥିଲା। ++++ ବୁଢ଼ା ମୁଣ୍ଡରେ ଗୋଟିଏ ଟୋକେଇ, ଧୂଳିରେ ଆଣ୍ଠୁଯାକେ ବୁଡ଼ିଛି, ଅଷ୍ଟାଙ୍ଗ ଶରୀର ଝାଳବୁଡ଼ି ଗୋଡ଼ବାଟେ ବୋହିଯାଉଛି।" ଚାଲିଛି ଶଙ୍ଖାରି ବୁଢ଼ା। ସେତେବେଳେ ନଥିଲା ରାସ୍ତାଘାଟ, ଯାନ ବାହନ ବା କାହୁଁ ଆସିବ ? ନିତ୍ୟ ବ୍ୟବହାର୍ଯ୍ୟ ଚିଜମାନ ଏମିତି ଗାଁ ଗାଁକି ବିକ୍ରିବଟା କରାଯାଉଥିଲା। ପୁନେଇଁ ପରବରେ ଗାଁ ସୀମନ୍ତିନୀମାନଙ୍କ ଲୋଡ଼ା ନୂଆ ଶାଢ଼ି, ଚୁଡ଼ି, ଶଙ୍ଖା। ସେମାନେ ନିର୍ଭର କରନ୍ତି ଶଙ୍ଖାରି, ଥଟାରି, ତେଲି, ପାଟରା ମାନଙ୍କ ଉପରେ। ବିଶେଷକରି ଏମାନେ ବାବୁଘର ଦେଖି ପହଞ୍ଚନ୍ତି। ଭଲ ଦି ପଇସା ବି ମିଳେ। ବୁଢ଼ା ଶଙ୍ଖାରି ବସିଛି ବାବୁଘର ପିଣ୍ଡାରେ। ବୋହୂ ସାଆନ୍ତାଣୀ ଶଙ୍ଖା କିଣିବେ। ଏବେକା ପରି ସେ ସମୟରେ ନାରୀ ସ୍ୱାଧୀନତା ନଥିଲା। ମୁଣ୍ଡରେ ଓଢ଼ଣୀ; ଏରୁଣ୍ଡି ବନ୍ଧ ନ ଟପିବାକୁ କଟକଣା। ବୁଢ଼ା ଉଆସ ଭିତରକୁ ଯାଇଛି। ବାବୁ ଘର, ସଂଭ୍ରାନ୍ତ ବଂଶଙ୍କ ପରି ଖାନ୍‌ଦାନୀ, "ସଦର ଦରଜା ପାରିହେଲେ ଭିତରେ ପକ୍କା ବାହାର, ସାମନାରେ ଚଉପାଢ଼ୀ, ବାଆଁ ପାଖକୁ ଭିତର ଆଡ଼ ଦୁଆର। "ସେଇଠି ଠିଆ ହୋଇଛନ୍ତି ଲଜ୍ଜାଶୀଳା ଜମିଦାର ବୋହୂଟି। ତାଙ୍କ, "ମୁହଁଟି ଚକି କାଟିଦେଲା ପରି ଚମ୍ପାଫୁଲ ପରି ଗୋରା। ଋରିଆଙ୍ଗୁଳି ଓସାର ନାଲି ତହଁରି ମୟୂରକଣ୍ଠିଆ କସ୍ତା ଖଣ୍ଡିକ ଗୋଇଠି ଯାଏ ଲମ୍ବିଛି। ତାହାରି ଭିତର ଦେଇ ବୋହୂଟିର କଞ୍ଚା ସୁନା ପରି ଗୋରା ଗୋଟିଏ ଋଉଳରେ ଗଢ଼ା ଦେହଟି ଫୁଟି ଦିଶୁଛି"- ଏମିତି ରୂପ ବୁଢ଼ା ଆଗରୁ ଦେଖିନି। ସେ ଆଖି ଫେରୋଇ ପାରିନି। ତା' ପାଟିରୁ କଥା ବାହାରୁନି। ପ୍ରକୃତିସ୍ଥ ହୋଇଛି ବୁଢ଼ା। ବୋହୂ ମା'ଙ୍କ ସୁନ୍ଦରିଆ ହାତରେ ସେ ଶଙ୍ଖା ପିନ୍ଧାଇ ଦେବ। ଚମ୍ପାକଢ଼ିଆ ଆଙ୍ଗୁଳି, ଏଡେ ସୁନ୍ଦର; ବୁଢ଼ା ବିମୋହିତ ହୋଇଯାଇଛି। ବୋହୂ ସାଆନ୍ତିଣୀକୁ ଝିଅ ବୋଲି ସମ୍ବୋଧନ କରିଛି, ଦେଖେଇଛି ରଙ୍ଗ ଝିଲିରି, ବଉଳଫୁଲିଆ, ବିଛାମାଳିଆ, ଚୂନପଟି- ଏମିତି ଭଳିକି ଭଳି ଶଙ୍ଖା ; କିନ୍ତୁ ବୋହୂଟିର ପସନ୍ଦ ଆସମାନତାରା ଶଙ୍ଖା । ତଥାପି ବୁଢ଼ା ଆଣିଥିବା ଶଙ୍ଖାରୁ ଦିପଟ ଝିଅ ହାତରେ ପିନ୍ଧାଇ ଦେଇଛି। ବୁଢ଼ାର ଅପତ୍ୟ ସ୍ନେହ ଉଚ୍ଛୁଳି ପଡ଼ିଛି, "ମା' ମୋତେ ଲାଜ କରୁଛୁ ? ମୁଁ ପରା ତୋ ପୁଅ। ପୁଅକୁ ମା' ଲାଜ କରେ ?" ଶଙ୍ଖା ପିନ୍ଧାଇ ଦେଇ ବୁଢ଼ା ପାଇଛି ସ୍ୱର୍ଗ ସୁଖ। ତା'ର ସମସ୍ତ ଆଶା ସମସ୍ତ ଖୁସିର ସେହିଠାରେ ତୃପ୍ତି। ସବୁଦିନେ ସେଇ ହାତରେ ଶଙ୍ଖା ପିନ୍ଧାଇବାର ସୁଯୋଗ ମିଳନ୍ତାକି ? ଏମିତି ଆଶା ନେଇ ଦିନେ ଦି ଦିନରେ ଶଙ୍ଖାରି ବୁଢ଼ା ଝିଅ ଗାଁରେ ହାଜର। ଶଙ୍ଖା ତ ଗୋଟେ ନିତି କିଣାବିକା ଜିନିଷ ନୁହେଁ; କିନ୍ତୁ ବୁଢ଼ା ଆସେ। ଝିଅ ସହିତ ଦେଖାହେବ, ତା' ହାତରେ ଶଙ୍ଖା ଦିପଟ ପିନ୍ଧାଇ ଦେବ ! କିନ୍ତୁ ବୋହୂର ଲୋଡ଼ା ସେହି ଆସମାନତାରା ଶଙ୍ଖା। ସମୟ ଗଡ଼ିଚାଲେ। ବୁଢ଼ା ରୋଗ ବାଧକାରେ ପଡ଼ି ବହୁକଷ୍ଟରେ ଗଢ଼ିଛି ଆସମାନତାରା ଶଙ୍ଖା। ରଜ ସଂକ୍ରାନ୍ତି ଆଉ ଦି ଦିନ ବାକି। ଶଙ୍ଖାରି ବୁଢ଼ା ବଡ଼ ଆବେଗରେ ଯାଇ ପହଞ୍ଚିଲା ଝିଅ ଗାଁରେ। ନିଜ ଆଖିକୁ ବିଶ୍ୱାସ କରିପାରିଲାନି। ବୋହୂ ସାଆନ୍ତାଣୀ ବିଧବା, ଦେହରେ କୁମ୍ଭକିନାରୀ ପାଟଶାଢ଼ୀ ନାହିଁ, ପିନ୍ଧିଛି ଖଣ୍ଡେ ଧଳା ଲୁଗା, ହାତ ଲଙ୍ଗଳା। ବୁଢ଼ା ମୁଣ୍ଡ ଘୂରେଇ ଦେଲା, ଭୋ କରି ସେ ଡକାପାଡ଼ିଲା; ମା'ଲୋ ! ମୁଁ ନ ମରି କାହିଁକି ତୋତେ ଦେଖିବାକୁ ଆସିଲି ? ଏଇତା ଦେଖିବା ଲାଗି ନା ଲୋ ମା- ବୁଢ଼ାର ବାକ୍ ରୁଦ୍ଧ ହୋଇଗଲା। ଅତି ସରାଗରେ ଗାମୁଛାରେ ବାନ୍ଧିଥିବା ଶଙ୍ଖାମୁଠାକ ପକ୍କାରେ କଚାଡ଼ି ଦେଲା। ସବୁ ଭାଙ୍ଗି ଚୂନା ହୋଇଗଲା; ଚୂନା ହେଲା ତା'ର ସ୍ନେହ, ମୋହ ବନ୍ଧନ ଟିକକ। ବୁଢ଼ା ଏକମୁହାଁ ହୋଇ ଚାଲିଲା। ଶାଶୁ, ଦାସୀ ରଡ଼ି କଲେ। ଶେଷ ହେଲା ଗପଟି। ଛୋଟ କଥାଟିଏ; କିନ୍ତୁ ଏହାର ଭାବ ସୁଦୂର ପ୍ରସାରୀ।

ଶଙ୍ଖା ଦିପଟ ହାତରୁ କଢ଼ାହେଲେ ସୁନାର ଦାମ୍ପତ୍ୟ ଜୀବନ ସରିଯାଏ। ଏଣିକି ଜଣେ ବିଧବାର ନିରିମାଖୀ ଜୀବନ, ହା-ହୁତାଶମୟ, ଦଶ ଦିଗ ଶୂନ୍ୟ। ହିନ୍ଦୁ ପରିବାରର ଏହି ପରମ୍ପରାକୁ ଦେଖାଇ ଦେଇଛନ୍ତି ସ୍ରଷ୍ଟା ଏକ କଳାତ୍ମକ ଭଙ୍ଗୀରେ। ଗଳ୍ପଟିର କରୁଣ ରସ ପାଠକଙ୍କୁ ଅଭିଭୂତ କରେ। ତନ୍ମଧ୍ୟରେ ଥିବା ବାତ୍ସଲ୍ୟ ମମତାର ଅନ୍ତଃପ୍ରବାହୀ ସ୍ରୋତ ବେଶ୍ ପରିସ୍ଫୁଟ। ତାହା ତ ଲକ୍ଷ୍ମୀକାନ୍ତଙ୍କ କଳାକାରିଗରୀର ଅପୂର୍ବ ସଫଳତା।

ଜୀବନ ଯନ୍ତ୍ରଣାରେ ଆଉଟୁ ପାଉଟୁ ଲେଖକୀୟ ପ୍ରାଣସତ୍ତାର ସାର ନିର୍ଯ୍ୟାସଟି ତା'ର ଅନୁପମ ସାହିତ୍ୟ ସର୍ଜନା। ଏଇ କଥାଟିର ସାର୍ଥକତା କେବଳ କାନ୍ତକବି କାହିଁକି, ରୀତିକବି ଦୀନକୃଷ୍ଣ ଦାସ, ଗଣକବି ବୈଷ୍ଣବ ପାଣିଙ୍କ ଠାରେ ପରିଲକ୍ଷିତ। ବିଧାତା ଏମାନଙ୍କ ସୁଖ ସ୍ୱାଚ୍ଛନ୍ଦ୍ୟକୁ ଅଧୁରା କରିଛନ୍ତି, ପରୋକ୍ଷରେ ଦେଇଛନ୍ତି ଅଶେଷ ଆଶୀଷ। ସବୁ ସୁଖ ହରାଇ ଦେଲାପରେ ପରମାତ୍ମାହିଁ ଦୁଃଖୀର ଏକମାତ୍ର ସାହା, ଭରସା। ତାହା ହିଁ ଘଟିଛି ଲକ୍ଷ୍ମୀକାନ୍ତଙ୍କ କ୍ଷେତ୍ରରେ। ଜୀବନର ଦୁଃଖ - ଯାତନା- ଗରଳକୁ ସେ ଆକଣ୍ଠ ପାନ କରିଛନ୍ତି, ତାଙ୍କ ଲେଖନୀ ହୋଇଛି ଅମୃତପ୍ରସବା। ସେ ନିଜ ସଂପର୍କରେ କହନ୍ତି, "ଯେ ପ୍ରକୃତରେ ଚିର ଦୁଃଖୀ, ଚିର ଜର୍ଜର, ଚିର ଆତୁର- ତାହାରି ଅନ୍ତର ନିଭୃତ କକ୍ଷଭେଦି ଯେଉଁ ଉଚ୍ଛ୍ୱାସ, ଯେଉଁ ହା ହା କାର ଉଠେ, ତାହାହିଁ ପ୍ରକୃତ ଗୀତ। ++++ ମୋ ନିଜ କଥା କହିବାକୁ ଗଲେ ମୁଁ ଲେଖେ ନିଜେ ଜୀଇଁବାପାଇଁ। ଏତକ ମୋ ଦୁର୍ବିସହ ଜୀବନର ଏକ ମାତ୍ର ଆଶ୍ୱାସନା, ଏକ ମାତ୍ର ସମ୍ବଳ। ଏହି ଅବଲମ୍ବନଟି ଯେଉଁ ଦିନ ଛିଡ଼ିଯିବ, ସେହିଦିନ ଏକା ମୋର ଶେଷଦିନ।" ଲକ୍ଷ୍ମୀକାନ୍ତଙ୍କର ଦିନ ସିନା ସରି ଯାଇଛି; ମାତ୍ର ଯଶୋଦେହେ ସେ ଆୟୁଷ୍ମାନ। ଭାରି ଅଭିମାନୀ ଲେଖକ। ଅତି ଆବେଗରେ ଆପଣାର ପ୍ରାଣର ବ୍ୟଥାକୁ ବାଢ଼ିଛନ୍ତି ଈଶ୍ୱରଙ୍କ ନିକଟରେ। ତାଙ୍କୁ 'ବାଇଆ ରଜା' ସମ୍ବୋଧନ କରି ଗାଇଛନ୍ତି ଜୀବନ ସଙ୍ଗୀତ। ସତରେ ସେଇ ବାଇଆ ରଜାର ଅପୂର୍ବ କରୁଣା। ଦେଲେ ଲକ୍ଷ୍ମୀକାନ୍ତଙ୍କୁ ବୈରାଗ୍ୟ। ସେ ପାଲଟିଲେ ସନ୍ନ୍ୟାସୀ। ସନ୍ନ୍ୟାସୀରୁ ତପସ୍ୟା, ତା'ପରେ ସିଦ୍ଧି। ସିଦ୍ଧ ସାହିତ୍ୟ ସାଧକ, ଦରଦୀ କବି ଲକ୍ଷ୍ମୀକାନ୍ତ। ଆଜିର ଏହି ପୁଣ୍ୟ ଜୟନ୍ତୀରେ ଏ ଜାତିର ତାଙ୍କ ପାଇଁ କୋଟି ପ୍ରଣାମ। ଓଡ଼ିଆଣୀ ହାତ ଶଙ୍ଖା ଦି'ପଟ କ'ଣ ବୁଢ଼ା ଶଙ୍ଖାରିର କାଳଜାୟୀ ସ୍ରଷ୍ଟାଙ୍କୁ ଅମର ରଖିବାକୁ ଯଥେଷ୍ଟ ନୁହେଁ କି ?

# ପ୍ରଦୂଷଣ ଫାଶରେ ଆଜିର ପରିବେଶ ଓ ସମାଜ



ଉମାଶଙ୍କର ପ୍ରସାଦ
ସମ୍ପାଦକ,
ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ- ୬୩୭୦୬ ୭୫୫୬୨

ଆମର ଏହି ବିଶାଳ ବିଶ୍ୱପ୍ରକୃତି ହେଉଛି ନାନା ଜାତିର ଜୀବଜନ୍ତୁ, ବୃକ୍ଷଲତା, ତରୁ, ତୃଣ, ଜଳ ଓ ବାୟୁ ଇତ୍ୟାଦିର ଏକ ସୁନ୍ଦର ସମନ୍ୱୟ। ଏଗୁଡିକ ମଧ୍ୟରୁ ମାନବ ଜୀବନ ପାଇଁ କେହି ଉପାଦେୟ ହୋଇପାରେ କେହି ଉପାଦେୟ ହୋଇନପାରେ କିନ୍ତୁ ଏ ସମସ୍ତଙ୍କୁ ନେଇ ଏ ବିଶାଳ ବିଶ୍ୱପ୍ରକୃତି ଗଠିତ। ମନୁଷ୍ୟର ଶରୀର ଗଠନ ପାଇଁ ସୁଷମ ଖାଦ୍ୟ ଆବଶ୍ୟକ ହେଲା ଭଳି ଏ ସବୁର ସମନ୍ୱୟ ହିଁ ପରିବେଶକୁ ସୁସ୍ଥ ଓ ସୁନ୍ଦର କରି ପ୍ରକୃତିର ଭାରସାମ୍ୟ ରକ୍ଷାକରିଥାଏ। ବୃକ୍ଷଲତା, ଜୀବଜନ୍ତୁ ହୁଅନ୍ତୁ ଅଥବା ବାୟୁମଣ୍ଡଳରେ ଥିବା ବିଭିନ୍ନ ଉପାଦାନ ହେଉ ଏସବୁର ଅନୁପାତରେ ବ୍ୟତିକ୍ରମ ଘଟିଲେ ତାହା ମନୁଷ୍ୟ, ଜୀବଜନ୍ତୁ ଓ ବୃକ୍ଷଲତାଙ୍କ ପାଇଁ ଭୟଙ୍କର ବିପଦ ସୃଷ୍ଟିକରେ। ଅଜିର ଏ ଏକବିଂଶ ତମ ଯୁଗରେ ଜ୍ଞାନ ବିଜ୍ଞାନର ବିକାଶ ଫଳରେ ପ୍ରାକୃତିକ ପରିବେଶ ସୁରକ୍ଷା ଏକ ଗୁରୁତର ସମସ୍ୟା ଭାବରେ ଉଭା ହୋଇଛି। ଆମର ଏହି ପରିବେଶ ପ୍ରଦୂଷଣକୁ ବିଶେଷ କରି ତିନି ଭାଗରେ ବିଭକ୍ତ କରା ଯାଇଛି ଯାହାହେଲା ୧) ଜଳ ପ୍ରଦୂଷଣ, ୨) ବାୟୁ ପ୍ରଦୂଷଣ ଓ ୩) ଶବ୍ଦ ପ୍ରଦୂଷଣ। ପୃଥିବୀରେ ମଧୁର ଜଳର ଉତ୍ସ ହେଉଛି ନଦୀ ଓ ହ୍ରଦ। ତେଣୁ ନଦୀ ହେଉଛି ମାନବ ସଭ୍ୟତାର ମାତୃତୁଲ୍ୟା। ପୃଥିବୀର ଅନେକ ପ୍ରାଚୀନ ସଭ୍ୟତା ଏହି ନଦୀକୂଳରେ ହିଁ ଗଢିଉଠିଥିଲା। ଭାରତରେ ଗଙ୍ଗା, ଯମୁନା, ସରସ୍ୱତୀ, ନର୍ମଦା, ସିନ୍ଧୁ, କାବେରୀ, ଗୋଦାବରୀ, ବୈତରଣୀ ପ୍ରଭୃତି ପୁରାଣ ବର୍ଣ୍ଣିତ ନଦୀଗୁଡିକ ପବିତ୍ର ବୋଲି ଶାସ୍ତ୍ରାନୁମୋଦିତ ହୋଇଛି। ଗଙ୍ଗାନଦୀ ହେଉଛି ହିନ୍ଦୁମାନଙ୍କ ପକ୍ଷେ ସବୁଠାରୁ ପରମ ପବିତ୍ର ତେଣୁ ତାକୁ 'ପତିତ ପାବନୀ'ଗଙ୍ଗା ବୋଲି କୁହାଯାଏ।

ମାତ୍ର ଦୁଃଖ ଓ ପରିତାପର ବିଷୟ ଗଙ୍ଗାନଦୀ ଆଜି ଆଉ ପତିତ ପାବନୀ ସୁରଧୁନୀ ଗଙ୍ଗା ନୁହେଁ, ତାହା ଆଜି ଭାରତର ବୃହତମ ନର୍ଦ୍ଦମାରେ ପରିଣତ ହୋଇଛି। ଏହାର ଜଳ ଆଜି ଅନିର୍ମଳ, ଜୀବାଣୁରେ ପରିପୂର୍ଣ୍ଣ ଏବଂ ବିଷାକ୍ତ। ଆଜି ଭାରତର ପ୍ରାୟ ସବୁ ନଦୀର ସେହି ସମସ୍ୟା ତେଣୁ ଏଗୁଡିକର ଜଳ ଆଜି ବ୍ୟବହାର ଉପଯୋଗୀ ନୁହେଁ। ଏହି ନଦୀ କୂଳରେ ଛୋଟ ବଡ ପ୍ରାୟ ତିନି ହଜାରରୁ ଅଧିକ ସହର ଏବଂ ଲକ୍ଷ ଲକ୍ଷ ଗ୍ରାମ ଅବସ୍ଥିତ। ସହର ଓ ଗ୍ରାମର ସମସ୍ତ ଦୂଷିତ ଓ ପରିତ୍ୟକ୍ତ ବସ୍ତୁ ନଦୀକୁ ଫିଙ୍ଗା ଯାଉଛି ତେଣୁ ନଦୀ ଜଳ ଦିନକୁ ଦିନ ପ୍ରଦୂଷିତ ହେବାରେ ଲାଗିଛି। ନଦୀଭଳି ହ୍ରଦଗୁଡିକ ମଧ୍ୟ ସମଦଶାପନ୍ନ। ଉତ୍ତରରେ କାଶ୍ମୀରର ଡାଲ ହ୍ରଦଠାରୁ ଆରମ୍ଭ କରି ଦକ୍ଷିଣରେ ପେରିୟାର ଓ ଛଲିୟାର ହ୍ରଦ ପର୍ଯ୍ୟନ୍ତ କେହି ପ୍ରଦୂଷଣମୁକ୍ତ ନୁହନ୍ତି। ନଦୀଜଳ ଦୂଷିତ ହେବା ଫଳରେ ସମୁଦ୍ର ଜଳ ମଧ୍ୟ ପ୍ରଦୂଷଣର ଶିକାର ହେଉଛି। ବର୍ତ୍ତମାନ ଜଳ ସଙ୍କଟ ହେଉଛି ପୃଥିବୀର ଏକ ପ୍ରଧାନ ସଙ୍କଟ। ଯାହାର ଫଳ ଅତ୍ୟନ୍ତ ଭୟଙ୍କର। ଜଳ ପ୍ରଦୂଷଣ ସମଗ୍ର ଜୀବଜଗତ ପ୍ରତି ଯେତିକି ବିପଦ ସୃଷ୍ଟିକରିଛି ତା'ଠାରୁ ଅଧିକ ବିପଦ ସୃଷ୍ଟିକରୁଛି ବାୟୁ ପ୍ରଦୂଷଣ। ଜଙ୍ଗଲ ଧ୍ୱଂସ, ଜନସଂଖ୍ୟା ବୃଦ୍ଧି, ସହରାଞ୍ଚଳର ପ୍ରସାର, କଳକାରଖାନା ବୃଦ୍ଧି, ପେଟ୍ରୋଲ, ଡିଜେଲ ଓ କୋଇଲାର ଅତ୍ୟଧିକ ବ୍ୟବହାର, ଅଧିକ ସଂଖ୍ୟାରେ ଗାଡିମଟର ଚଳାଚଳ ଇତ୍ୟାଦି ଫଳରେ ବାୟୁମଣ୍ଡଳ ଅଧିକରୁ ଅଧିକ ବିଷାକ୍ତ ହୋଇଉଠୁଛି ଏବଂ ପୃଥିବୀ ଘୋର ଦୁର୍ଦ୍ଦିନ ଆଡକୁ ଆଗେଇ ଚାଲିଛି। ବାୟୁ ମଣ୍ଡଳରେ କ୍ରମେ କାର୍ବନ୍ ଓ ନାଇଟ୍ରୋଜେନ ଅକ୍ସାଇଡର ପରିମାଣ ବୃଦ୍ଧି ପାଉଛି ଓ ସେହି ଅନୁପାତରେ ଅମ୍ଳଜାନ ପରିମାଣ ହ୍ରାସ ପାଉଛି। ବର୍ତ୍ତମାନ ମନୁଷ୍ୟ ବିଶୁଦ୍ଧ ଅମ୍ଳଜାନ ଟିକିଏ ପାଇବା ପାଇଁ କଷ୍ଟକର ହେଉଛି। ଜାତିସଂଘର ଏକ ହିସାବରୁ ଜଣାପଡିଛି ଯେ ପୃଥିବୀର ବିକାଶଶୀଳ ରାଷ୍ଟ୍ରମାନଙ୍କର ପ୍ରାୟ ୬୩ କୋଟିରୁ ଅଧିକ ଲୋକ ଦୂଷିତ ବାୟୁ ସେବନ କରୁଛନ୍ତି।

ବାୟୁ ପ୍ରଦୂଷଣ ଯୋଗୁଁ ଟୋକିଓ, ବେଜିଙ୍ଗ, ବାଗ୍‌ଦାଦ, ଲେନିନଗ୍ରାଡ, କାଲିଫର୍ଣ୍ଣିଆ, ଲସ୍ ଏଞ୍ଜେଲସ, ମେକ୍‌ସିକୋ ସିଟି, ମିଲାନ, ଇଟାଲି, ଇରାନ୍, ଦିଲ୍ଲୀ, କଲିକତା ଇତ୍ୟାଦି ସହରଗୁଡିକର ଅବସ୍ଥା ଅତ୍ୟନ୍ତ ଭୟାବହ। ଆଜିକା ଦିନରେ କେତେକ ସହର ଆଉ ମନୁଷ୍ୟର ବାସପୋଯୋଗୀ ନୁହେଁ ବୋଲି ଜାତିସଂଘ ପର୍ଯ୍ୟବେକ୍ଷକମାନେ ମତ ଦେଇଛନ୍ତି। ଧୂଆଁ, ଧୂଳି, ବିଷାକ୍ତ ବାଷ୍ପ ଏହି ସହର ଗୁଡିକୁ ମୃତ୍ୟୁ ଜନ୍ତାରେ ପରିଣତ କରବାରେ ଲାଗିଛି। ଭାରତର ରାଜଧାନୀ ଦିଲ୍ଲୀ ବର୍ତ୍ତମାନ ପୃଥିବୀର ସର୍ବାଧିକ ପ୍ରଦୂଷିତ ସହରମାନଙ୍କ ମଧ୍ୟରେ ଅନ୍ୟତମ। ଭବିଷ୍ୟତରେ ଏପରି ସମୟ ଆସିବ, ଯେତେବେଳେ ଲୋକମାନେ ଅମ୍ଳଜାନ ମୁଣି ସାଙ୍ଗରେ ଧରି ବୁଲିବେ। ଶବ୍ଦ ପ୍ରଦୂଷଣ ପ୍ରତି ଅଧିକାଂଶ ଶିକ୍ଷିତ ଲୋକ ସଚେତନ ନ ଥିଲେ ମଧ୍ୟ ମନୁଷ୍ୟ ଓ ଜୀବଜନ୍ତୁଙ୍କ ଉପରେ ଏହାର ପ୍ରଭାବ ବିଶେଷ କ୍ଷତିକାରକ ଅଟେ। ଶାନ୍ତିପୂର୍ଣ୍ଣ ନୀରବ ବସୁଧା ଓ ବାୟୁଣ୍ଡଳ ଏବେ ଭୟଙ୍କର ଭାବେ ବିକ୍ଷୁବ୍ଧ। କୋଳାହଳ, ଗର୍ଜନ ଓ ଚିତ୍କାର ଫଳରେ 'ଇଥର' ପ୍ରକମ୍ପିତ ହେଉଛି। ବିବାହ ମହୋତ୍ସବରେ ଡି.ଜେର ଅନିୟନ୍ତ୍ରିତ ବ୍ୟବହାର, କଳ କାରାଖାନାର କାର୍ଯ୍ୟରତ ମେସିନର ଘର୍ଷଣ ଶବ୍ଦ, ଉପଗ୍ରହ ଉତ୍‌କ୍ଷେପଣ ସମୟରେ ବ୍ୟବହାର କରାଯାଉଥିବା ରକେଟର ଶବ୍ଦ, ଏହି ଶବ୍ଦ ପ୍ରଦୂଷଣର ପ୍ରଧାନ କାରଣ ଅଟେ। ପରିବେଶ ପ୍ରଦୂଷଣ ଫଳରେ ସମଗ୍ର ପ୍ରାଣୀଜଗତ ଓ ଉଦ୍ଭିଦ ଜଗତର ସ୍ଥିତି ସଙ୍କଟାପନ୍ନ ହୋଇଛି। ନଦୀ ନାଳ ଦ୍ୱାରା ପୃଥିବୀ ପୃଷ୍ଠରୁ ନିଷ୍କାସିତ ହେଉଥିବା ରାସାୟନିକ ଦ୍ରବ୍ୟଗୁଡିକ ସମୁଦ୍ରରେ ମିଶିବା ଫଳରେ ସମୁଦ୍ରର ଜଳ ବିଷାକ୍ତ ହେବାରେ ଲାଗିଛି। ଗତ ଇରାକ୍ ଇରାନ ଯୁଦ୍ଧ ସମୟରେ ତୈଳ ଟାଙ୍କିରେ ବିସ୍ଫୋରଣ ଯୋଗୁ ହଜାର ହଜାର ମାଇଲ ବ୍ୟାପୀ ସମୁଦ୍ର ବକ୍ଷରେ ତୈଳର ଆସ୍ତରଣ ସୃଷ୍ଟି ହୋଇ କିଭଳି ଅବସ୍ଥା ଉପୁଜିଥିଲା ତାହା ପୃଥିବୀ ବାସୀ ଜାଣନ୍ତି।

ଅର୍ଥନୈତିକ ଅଭିବୃଦ୍ଧି ନିମନ୍ତେ ବିକାଶ ନାମରେ ପୃଥିବୀରେ ଯାହା ଯାହା କାର୍ଯ୍ୟକ୍ରମ କରାଯାଉଛି, ସେ ସବୁ ହେଉଛି ବିନାଶର ହେତୁ। ଭୋଗବାଦୀ ସଭ୍ୟତାର ଐଶ୍ୱର୍ଯ୍ୟକାମୀ ମନୁଷ୍ୟ ଆପଣାର ବିନାଶକୁ ନିମନ୍ତ୍ରଣ କରୁଛି। ଦିନକୁ ଦିନ କଳକାରଖାନା ଓ ଗାଡିମଟରର ସଂଖ୍ୟା ଆଶାତୀତ ଭାବରେ ବଢିବାରେ ଲାଗିଛି। ଏ ସବୁରୁ ନିର୍ଗତ କାର୍ବନ ଡାଇଅକ୍‌ସାଇଡ, ମିଥେନ, ସି ଏଫ୍.ସି (କ୍ଲୋରୋଫ୍ଲୋରା କାର୍ବନ) ପ୍ରଭୃତି ବିଷାକ୍ତ ବାଷ୍ପ ବାୟୁମଣ୍ଡଳରେ ଭର୍ତ୍ତି ହୋଇଗଲାଣି। ଏହାଫଳରେ ପୃଥିବୀର ଚତୁର୍ଦ୍ଦିଗରେ ଘେରି ରହିଥିବା ସୁରକ୍ଷାକାରୀ 'ଓଜୋନ' ସ୍ତରରେ ଛିଦ୍ର ସୃଷ୍ଟି ହେଉଛି। ଏହି ଛିଦ୍ରବାଟେ ସୂର୍ଯ୍ୟ କିରଣରେ ଥିବା କ୍ଷତିକାରକ ରଶ୍ମି ଭୂପୃଷ୍ଠରେ ପହଞ୍ଚିବାରୁ ଜୀବଜଗତ ପ୍ରତି ଆଶଙ୍କା ଦେଖା ଦେଇଛି। ପ୍ରଦୂଷଣ ଫଳରେ ବାୟୁମଣ୍ଡଳର ଉତ୍ତାପ ବୃଦ୍ଧି ପାଉଛି। ୧୯୯୨ ରେ ଘଟିଥିବା ଇରାକ ଓ ମିଳିତ ଜାତିସଂଘର ଯୁଦ୍ଧ ଫଳରେ ଉପସାଗରୀୟ ଅଞ୍ଚଳରେ ଭୟଙ୍କର ଅବସ୍ଥା ଦେଖାଦେଇଥିଲା। ବର୍ତ୍ତମାନ ରୁଷ ଓ ୟୁକ୍ରେନର ଭୟାଭୟ ଯୁଦ୍ଧ ଓ ଏହାର ବିଭିନ୍ନ ଯୁଦ୍ଧାସ୍ତ୍ର ପ୍ରୟୋଗ ଯୋଗୁ ବାୟୁମଣ୍ଡଳ ବିଷାକ୍ତ ହେଉଛି। ବାୟୁ ମଣ୍ଡଳର ଉତ୍ତାପ ବୃଦ୍ଧି ଫଳରେ ମେରୁ ଅଞ୍ଚଳରୁ ବରଫ ତରଳିବା ଫଳରେ ସମୁଦ୍ରର ଜଳପତ୍ତନରେ ବୃଦ୍ଧି ପାଇବ। ସମୁଦ୍ରର ଜଳପତ୍ତନ ଯଦି ଅତିକମ୍‌ରେ ଅଧ ମିଟର ବୃଦ୍ଧି ପାଏ ତେବେ ବଙ୍ଗଳାଦେଶର ଶତକଡା ୨୭ ଭାଗ, ଇଜିପ୍ଟର ଶତକଡା ୨୦ ଭାଗ ଏବଂ ଆମେରିକାର ଶତକଡା ୫୦ ରୁ ୮୦ ଭାଗ ପର୍ଯ୍ୟନ୍ତ ଅଞ୍ଚଳ ଜଳମଗ୍ନ ହୋଇଯିବ। ବିଶେଷଜ୍ଞ ମାନେ ସତର୍କବାଣୀ ଶୁଣାଇଦେଲେଣି ଯେହି ପ୍ରକ୍ରିୟା ଅବ୍ୟାହତ ରହିଲେ ୨୦୫୦ ମସିହା ସୁଦ୍ଧା ପୃଥିବୀ ଏକ ପ୍ରଳୟର ସମ୍ମୁଖୀନ ହେବ। ଜଙ୍ଗଲ ନଷ୍ଟ ଫଳରେ ହଜାର ହଜାର ପଶୁପକ୍ଷୀ, ଔଷଧୀୟ ବୃକ୍ଷ ନଷ୍ଟ ହୋଇ ଯାଉଛି। ବୃକ୍ଷ ନଷ୍ଟ ଯୋଗୁ ମୃତ୍ତିକା କ୍ଷୟ ହେଉଛି, ଅମ୍ଳଜାନର ଅଭାବ ହେଉଛି। ଏହି ପ୍ରଦୂଷଣର ତୃତୀୟ ବିପତ୍ତି ହେଲା ଶବ୍ଦ ପ୍ରଦୂଷଣ। ଉଚ୍ଚ ଏବଂ ଉତ୍କଟ ଶବ୍ଦ ମନୁଷ୍ୟର ଶ୍ରବଣେନ୍ଦ୍ରିୟକୁ ନଷ୍ଟ କରିବା ସଙ୍ଗେ ସଙ୍ଗେ ରକ୍ତଚାପ, ଅଲସର୍, କର୍କଟ ଏବଂ ହୃଦ୍ ରୋଗ ସୃଷ୍ଟି କରେ। ବର୍ତ୍ତମାନ ଗୁରୁତ୍ୱ ପୂର୍ଣ୍ଣ କଥା ହେଲା କଳକାରଖାନା, ଗାଡିମଟରରୁ ନିର୍ଗତ ଧୂଆଁ ଯେପରି ପ୍ରଦୂଷଣର କାରଣ ନହୁଏ ସେଥିପ୍ରତି ପ୍ରଶାସନ, ପରିବେଶବିତ୍ ସମସ୍ତେ ବିଶେଷଧ୍ୟାନ ଦେବାର ସମୟ ଆସିଛି। ଯଦିଓ ପ୍ରତିବର୍ଷ ଜୁନ ୫ ତାରିଖରେ ବିଶ୍ୱ ପରିବେଶ ଦିବସ ପାଳନ କରାଯାଉଛି ତଥାପି ଲୋକମାନେ ତଥା ରାଜନେତା ସଚେତନ ହୋଇପାରି ନାହାଁନ୍ତି। ପରିବେଶ କ୍ଷୟ ଫଳରେ ୬୦୦ ରୁ ୯୦୦ ଜାତିର ପ୍ରାଣୀ ଓ ଉଦ୍ଭିଦ ଲୋପପାଇବା ସହ ୫ ଲକ୍ଷ ଏକର ଜମି ମରୁଭୂମି ପାଲଟି ଗଲାଣି। ୫ଲକ୍ଷ ୩୪ ହଜାର ହେକ୍ଟର ବିଷୁବ ମଣ୍ଡଳୀୟ ଅରଣ୍ୟ ଧ୍ୱଂସ ପାଇଗଲାଣି। ଏହାଠୁ ଅଧିକ ହୋଇଛି ରାଜନୀତ ପ୍ରଦ୍ୟୁଷଣ। ବହୁ କ୍ଷେତ୍ରରେ ରାଜନୀତିକ କାରଣରୁ ବିଶେଷଜ୍ଞ ମାନଙ୍କ ମତକୁ ଉପେକ୍ଷା କରି ନୂତନ ଶିଳ୍ପ, ହୋଟେଲ, ନଭଶ୍ଚୁମ୍ବି ପ୍ରାସାଦ, ଚିଙ୍ଗୁଡି ଚାଷ ଇତ୍ୟାଦିକୁ ଅନୁମତି ଦିଆଯାଉଛି। ପରିବେଶ ସୁରକ୍ଷା ପାଇଁ ଶିଳ୍ପ ଓ କୃଷି ମଧ୍ୟରେ ଆନୁପାତିକ ହାର ରକ୍ଷା କରାଯିବା ଉଚିତ।

# ଯଥାର୍ଥରେ ସେ ଥିଲେ ଉତ୍କଳ କେଶରୀ



ହିମାଂଶୁ ଶେଖର ଆଚାର୍ଯ୍ୟ
ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ-୯୯୩୭୧୫୧୦୫୨

ସମୟ ଓ ଜୁଆର କାହାକୁ ଅପେକ୍ଷା କରେନାହିଁ। ବିସ୍ମୃତିର ପାଣିକନା ସମୟ ସ୍ଲେଟରୁ ଅନେକ ଲେଖା ପୋଛିଦେଲେବି ଏମିତି କିଛି ଲେଖା ରହିଯାଏ ଯାହା ପୋଛି ହୁଏନା । ତାହା ସ୍ମୃତି ହୋଇ ରହିଯାଏ । ଏହିଭଳି ଏକ ଅଲିଭା ସ୍ମୃତି ହେଉଛି ପ୍ରଖ୍ୟାତ ଜନନାୟକ, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସୁସାହିତ୍ୟିକ, ଦକ୍ଷ ସଂପାଦକ ତଥା ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ କଥା ଓ ଗାଥା । ଏହି ଯୋଗଜନ୍ମା ବରପୁତ୍ର ଜନ୍ମ ନେଇଥିଲେ ୧୮୯୯ ମସିହା ନଭେମ୍ବର ୨୧ ତାରିଖରେ । ତାଙ୍କର ୮୮ ବର୍ଷର କର୍ମମୟ ଓ ଘଟଣାବହୁଳ ଜୀବନର ଅବସାନ ଘଟିଲା ୧୯୮୭ ମସିହା ଜାନୁୟାରୀ ୨ ତାରିଖରେ ।

ତୁଳସୀ ଦୁଇ ପତ୍ରରୁ ବାସିଲା ପରି ବାଲ୍ୟ କାଳରୁ ହରେକୃଷ୍ଣ ମହତାବଙ୍କ ବହୁମୁଖୀ ପ୍ରତିଭାର ଉନ୍ମେଷ ହୋଇଥିଲା । ଓଡିଶାର ରାଜନୀତି, ଶିକ୍ଷା, ସାହିତ୍ୟ, ସମାଜସେବା ଓ ସାମ୍ବାଦିକତା- ସମସ୍ତ କ୍ଷେତ୍ରରେ ସେ ନିଜର ପଦାଙ୍କ ଛାଡି ଯାଇଛନ୍ତି । ଓଡିଶାର ପୂର୍ଣ୍ଣାଙ୍ଗ ଇତିହାସ ରଚନା କରି ସେ ହୋଇଯାଇଛନ୍ତି ଯୁଗପୁରୁଷ। ଖାଲି ସେତିକି ନୁହେଁ, ଥରେ ସିଏ ଯାହା ଚିନ୍ତା କରୁଥିଲେ ତାକୁ କାର୍ଯ୍ୟରେ କରି ଦେଖାଉଥିଲେ । ଏଥିରୁ ତାଙ୍କୁ କେହି ବିଚ୍ୟୁତ କରିପାରୁନଥିଲେ । ଏପରିକି ତାଙ୍କ ବ୍ୟତିରେକ ଓଡିଶା ରାଜନୀତିର କୌଣସି ସଂଜ୍ଞା, ସ୍ଥିତି ନାହିଁ ସମସ୍ତ ଉଲ୍ଲେଖଯୋଗ୍ୟ ରାଜନୀତିକ ଉତ୍‌ଥାନ-ପତନରେ ତାଙ୍କର ହାତଥିବା ଅନେକ ବିଶ୍ୱାସ କରୁଥିଲେ । ସତରେ ସେ ଥିଲେ ଏକ ରାଜନୀତିକ ବିସ୍ମୟ, ଯାହାଙ୍କ ଚିନ୍ତାରେ, କଥାରେ, ଲେଖାରେ ଓ କାର୍ଯ୍ୟରେ ଗୋଟିଏ ଜାତିର ଶ୍ୱାସ-ପ୍ରଶ୍ୱାସ ଏମିତି ସ୍ପନ୍ଦିତ ହେଉଥିଲା । ସେ ଖାଲି ଜଣେ ବ୍ୟକ୍ତି ବିଶେଷ ନଥିଲେ, ଥିଲେ ଏକ ସ୍ୱୟଂସଂପୂର୍ଣ୍ଣ ଅନୁଷ୍ଠାନ ।

ଡକ୍ଟର ମହତାବଙ୍କ କର୍ମମୟ, ସଂଗ୍ରାମୀ ଓ ରାଜନୈତିକ ଜୀବନ ବେଶ୍ ଚଳଚଞ୍ଚଳ ଥିଲା । ନିଜର ଅସାଧାରଣ ବ୍ୟକ୍ତିତ୍ୱ ଓ ପରାକାଷ୍ଠା ଯୋଗୁ ପ୍ରାୟ ଅର୍ଦ୍ଧଶତାବ୍ଦୀ ଧରି ୧୯୨୪ ମସିହାରୁ ୧୯୭୪ ମସିହା ପର୍ଯ୍ୟନ୍ତ ଓଡିଶା ତଥା ଜାତୀୟ ରାଜନୀତିକୁ ପ୍ରଭାବିତ କରିଥିଲେ । ୧୯୩୭ ମସିହାରେ ରାଜ୍ୟ କଂଗ୍ରେସର ସଭାପତି ଭାବେ ସଂଗଠନରେ ପାଦ ଥାପିଥିଲେ ସେ । ପରେ ୧୯୩୮ ମସିହାରେ ଭାରତୀୟ ଜାତୀୟ କଂଗ୍ରେସର କାର୍ଯ୍ୟକାରୀ ସମିତି ସଭ୍ୟରୂପେ ତାଙ୍କୁ ମନୋନୀତ କରାଯାଇଥିଲା । ଏହି ସମୟରେ ନିଜର ଅପୂର୍ବ ସାଂଗଠନିକ ଦକ୍ଷତାର ପ୍ରମାଣ ଦେଇଥିଲେ । ପ୍ରଥମ ପର୍ଯ୍ୟାୟରେ ୧୯୪୬ରୁ ୧୯୫୦ମସିହା ପର୍ଯ୍ୟନ୍ତ ସେ ଓଡିଶାର ପ୍ରଧାନମନ୍ତ୍ରୀ ପରେ ମୁଖ୍ୟମନ୍ତ୍ରୀ ହେବାର ଗୌରବ ଲାଭ କରିବା ସହ ପରବର୍ତ୍ତୀ ପର୍ଯ୍ୟାୟରେ ୧୯୫୬ ମସିହାରେ ଦ୍ୱିତୀୟ ଥର ପାଇଁ ଓଡିଶାର ମୁଖ୍ୟମନ୍ତ୍ରୀ ପଦ ମଣ୍ଡନ କରି ୧୯୬୧ ମସିହା ପର୍ଯ୍ୟନ୍ତ ସେଥିରେ ଅବସ୍ଥାପିତ ହୋଇଥିଲେ । ସେହିପରି ୧୯୫୦ ମସିହାରୁ ୧୯୫୨ ମସିହା ପର୍ଯ୍ୟନ୍ତ କେନ୍ଦ୍ର ଶିଳ୍ପ, ବାଣିଜ୍ୟ ଓ ଯୋଗାଣ ମନ୍ତ୍ରୀ ରୂପେ ନିଜ ଦାୟିତ୍ୱ ସୂଚାରୁରୂପେ ତୁଲାଇଥିଲେ । ୧୯୫୫-୧୯୫୬ ମସିହାରେ ବମ୍ବେ ରାଜ୍ୟର ରାଜ୍ୟପାଳ ହେବାର ସୌଭାଗ୍ୟ ଡକ୍ଟର ମହତାବ ହିଁ ଲାଭ କରିଥିଲେ। ୧୯୬୨ ମସିହାରେ ଯେଉଁ ତିନିଜଣ ସଦସ୍ୟ ଅପ୍ରତିଦ୍ୱନ୍ଦ୍ୱୀ ଭାବରେ ଲୋକସଭାକୁ ନିର୍ବାଚିତ ହୋଇଥିଲେ ତନ୍ମଧ୍ୟରୁ ମହତାବ ଥିଲେ ଜଣେ। ସେହିପରି ୧୯୬୬ ମସିହାରେ କଂଗ୍ରେସ ଦଳ ତ୍ୟାଗ ପରେ ୧୯୬୭,୧୯୭୧ ଓ ୧୯୭୪ ମସିହାରେ ସେ ମଧ୍ୟ ଓଡିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ମହତାବଙ୍କ ଶାସନକାଳ ଓଡିଶା ପାଇଁ ଏକ ସୁବର୍ଣ୍ଣଯୁଗ ଥିଲା କହିଲେ ଭୁଲ୍ ହେବ ନାହିଁ। ତାଙ୍କର ପ୍ରତ୍ୟେକ କାର୍ଯ୍ୟରେ ସ୍ୱକୀୟତା, ସାହସ ଓ ନିର୍ଭୀକତା ପରିସ୍ଫୁଟ ହୋଇଥିଲା। ଆଧୁନିକ ଓଡିଶାର ନିର୍ମାତା ଭାବେ ଇତିହାସରେ ତାଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିବ । ଗଡଜାତ ମିଶ୍ରଣ, ଭୁବନେଶ୍ୱରରେ ନୂଆ ରାଜଧାନୀ ପ୍ରତିଷ୍ଠା, ଓଡିଶା ଟେକ୍ସଟାଇଲ୍ ମିଲ୍, କଟକ ଆକାଶବାଣୀ କେନ୍ଦ୍ର ପ୍ରତିଷ୍ଠାରେ ତାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଆଜି ବି ଉଚ୍ଚ ପ୍ରଶଂସିତ । ବିଶେଷ କରି ଓଡିଶାକୁ ମହତାବଙ୍କ ସର୍ବଶ୍ରେଷ୍ଠ ଅବଦାନ ହେଉଛି ହୀରାକୁଦ ବନ୍ଧ । ୧୯୪୮ ମସିହା ଏପ୍ରିଲ ୧୨ ତାରିଖରେ ଭରତର ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଓଡିଶାରେ ହାଇକୋର୍ଟ ପ୍ରତିଷ୍ଠା ଦିଗରେ ମହତାବ ଆଶୁ ପଦକ୍ଷେପ ନେଲେ । ସୁପ୍ରିମକୋର୍ଟର ସେତେବେଳର ପ୍ରଧାନ ବିଚାରପତିଙ୍କ ଦ୍ୱାରା ଏହା ଉଦଘାଟିତ ହୋଇଥିଲା । ଓଡିଶାରେ ଖେଳ କସରତକୁ ପ୍ରୋତ୍ସାହନ ଦେବାପାଇଁ ମହତାବଙ୍କ ଅବଦାନ ବହୁତ ବେଶୀ । ଓଡିଶା ଅଲମ୍ପିକ ଆସୋସିଏସନ୍ ତାଙ୍କ ଉଦ୍ୟମରେ ଗଠିତ ହୋଇଥିଲା । ସେ ଶେଷ ପର୍ଯ୍ୟନ୍ତ ତାର ସଭାପତି ଥିଲେ । ବାରବାଟୀ ଷ୍ଟାଡିୟମ୍ ନିର୍ମାଣରେ ସେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ ।

ରାଜନୀତି ଓ ସାହିତ୍ୟ ସାଧନା ସହିତ ମହତାବ ସାମ୍ବାଦିକତାକୁ ନିଜ ଜୀବନର ଅଙ୍ଗ ବୋଲି ଭାବିନେଇଥିଲେ । ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ସଫଳତା ସାର୍ଥକ ଜନମତ ଉପରେ ନିର୍ଭର କରେ ବୋଲି ସେ ମର୍ମେ ମର୍ମେ ଅନୁଭବ କରିଥିଲେ । ଜନମତକୁ ପ୍ରତିଫଳିତ କରିବା ପାଇଁ ସେ ପ୍ରତିଷ୍ଠା କରିଥିଲେ "ପ୍ରଜାତନ୍ତ୍ର" । ୧୯୨୩ ମସିହାରେ ଏହା ପ୍ରଥମେ ସାପ୍ତାହିକ ଭାବେ ପ୍ରକାଶ ପାଇବା ପରେ ୧୯୪୬ ମସିହାଠାରୁ ଏହା ଦୈନିକ ପ୍ରକାଶ ପାଇଆସୁଅଛି । ପ୍ରଜାତନ୍ତ୍ରର ବହୁ ବିଭାଗ ଦେଖିବାକୁ ମିଳେ । ଏହାର ଆଉ ଏକ ଆକର୍ଷଣୀୟ ବିଭାଗ ଥିଲା ଗାଁ -ମଜଲିସ୍ । ଏହାକୁ ମହତାବ ନିଜେ ଲେଖୁଥିଲେ । ଏଥିରେ ଦୁଃଖୀ, ଦରିଦ୍ର, ଶୋଷିତ ଜନସାଧାରଣଙ୍କ ପାଇଁ ସମବେଦନାର ଉଚ୍ଛ୍ୱାସ ଦେଖିବାକୁ ମିଳୁଥିଲା । ଏତଦ୍‌ବ୍ୟତିତ ଶିଶୁପତ୍ରିକା ମୀନାବଜାର ଓ ଝଙ୍କାରର ସେ ସ୍ରଷ୍ଟା ଥିଲେ । ପ୍ରଜାତନ୍ତ୍ର ପ୍ରଚାର ସମିତିର ସଭାପତି ଥାଇ ସେ ସାରସ୍ୱତ ବିଷୁବ ମିଳନର ପରିକଳ୍ପନା କରିଥିଲେ । ପ୍ରତିବର୍ଷ ଏହି ଉତ୍ସବରେ କବି, ଲେଖକ ଓ ସାହିତ୍ୟିକମାନେ ସମ୍ବର୍ଦ୍ଧିତ ହେଉଛନ୍ତି । ଏବେ ମଧ୍ୟ ବିଷୁବ ମିଳନ ସମାରୋହରେ ତାଙ୍କ ଶୂନ୍ୟତା ବେଶ୍ ବାରିହୋଇପଡେ ।

ମହତାବଙ୍କର ସାହିତ୍ୟ କ୍ଷେତ୍ରରେ ମଧ ଗଭୀର ପ୍ରବେଶ ଓ ଅନୁରାଗ ଥିଲା । ସେ ଥିଲେ ଜଣେ ଲବ୍ଧପ୍ରତିଷ୍ଠ ସାହିତ୍ୟିକ । ବହୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ ମଧ୍ୟ ଲେଖନୀ ଚାଳନାରୁ ସେ ବିରତ ହୋଇନଥିଲେ । ତାଙ୍କର ପ୍ରବନ୍ଧଗୁଡିକ ଯେପରି ଭାବୋଦ୍ଦୀପକ, ତାଙ୍କ ଉପନ୍ୟାସଗୁଡିକ ସେପରି ପ୍ରାଣବନ୍ତ ଥିଲା । ଏଥିସହିତ ଗଳ୍ପ, ଏକାଙ୍କିକା ଓ କାବ୍ୟ କବିତା ଲେଖିବାରେ ସେ ମାହିର ଥିଲେ । ତାଙ୍କର ପ୍ରକାଶିତ ଉପନ୍ୟାସ ଗୁଡିକ ହେଲା ପ୍ରତିଭା, ଅବ୍ୟାପାର, ନୂତନ ଧର୍ମ, ଟାଉଟର, ତୃତୀୟ ପର୍ବ ଓ ୧୯୭୫ । ପ୍ରବନ୍ଧଗୁଡିକ ଭିତରେ ରହିଛି ସମାଜ ଉପରେ ସାହିତ୍ୟର ପ୍ରଭାବ, ହଜାରେ ବର୍ଷରେ ଓଡ଼ିଆ ସାହିତ୍ୟ, ଭାରତୀୟ ସଂସ୍କୃତିକୁ ଓଡ଼ିଶାର ଅବଦାନ, ଗୀତା ଓ ଜନତା ଓ ସାହିତ୍ୟ ଓ ରାଜନୀତି । ବହୁ ବିଶିଷ୍ଟ ଲୋକଙ୍କ ପରି ସେ ଆତ୍ମଜୀବନୀ ଲେଖିଛନ୍ତି - 'ସାଧନାର ପଥେ' । ଏହା ଉଚ୍ଚକୋଟୀର ଆତ୍ମଜୀବନୀ । ବିଶେଷକରି ତାଙ୍କ ରଚିତ 'ଓଡିଶା ଇତିହାସ' ଏକ ଅନନ୍ୟ ସୃଷ୍ଟି ଯାହା ଭବିଷ୍ୟତ ଗବେଷକମାନଙ୍କୁ ଯୁଗଯୁଗ ଧରି ପ୍ରେରଣା ଦେଇଆସୁଥିବ । ଐତିହାସିକ ମଜୁମ୍‌ଦାରଙ୍କ ଭାଷାରେ ଓଡିଆ ଭାଷାରେ ଆଧୁନିକ ବୈଜ୍ଞାନିକ ପଦ୍ଧତିରେ ଯେଉଁ କେତୋଟି ପୂର୍ଣ୍ଣାଙ୍ଗ ଇତିହାସ ରଚିତ ହୋଇଛି, ତନ୍ମଧ୍ୟରୁ 'ଓଡିଶା ଇତିହାସ' ଶ୍ରେଷ୍ଠ ଗ୍ରନ୍ଥ । ଏଥିପାଇଁ ୧୯୫୦ ମସିହାରେ ଆନ୍ଧ୍ର ବିଶ୍ୱବିଦ୍ୟାଳୟ, ୧୯୫୬ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟ, ୧୯୫୮ ମସିହାରେ ସାଗର ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନଜନକ ଡି.ଲିଟ୍. ଉପାଧିରେ ଭୂଷିତ କରିଥିଲେ ।

ଡକ୍ଟର ହରେକୃଷ୍ଣ ମହତାବ ଆଜି ଆମ ଗହଣରେ ନାହାଁନ୍ତି ସତ, ହେଲେ ଓଡିଶାର ପ୍ରତିଟି କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ଜନମାନସରେ ସେ ଚିରଦିନ ସ୍ମରଣୀୟ ହୋଇରହିବେ । ହେଲେ ସେଦିନର ସାଧନା ସବୁ ସ୍ୱପ୍ନିଳ, ସଂକଳ୍ପ ଅଭିଧାନଗତ । ଆଗକୁ ବହୁଦୂର ଯିବାକୁ ହେବ । ଅନେକ ଆହ୍ୱାନ ଆମ ସାମ୍ନାରେ ରହିଛି, ତାକୁ ସାହସର ସହିତ ମୁକାବିଲା କରିବାକୁ ହେବ । ଉତ୍କଳ କେଶରୀଙ୍କ ଆଦର୍ଶରେ ଆମେ ଅନୁପ୍ରାଣିତ ହେଲେ ଦେଶ ଓ ଜାତିର ଉନ୍ନତି ହେବ । ଏଥିରେ ସନ୍ଦେହର ଅବକାଶ ନାହିଁ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ





////////////////////////// ବିର୍ଲା ଗ୍ଲୋବାଲ୍ ୟୁନିଭର୍ସିଟିର ସପ୍ତମ ସମାବର୍ତ୍ତନ ଉତ୍ସବ //////////////////////////

# ଅନିଶ୍ଚିତତା ଏକ ଆହ୍ୱାନ ନୁହେଁ ବରଂ ଏକ ସୁଯୋଗ:ଅଭିଷେକ ଭଗତ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି, ଭୁବନେଶ୍ୱର ପକ୍ଷରୁ ଏହାର ୭ମ ବାର୍ଷିକ ସମାବର୍ତ୍ତନ ଉତ୍ସବ ଶିକ୍ଷାନୁଷ୍ଠାନର ଗୋଠପାଟଣା କ୍ୟାମ୍ପସ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ସମାବର୍ତ୍ତନ ଉତ୍ସବରେ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ, ଅଭିଭାବକ ଓ ମାନ୍ୟଗଣ୍ୟ ଅତିଥିମାନେ ଯୋଗ ଦେଇଥିଲେ। ଅଭିଷେକ ଭଗତ, ଜେ.ଏମ୍. ଫାଇନାନ୍ସିଆଲ୍ ଲି଼.ର ପରିଚାଳନା ନିର୍ଦ୍ଦେଶକ (ଡିଜିଟାଲ୍ ଟେକ୍ନୋଲୋଜି -ଇନ୍ଭେଷ୍ଟମେଣ୍ଟ ବ୍ୟାଙ୍କିଙ୍ଗ୍) ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାବର୍ତ୍ତନ ଉତ୍ସବକୁ ସମ୍ବୋଧିତ କରିଥିଲେ। ଶ୍ରୀ ଭଗତ ତାଙ୍କ ପ୍ରେରଣାଦାୟକ ବକ୍ତବ୍ୟରେ କହିଥିଲେ ଯେ, ଅନିଶ୍ଚିତତା ଏକ ଆହ୍ୱାନ ନୁହେଁ ବରଂ ଏକ ସୁଯୋଗ। ସେ ସ୍ନାତକ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ଅନଭିଜ୍ଞତାକୁ ଦୁର୍ବଳତା ନୁହେଁ ବରଂ ଏକ ନୂତନ ସମ୍ଭାବନା ରୂପେ ଦେଖିବାକୁ ଉପଦେଶ ଦେଇଥିଲେ। ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇ ସେ କହିଥିଲେ ଯେ, ଶିକ୍ଷାର କଦାପି ଅନ୍ତ ହୁଏ ନାହିଁ ଏବଂ ନିରନ୍ତର ଭାବେ ନୂତନ କୌଶଳକୁ ଆପଣେଇବା ହିଁ ସଫଳତାର ଚାବିକାଠି। ବୋର୍ଡ ଅଫ୍ ଗଭର୍ଣ୍ଣର୍ସର ସଦସ୍ୟ ଡଃ ପି.କେ. ମିଶ୍ର (ଅବସରପ୍ରାପ୍ତ ଆଇଏଏସ୍) ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହିତ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବିଜିୟୁର କୁଳପତି କୁଳଭୁଷଣ ବାଲୁନି ବାର୍ଷିକ ବିବରଣୀ ପାଠ କରିଥିବା ସହ ବିଜିୟୁର କ୍ରମାଗତ ସଫଳତାକୁ ଦର୍ଶାଇଥିଲେ। ରେଜିଷ୍ଟ୍ରାର ବି. କେ ଦାସ ସମାବର୍ତ୍ତନ ଉତ୍ସବକୁ ପରିଚାଳନା କରିଥିଲେ। ଏଥିରେ ୪୨୯ ଜଣ ଛାତ୍ରଛାତ୍ରୀଙ୍କୁ ଡିଗ୍ରି ପ୍ରଦାନ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୨୪୦ ଜଣ ସ୍ନାତକୋତ୍ତର ଏବଂ ୧୮୯ ଜଣ ସ୍ନାତକ ଛାତ୍ରଛାତ୍ରୀ ଥିଲେ। ବିଭିନ୍ନ ବିଭାଗରେ ଟପ୍ପର ହୋଇଥିବା ୧୯ ଜଣ ଛାତ୍ରଛାତ୍ରୀଙ୍କୁ ଗୋଲ୍ଡ ମେଡାଲ ପ୍ରଦାନ କରାଯାଇଥିଲା ଏବଂ ୫ ଜଣ ପିଏଚ୍ଡି ଗବେଷକଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି ପକ୍ଷରୁ ଆଲୁମୁନି ମିଟ୍ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ସହ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା।




# ଉତ୍କଳ ଆୟୁର୍ବେଦିକ ଫାର୍ମାସୀରେ ୫ ମାସ ହେଲା ଔଷଧ ପ୍ରସ୍ତୁତ ବନ୍ଦ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଆସିକା ସ୍ଥିତ ଉତ୍କଳ ଆୟୁର୍ବେଦିକ ଫାର୍ମାସୀ ଖୋଲିବ ନା ନାହିଁ ? ବର୍ତ୍ତମାନ ଏହାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ । ଫାର୍ମାସୀ ପକ୍ଷରୁ ଆବଶ୍ୟକ କାଗଜପତ୍ର ଦାଖଲ ହୋଇ ପାରୁନଥିବାରୁ ଆୟୁଷ ମନ୍ତ୍ରଣାଳୟର ନିର୍ଦ୍ଦେଶପ୍ରକାରେ ୫ ମାସ ହେଲାଣି ଔଷଧ ପ୍ରସ୍ତୁତି ଓ ବିକ୍ରି ବନ୍ଦ ରହିଛି । ଆଉ ଏଥିପାଇଁ ଆସିଥିବା କଞ୍ଚାମାଲ୍ ନଷ୍ଟ ହେବାକୁ ବସିଲାଣି । କେବଳ ଏତିକି ନୁହେଁ, ଆଗରୁ ପ୍ରସ୍ତୁତ ହୋଇ ରହିଥିବା ୧୫ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ଔଷଧ ବିକ୍ରି ନହୋଇ ପଡ଼ିରହିଛି । ଏହାସହ କର୍ମଚାରୀ ଓ ଶ୍ରମିକମାନେ ମଜୁରୀ ପାଇପାରୁନଥିବା ବେଳେ କିଛି ଶ୍ରମିକ ପରିବାର ପ୍ରତିପୋଷଣ କରିବାକୁ ବିକଳ୍ପ ଭାବେ ବାହାରେ ଅନ୍ୟ କାମ କରୁଛନ୍ତି । ବିଭିନ୍ନ କାରଣକୁ ନେଇ ଉତ୍କଳ ଆୟୁର୍ବେଦିକ ଫାର୍ମାସୀରେ ଅଚଳାବସ୍ଥା ଲାଗି ରହିଛି । ବିଭିନ୍ନ ସମସ୍ୟା ଦେଇ ଏହି ସଂସ୍ଥା ଗତି କରୁଛି । ଏଭଳି ପରିସ୍ଥିତିରେ ଚଳିତ ମଇ ମାସରେ ଆୟୁର୍ବେଦିକ ଡ୍ରଗ୍ସ ଇନ୍ସପେକ୍ଟର ଆସି କାଗଜପତ୍ର ଯାଞ୍ଚ କରିଥିଲେ । କିନ୍ତୁ କିଛି ଆବଶ୍ୟକ କାଗଜପତ୍ର ଫାର୍ମାସୀ ପକ୍ଷରୁ ଦାଖଲ ହୋଇପାରିନଥିଲା । ଏହାପରେ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ଗତ ଜୁନ୍ ମାସରେ ଫାର୍ମାସୀକୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇ ୧୫ ଦିନ ଭିତରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଜାରି ହୋଇଥିଲା । କିନ୍ତୁ କାଗଜପତ୍ର ଦାଖଲ ନକରିବା ଓ ନୋଟିସ୍ର ଉତ୍ତର ନଦେବା କାରଣରୁ ଆୟୁଷ ମନ୍ତ୍ରଣାଳୟ ଏହି ସଂସ୍ଥାର ଔଷଧ ପ୍ରସ୍ତୁତି ଓ ବିକ୍ରି ଲାଇସେନ୍ସକୁ ରଦ୍ଦ କରିଥିଲେ । ଏହା ସହ ଉତ୍ତର ରଖିବାକୁ ପୁଣି ଏକ ମାସ ମହଲତ ଦେଇଥିଲେ । ତେବେ ଏହା ମଧ୍ୟରେ ୫ ମାସରୁ ଅଧିକ ସମୟ ବିତିଯାଇଛି । ଫାର୍ମାସୀ କର୍ତ୍ତୃପକ୍ଷ ନୋଟିସ୍ର କୌଣସି ଉତ୍ତର ରଖୁନାହାନ୍ତି କି, ଆବଶ୍ୟକ କାଗଜପତ୍ର ଦାଖଲ କରୁନାହାନ୍ତି । ଫଳରେ କିଛି ଅନିୟମିତତାକୁ ଭିତିରିଆ ଚପାଇଦେବାକୁ ଚକ୍ରାନ୍ତ ହେଉଥିବା ଚର୍ଚ୍ଚା ହେଉଛି । ଆଉ ଔଷଧ ପ୍ରସ୍ତୁତି ଓ ବିକ୍ରି ବନ୍ଦ ହୋଇଯାଇଥିବାରୁ କର୍ମଚାରୀଙ୍କ ଭବିଷ୍ୟତ ଅନ୍ଧକାର ଆଡକୁ ଠେଲି ହୋଇଯାଇଛି । ଉତ୍ପାଦିତ ଔଷଧ ବିକ୍ରି ହୋଇ ପାରୁନଥିବା ବେଳେ ଆସିଥିବା କଞ୍ଚାମାଲ୍ ନଷ୍ଟ ହେବାକୁ ବସିଛି । ସେହିପରି ଏକ ଗୋଷ୍ଠୀ ଗତ କିଛି ମାସ ହେଲା ଫାର୍ମାସୀକୁ ରୁଗ୍ଣ ପରିସ୍ଥିତି ଆଡକୁ ଠେଲି ଏହାକୁ ଶାଗମାଛ ଦରରେ ଅନ୍ୟ ହାତକୁ ଟେକିଦେବାକୁ ଚକ୍ରାନ୍ତ କରୁଛନ୍ତି । ସବୁଠୁ ପରିତାପର ବିଷୟ ହେଉଛି, ପରିଚାଳନାଗତ ତ୍ରୁଟି କାରଣରୁ ଗତ ଏକ ବର୍ଷ ହେଲା ଫାର୍ମାସୀ କର୍ମଚାରୀ ଓ ଶ୍ରମିକଙ୍କ ଦରମା ଠିକ୍ ଭାବେ ଦେଇପାରୁନି । ଫାର୍ମାସୀ ସମ୍ପାଦକ ଦାୟିତ୍ୱ ଏବେ ଜଣେ ସମବାୟ ଇନ୍ସପେକ୍ଟରଙ୍କ ହାତରେ । ପରିଚାଳନା ପରିଷଦକୁ ସରକାର ନିଲମ୍ବନ କରି ଆସିକା ଏଆର୍ସିଏସ୍ଙ୍କୁ ସରକାର ପ୍ରଶାସକ ଦାୟିତ୍ୱ ଦେଇଛନ୍ତି । ଏଭଳି ପରିସ୍ଥିତିରେ ସମବାୟ ସଂସ୍ଥାର ଭବିଷ୍ୟତ ଅନ୍ଧାକାର ଆଡକୁ ଗତି କରୁଛି । କିଛି ଦିନ ମଧ୍ୟରେ ୮୮ ବର୍ଷ ପୁରୁଣା ଏହି ଫାର୍ମାସୀ କାର୍ଯ୍ୟକ୍ଷମ ନହେଲେ ଅନ୍ୟ ସମବାୟ ସଂସ୍ଥା ଭଳି ଏହା ମଧ୍ୟ ଇତିହାସ ପାଲଟିଯିବ ବୋଲି ମତ ପ୍ରକାଶ ପାଇଛି ।

# ବାଲ୍ୟ ବିବାହ ନିରାକରଣ ଓ କୈଶୋର ସଶକ୍ତିକରଣ ପ୍ରତିଜ୍ଞା ଅଭିଯାନ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାରୁ ବାଲ୍ୟ ବିବାହ ପ୍ରଥାକୁ ସମ୍ପୂର୍ଣ୍ଣ ରୂପେ ସମାପ୍ତ କରିବା ନିମନ୍ତେ ଏବଂ କୈଶୋର ସଶକ୍ତିକରଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଜିଲ୍ଲାସ୍ତରରେ ୧୫ ଦିନିଆ ଅଭିଯାନର ଶୁଭାରମ୍ଭ ଜିଲ୍ଲାପାଳଙ୍କ ସଦ୍ଭାବନା ସଭା ଗୃହରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଯାଇଛି । ଏହି ଅଭିଯାନ ଚଳିତ ମାସ ୬ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ଏହା ମାଧ୍ୟମରେ ଜିଲ୍ଲାରେ ବ୍ୟାପକ ସଚେତନତା କାର୍ଯକ୍ରମ ଅନୁଷ୍ଠିତ ହେବ । ଏଥିରେ ପ୍ରତିଜ୍ଞା ଅଭିଯାନର ଲୋଗୋ ଉନ୍ମୋଚନ ହେବା ସହ ଶପଥ ପାଠ ମଧ୍ୟ କରାଯାଇଥିଲା । ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଗୁଡିକ ହେଲା କୈଶୋର ମାନଙ୍କୁ ଜୀବନକୌଶଳ ଶିକ୍ଷା, ତୃଣମୂଳ ସ୍ତରୀୟ ମୁଖ୍ୟ ଏବଂ ମହିଳା ମାନଙ୍କ ସମୁଦାୟିକ ସହାୟତାରେ କେନ୍ଦ୍ରାପଡ଼ାର ବାଲ୍ୟବିବାହ ହାର ଶତକଡା ୯.୪ (nhfs-5)ରୁ ପଚଶ ପ୍ରତିଶତ ୨୦୨୫ ସୁଦ୍ଧା କମାଇବା, ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ସମନ୍ୱୟ ରକ୍ଷାକାରୀ ତୃଣମୂଳ ସ୍ତରରେ କୈଶୋର ମାନଙ୍କୁ ସେବା ଯୋଗାଇଦେବା, ଗାଁରୁ ସହର, ସହରରୁ ଜିଲ୍ଲା ପର୍ଯ୍ୟନ୍ତ ବାଲ୍ୟ ବିବାହ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟିକରିବା, sdg -3.7 ଅନୁଯାୟୀ ପରିବାର ନିୟୋଜନ ଜନିତ ସୂଚନା ଓ ଶିକ୍ଷା ସହିତ ଓ ଯୌନ ଏବଂ ପ୍ରଜନନ ସ୍ୱାସ୍ଥ୍ୟର ସେବା ଗୁଡିକୁ ସମସ୍ତଙ୍କ ପାଖରେ ପହଞ୍ଚାଇବା ସୁନିଶ୍ଚିତ କରିବା, ବାଲ୍ୟବିବାହ କ୍ଷେତ୍ରରେ ତୁରନ୍ତ ଆଇନ୍ଗତ କାର୍ଯାନୁଷ୍ଠାନ ନେଇ ବାଲ୍ୟ ବିବାହାକୁ ରୋକିବା ଏବଂ ବାଲ୍ୟବିବାହକୁ ସମୂଳରୁପେ ଉଚ୍ଛେଦ କରିବା ନିମନ୍ତେ ସମୁଦାୟର ବ୍ୟବହାର ଓ କୁପ୍ରଥାରେ ପରିବର୍ତ୍ତନ ଆଣିବାରେ ଜାତି ମୁଖିଆ ମାନଙ୍କ ସମର୍ଥନ ଏକ୍ଜୁଟ୍ କରିବା ଏଥିରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ମନୋରମା ସ୍ୱାଇଁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, cwc ଚେୟାରପର୍ସନ ସ୍ୱାଗତିକା ପାତ୍ର, ଜିଲ୍ଲାର ସମସ୍ତ ବିଭାଗର ଅଧିକାରୀ, actionaidର ଶିଶୁ ଅଧିକାର ଓ ବାଲ୍ୟ ବିବାହ ନିରାକରଣ ପ୍ରୋଗ୍ରାମର ଘାସିରାମ ପଣ୍ଡା, ୟୁନିସେଫ ସ୍ୱାଗତ ଘଡେଇ, ଅମିତା ସିଂହ, ଜିଲ୍ଲା ସଂଯୋଜିକା କୈଶୋର ସଶକ୍ତି କରଣ ୱାନ୍ଷ୍ଟପ୍ ସେଣ୍ଟରର ମୁଖ୍ୟ, ଜିଲ୍ଲା ସଂଯୋଜିକା, ଜିଲ୍ଲାର ସମସ୍ତ ଶକ୍ତି ସଦନର କର୍ମକର୍ତ୍ତା, ନଅ ଗୋଟି ବ୍ଲକର ସମସ୍ତ ସିଡିପିଓ, ଅଙ୍ଗନବାଡ଼ି ସୁପରଭାଇଜର, ଅଙ୍ଗନବାଡ଼ି କର୍ମୀ, ଜିଲ୍ଲାରେ ଶିଶୁ ସୁରକ୍ଷା କାର୍ଯ୍ୟରେ ନିୟୋଜିତ ପଲ୍ଲିଶ୍ରୀ, ଭାରତ ଓ ରେସା ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଏବଂ ଶକ୍ତି ସଦନର ଅନ୍ତେବାସୀ, କିଶୋର କିଶୋରୀ ଯୋଗ ଦେଇଥିଲେ ।

# ରାସ୍ତା ପାର୍ଶ୍ୱରେ କୁଢ଼ କୁଢ଼ ଆବର୍ଜନା:ଦୁର୍ଗନ୍ଧରେ ପରିବେଶ ନଷ୍ଟ

**ଘଟଗାଁ, ନ୍ୟୁଜ୍ ବ୍ୟୁରୋ**

ଦୈନିକ ମା' ତାରିଣୀଙ୍କ ପୀଠକୁ ହଜାର ହଜାର ଯାତ୍ରୀ ଆସି ଦର୍ଶନ କରିବା ସହ ନିକଟସ୍ଥ ପର୍ଯ୍ୟଟନ ସ୍ଥଳୀର ସୌନ୍ଦର୍ଯ୍ୟ ଉପଭୋଗ କରିଥାନ୍ତି । ମାତ୍ର ମନ୍ଦିରକୁ ଆସିବା ରାସ୍ତାର ପାର୍ଶ୍ୱ କୁଢ଼ କୁଢ଼ ଆବର୍ଜନା ପଦାର୍ଥ ସେହି ରାସ୍ତା ପାର୍ଶ୍ୱରେ ପକାଉଥିବାରୁ ତାହା ଦୁର୍ଗନ୍ଧ ହୋଇ ପରିବେଶ ନଷ୍ଟ ହେଉଛି । ସେହି ରାସ୍ତା ପାର୍ଶ୍ୱ ଦେଇ ଯାତ୍ରୀ ଆସୁଥିବାରୁ ଏପରି ଆବର୍ଜନା ଦେଖି ମନରେ ଘୃଣାଭାବ ଜାତ ହେଉଛି । ପର୍ଯ୍ୟଟନ ଋତୁ ଚାଲିଥିବାରୁ ଏହି ରାସ୍ତା ପାର୍ଶ୍ୱରେ ବହୁ ସଂଖ୍ୟାରେ ଯାନବାହାନ ରହିବା ସହ ସେହି ସ୍ଥାନରେ ଯାତ୍ରୀମାନଙ୍କ ଗହଳି ଲାଗି ରହିବ । ଉଲ୍ଲେଖନୀୟ ଯେ ସରକାର ସ୍ୱଚ୍ଛ ଭାରତ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଦର୍ଶନୀୟ ସ୍ଥାନ ଏଥିରୁ ବାଦ୍ ପଡିବା ପରିତାପର ବିଷୟ । ଏଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବା ପାଇଁ ଦାବି ହେଉଛି ।

# ଉଦ୍ଘାଟନ ପରେବି କାମରେ ଲାଗୁନି ମାଛ ଓ ମାଂସ ବଜାର:ରାସ୍ତା କଡ଼ରେ ଚାଲିଛି ବେପାର

**ବୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଦୀର୍ଘ ବର୍ଷ ହେଲା ଏନ୍ଏସି ପକ୍ଷରୁ ମାଛ ଓ ମାଂସ ବଜାର ନିର୍ମାଣ କରାଯାଇଥିଲେ ବି ଅଦ୍ୟାବଧି କାମରେ ଲାଗିନଥିବା ବେଳେ ବେପାରୀମାନେ ରାସ୍ତା କଡରେ ମାଛ ବିକ୍ରି କରୁଥିବାରୁ ଅନେକ ସମୟରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି । ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । ଅନ୍ୟପକ୍ଷରେ ରାସ୍ତାକଡସ୍ଥ ଦୋକାନ ଗୁଡିକ ସମ୍ମୁଖରେ ମାଛ ବେପାରୀମାନେ ବ୍ୟବସାୟ କରୁଥିବାରୁ ଅଧିକାଂଶ ସମୟରେ ଦୋକାନୀ ଓ ବେପାରୀ ଉଭୟ ଗୋଷ୍ଠୀ ମଧ୍ୟରେ ତିକ୍ତତା ଦେଖା ଦେଉଛି । ପୂର୍ବରୁ ଏଭଳି ସମସ୍ୟା ଦେଖାଦେଇଥିବାରୁ ପୋଲିସ ଓ ଏନ୍ଏସି ପ୍ରଶାସନ ପକ୍ଷରୁ ମାଛ ବେପାରୀଙ୍କୁ ରାସ୍ତା କଡରୁ ଉଠାଇ ମାଛ ବଜାରକୁ ନିଆଯାଇଥିଲା । ସେମାନେ ସେଠାରେ କିଛି ଦିନ ମାଛ ବେପାର କରିବା ପରେ ମାର୍କେଟ୍ ନିର୍ମାଣରେ ତୃଟି ଏବଂ ଅସୁବିଧା ଦର୍ଶାଇ ପୁଣି ରାସ୍ତା କଡକୁ ଜିଦ୍ କରି ଫେରିଥିଲେ । ଫଳରେ ଏନ୍ଏସି ପକ୍ଷରୁ ବ୍ୟବସାୟୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ମାଛ ମାର୍କେଟ୍ ମଧ୍ୟରେ ଥିବା ଖୋଲା ସ୍ଥାନରେ ଛାତ ପକାଇ ନୂତନ ଶୈଳୀରେ ନିର୍ମାଣ କରି ଏ ବର୍ଷ ସ୍ୱାୟତ୍ତ ଶାସନ ଦିବସରେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ଦ୍ୱାରା ଉଦ୍ଘାଟନ କରାଗଲା । ଏ ମଧ୍ୟରେ ମାଛ ବଜାର ଉଦ୍ଘାଟନ ହେବାର ତିନି ମାସ ବିତିଯାଇଥିଲେ ସୁଦ୍ଧା ମାଛ ବ୍ୟବସାୟୀମାନେ ରାଜରାସ୍ତା କଡରେ ବେପାର ଜମାଉଥିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ଯୋଗୁଁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । ଅନ୍ୟପକ୍ଷରେ ତରବରିଆ ଭାବେ କରାଯାଇଥିବା ଉଦ୍ଘାଟନ ପରେ ବି ମାଛ ମାର୍କେଟ୍ର ସିମେଣ୍ଟ ଚଟାଣ ନିର୍ମାଣ କାର୍ଯ୍ୟ ଏବେ ସୁଦ୍ଧା ଅସମ୍ପୂର୍ଣ୍ଣ ରହିଛି । ତେଣୁ ଏନ୍ଏସି ପକ୍ଷରୁ ମାଛ ଓ ମାଂସ ମାର୍କେଟ୍ର ଅଧୁରା କାମକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରି ସହର ମଧ୍ୟସ୍ଥ ରାଜରାସ୍ତା କଡରୁ ମାଛ ବେପାରୀଙ୍କୁ ଉଚ୍ଛେଦ କରିବା ନେଇ ପ୍ରଶାସନିକ ପଦକ୍ଷେପ ଜରୁରୀ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

# ସୁବର୍ଣ୍ଣପୁରରେ ୬୨ ତମ ଗୃହ ରକ୍ଷୀ ପ୍ରତିଷ୍ଠା ଦିବସ ପାଳିତ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ନିଉ ରିଜର୍ଭ ପ୍ୟାରେଡ ପଡିଆ ଠାରେ ଜିଲ୍ଲା ପୋଲିସ୍ ପକ୍ଷରୁ ୬୨ ତମ ଗୃହ ରକ୍ଷୀ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଏସ୍ପି ବିରେନ୍ଦ୍ର କୁମାର ନାୟକ ଯୋଗ ଦେଇ ପ୍ୟାରେଡରେ ଅଭିବାଦନ ଗ୍ରହଣ କରି ମହାମହିମ ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ହୋମଗାର୍ଡ ଡିଜିଙ୍କ ପ୍ରେରିତ ବାର୍ତ୍ତା ପଠନ କରିଥିଲେ । ସମ୍ମାନିତ ଅତିଥି ଭାବରେ ଡିଏସ୍ପି ଚନ୍ଦ୍ର ଶେଖର ଶବର, ଡିଏସ୍ପି ରେଣୁକା ସୁନା, ସୋନପୁର ଏସ୍ଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ, ବିଏମ୍ପୁର ଏସ୍ଡିପିଓ ବାସୁଦେବ ଛତ୍ରିଆ, ଇନ୍ସପେକ୍ଟର ରାଜେଶ୍ୱରୀ ଭୋଇ, ସୋନପୁର ଥାନା ଅଧିକାରୀ ରଂଜିତ ସାହୁ, ଇନ୍ସପେକ୍ଟର ରମେଶ କୁମାର ମହାଣା ପ୍ରମୁଖ ଯୋଗଦାନ କରିଥିଲେ । ପୋଲିସ ହୋମଗାର୍ଡର ଦୁଇଟି ପ୍ଲାଟୁନ୍ ଆୟୋଜିତ ପ୍ୟାରେଡରେ ଭାଗ ନେଇଥିଲେ । ଜିଲ୍ଲା ପୋଲିସ କନେଷ୍ଟବଲ୍ ସଂଘର ସଭାପତି ଦିନେଶ ମିଶ୍ର ସଂପାଦକ ରଂଜିତ ପଧାନ, ମନୋଜ୍ ପଣ୍ଡା, ଚମରା ପଧାନ, କବି ମିସ୍ତ୍ରୀ ପ୍ରମୁଖ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ସଭାକୁ ଆର୍ ଆଇ ସରୋଜ ବେହେରା ପରିଚାଳନା କରିଥିବା ବେଳେ ସର୍ଜନ ନୀଳକଣ୍ଠ କଅଁର ସହଯୋଗ କରିଥିଲେ । ଜିଲ୍ଲାର ବେଷ୍ଟ ହୋମଗାର୍ଡ ଭାବେ ଲଛିପୁର ଥାନାର ବିକ୍ରମ ଦାଶ, ବିଏମ୍ପୁର ଥାନାର ବିନୋଦ ତାଣ୍ଡିଆ ଓ ସୋନପୁର ଥାନାର ମହିଳା ହୋମଗାର୍ଡ ରାସେଶ୍ୱରୀ ଦୀପଙ୍କୁ ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଛି । ଏହି ଅବସରରେ ରିଜର୍ଭ ଅଫିସ୍ ଠାରେ ଏକ ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିବା ବେଳେ ପ୍ରାୟ ୫୦ ଜଣ ସ୍ୱାସ୍ଥ୍ୟ ଓ ଚକ୍ଷୁ ଚିକିତ୍ସାର ସୁବିଧା ନେଇଥିଲେ।

# ସିଟି ହସ୍ପିଟାଲ୍ ରୂପ ବଦଳିଥିଲେ ସୁଦ୍ଧା ସ୍ୱାସ୍ଥ୍ୟ ସେବାରେ ସୁଧାର ଆସୁନି

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

'ଆମ ସିଟି ହସ୍ପିଟାଲ୍' ଯୋଜନାରେ ସାମିଲ୍ ହେବା ପରେ ବ୍ରହ୍ମପୁର ସ୍ଥିତ ସିଟି ହସ୍ପିଟାଲ୍ର ରୂପରେଖ, ଭିତ୍ତିଭୂମି, ବିଭାଗୀୟ ଉପଲବ୍ଧତା ବଢ଼ିଛି । କିନ୍ତୁ ମାନବ ସମ୍ବଳ ତଥା ଡ଼ାକ୍ତରଙ୍କ ମରୁଡ଼ି ଯୋଜନାର ମୂଳ ଲକ୍ଷ୍ୟର ବିଚ୍ୟୁତ ହୋଇଗଲାଣି ବୋଲି ରୋଗୀ ଓ ସମ୍ପର୍କୀୟ ଅଭିଯୋଗ କରୁଛନ୍ତି । ଏଠାକୁ ଦୈନିକ ୧୩୦୦ରୁ ୧୪୦୦ ରୋଗୀ ନିଜର ଉପଚାର ପାଇଁ ସହର ତଥା ଆଖପାଖ ଅଞ୍ଚଳରୁ ଆସିଥାନ୍ତି । କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ କୋଠାରେ ନାହାନ୍ତି ଡ଼ାକ୍ତର । ଏମ୍କେସିଜି ବଡ଼ ମେଡ଼ିକାଲ୍ ଓ ହସ୍ପିଟାଲ୍ ଭଳି ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ସକାଶେ ସମସ୍ତ ସରଞ୍ଜାମ ରହିଛି । କିନ୍ତୁ ନାହାନ୍ତି କେହି ଅପରେଟର୍ । ମିଳିଥିବା ସୂଚନା ପ୍ରକାରେ ସିଟି ହସ୍ପିଟାଲ୍ରେ ୧୧ଟି ବିଭାଗ ରହିଛି । ନିୟମିତ ଏବଂ ଆଉଟ୍ସୋର୍ସିଂ କର୍ମଚାରୀ ମିଳିମିଶି ପରିଚାଳନା ସହ କରିବାକୁ ନିୟମ ରହିଥିଲେ ମଧ୍ୟ କଥା ଗୋଟିଏ କାମ ଗୋଟିଏ ନୀତି ସବୁ ଚାଲିଛି । ଡ଼ାକ୍ତରଖାନାରେ ମଞ୍ଜୁରୀପ୍ରାପ୍ତ ବରିଷ୍ଠ ଓ କନିଷ୍ଠ ଡ଼ାକ୍ତର ପଦବୀ ୧୯୩ ରହିଥିବା ବେଳେ କେବଳ ୪୯ ଅଛନ୍ତି । ତନ୍ମଧ୍ୟରୁ ୧୦ ଜଣ ଡ଼େପୁଟିସନ୍ରେ ଅଛନ୍ତି । ସର୍ବମୋଟ ୧୪୪ ଡ଼ାକ୍ତର ପଦବୀ ଖାଲିପଡ଼ିଛି । ସରକାରୀ ନିୟମ ଅନୁସାରେ ଅନୁଷ୍ଠାନରେ ଡ଼ାକ୍ତରଙ୍କ ଛୁଟି କିମ୍ବା ଅନୁପସ୍ଥିତରେ ବିକଳ୍ପ ରୂପେ ଲିଭ୍ ରିଜର୍ଭ ଟ୍ରେନିଂ ଅଫିସର ରହିବା ପ୍ରାବଧାନ ରହିଛି । ସିଟି ହସ୍ପିଟାଲ୍ରେ ଏଲ୍ଆର୍ଟିଓଙ୍କ ମଞ୍ଜୁରୀ ପଦବୀ ସଂଖ୍ୟା ୧୭୦ ଥିବା ବେଳେ ଅଛନ୍ତି ମାତ୍ର ୩୭ । ନର୍ସିଂ ପଦବୀ କଥା ନକହିବା ଭଲ । ୧୫୩ ଜଣଙ୍କ ସ୍ଥାନରେ ରହିଛନ୍ତି ମାତ୍ର ୩୪ । ମେଡ଼ିକାଲ୍ ପାଥୋଲୋଜି ପଦବୀ ୨, ଚକ୍ଷୁ ବିଭାଗରେ ୨, ରେଡ଼ିଓଲୋଜିରେ ୧, ଫାର୍ମାସିଷ୍ଟ ପଦବୀ ୩ଟି ଖାଲି ପଡ଼ିଥିବା ବେଳେ ଜଣେ ଚପରାସି ଚାରି ଜଣଙ୍କ କାମ କରୁଛନ୍ତି । ନୂତନ କୋଠାରେ ଅତ୍ୟାଧୁନିକ ସରଞ୍ଜାମ ରହିଛି । ବର୍ତ୍ତମାନ ସୁଦ୍ଧା ସରଞ୍ଜାମର ତଦାରଖ କରିବାପାଇଁ କର୍ମଚାରୀ ଚୟନ ହୋଇପାରିନାହିଁ । ଇନ୍ଡ଼ୋର ରୋଗୀ ଭର୍ତ୍ତି ହେବାପରେ ସର୍ଜରୀ ବିଶେଷଜ୍ଞ ପଦବୀ ଖାଲିପଡ଼ିଥିବା କାରଣରୁ ଅସ୍ତ୍ରୋପଚାର ବିଳମ୍ବ ହେଉଛି । ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀ ବହୁଦିନ ହେଲା ଖାଲି ପଡ଼ିରହିଥିବା କାରଣରୁ ସ୍ୱାସ୍ଥ୍ୟସେବା ବ୍ୟାଘାତ ହେବାର ଅଭିଯୋଗ ବାରମ୍ବାର କର୍ତ୍ତୃପକ୍ଷଙ୍କୁ ଆସୁଥିବା ଜଣାପଡ଼ିଛି । ସମସ୍ୟା ବିଷୟରେ ଡ଼ିଏମ୍ଓ ଡ଼ା. ବିଶ୍ୱାମ୍ବର ବେହେରା କହିଛନ୍ତି ବିଭାଗୀୟ ଅଧିକାରୀଙ୍କୁ ସମସ୍ୟା ସମ୍ପର୍କରେ ଜଣାଇଛୁ ଯଥାଶୀଘ୍ର ଖାଲି ପଡ଼ିଥିବା ପଦବୀ ଭର୍ତ୍ତି କରାଯିବ ବୋଲି ଆଶା କରିଛୁ ।




# ଧରଣୀଧର ବିଶ୍ୱବିଦ୍ୟାଳୟରେ ମାନବିକ ଅଧିକାର ବ୍ୟାଖ୍ୟାନ




**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ଧରଣୀଧର ବିଶ୍ୱବିଦ୍ୟାଳୟର ସମାଜ ବିଜ୍ଞାନ ବିଭାଗ ଦ୍ୱାରା ଆସନ୍ତା ଡିସେମ୍ବର ୧୦ ତାରିଖ ମାନବିକ ଅଧିକାର ଦିବସ ଉପଲକ୍ଷେ, ମାନବିକ ଅଧିକାର ଉପରେ ଏକ ସାମାଜିକ ବ୍ୟାଖ୍ୟାନ ଆୟୋଜିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର କୁଳପତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବ୍ୟାଖ୍ୟାନରେ ବିଶିଷ୍ଟ ସାମାଜିକ କର୍ମୀ ତଥା ଆନ୍ତର୍ଜାତୀୟ ମାନବିକ ଅଧିକାର ପରାମର୍ଶଦାତ୍ରୀ ନମ୍ରତା ଚଢା ଅତିଥିବକ୍ତା ଭାବେ ଯୋଗଦେବା ସହ କେନ୍ଦୁଝରର ଅତିରିକ୍ତ ପୋଲିସ ନିରୀକ୍ଷକ ହରପ୍ରିୟା ନାଏକ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ତଥା ବିଶ୍ୱବିଦ୍ୟାଳୟର କୁଳସଚିବ ଦୁଃଖବନ୍ଧୁ ନାୟକ ଓ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ପ୍ରଭୁପ୍ରସାଦ ଦାସଙ୍କ ସହିତ ଅତିଥି ବୃନ୍ଦ ମା' ତାରିଣୀଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ବ୍ୟାଖ୍ୟାନ ସତ୍ରକୁ ଉନ୍ମୋଚନ କରିଥିଲେ । ସମାଜବିଜ୍ଞାନ ବିଭାଗର ସଂଯୋଜିକା ବ୍ୟାଖ୍ୟାନ ସତ୍ରର ସଂଚାଳିକା ଡଃ ସଂଗୀତା ସୁଶ୍ରୀ ନାୟକ ଅତିଥି ପରିଚୟ ସହ ସ୍ୱାଗତ ଅଭିଭାଷଣ ଓ ଏପରି ବ୍ୟାଖ୍ୟାନର ଆଭିମୁଖ୍ୟ ପ୍ରକାଶ କରିଥିଲେ । ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ପ୍ରଭୁପ୍ରସାଦ ଦାସ ନିଜ ଅଭିଭାଷଣରେ ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀରେ ମାନବିକ ଅଧିକାର ଶିକ୍ଷାଦାନକୁ ବିଶ୍ୱବିଦ୍ୟାଳୟ ପ୍ରାଧାନ୍ୟ ଦେବାସହ ମାନବିକ ଅଧିକାରର ସୁରକ୍ଷାରେ ଛାତ୍ର ଓ ଶିକ୍ଷକଙ୍କ ଭୂମିକା ସଂପର୍କରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ହରପ୍ରିୟା ନାଏକ ମାନବିକ ଅଧିକାର ସୁରକ୍ଷାରେ ପୋଲିସର କର୍ତ୍ତବ୍ୟ ସଂପର୍କରେ ଆଇନ୍ଗତ ଆଲୋଚନା କରିଥିଲେ । ଏହି ସତ୍ରର ଅତିଥି ବକ୍ତା ନମ୍ରତା ଚଢା ମାନବିକ ଅଧିକାର ଇଚ୍ଛାଧୀନ ନୁହେଁ ସାର୍ବଜନୀନ ବୋଲି ମତ ରଖିବା ସହ ଆମ ଅଧିକାର ଆମ ଭବିଷ୍ୟତ ଏବେଠାରୁ ବିଚାର ଉପରେ ଅଭିଭାଷଣରେ ପରସ୍ପରର ଅଧିକାର ପ୍ରତି ସମ୍ମାନ ଓ ସଚେତନତା ହିଁ ମାନବିକ ଅଧିକାର ସୁରକ୍ଷାର ମୁଳ ଆଧାର ବୋଲି ପ୍ରକାଶ କରିଥିଲେ । ନିଜ ସଭାପତିତ୍ୱ ଅଭିଭାଷଣରେ କୁଳପତି ପ୍ରଫେସର ପ୍ରତାପ କୁମାର ମହାନ୍ତି ବିଶ୍ୱ ମାନବିକ ଅଧିକାର ସୁରକ୍ଷାରେ ମହିଳା ମାନଙ୍କର ଭୂମିକାର ଅବତାରଣା କରିଥିଲେ । ସମାଜବିଜ୍ଞାନ ବିଭାଗର ବିଦ୍ୟାର୍ଥୀ ସମ୍ଭାବନା ଓ ଶାଶ୍ୱତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧ୍ୟାପକ ରାଧାରମଣ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ୩୦ ଚାଷୀଙ୍କୁ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା କୃଷି କାର୍ଯ୍ୟାଳୟ ପରିସରରେ ଜିଲ୍ଲା ସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କଲ୍ୟାଣ କୁମାର ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଲିତା ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଭାରପ୍ରାପ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ଼ଃ ଅରବିନ୍ଦ ଦାସ, ମାର୍ଶାଘାଇ କୃଷି ଅଧିକାରୀ ହେମନ୍ତ କୁମାର ସାମଲ, କେନ୍ଦ୍ରାପଡାର କମଳାକାନ୍ତ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଛାତ୍ର ମାନଙ୍କ ଦ୍ୱାରା ବିଶ୍ୱ ମୃତ୍ତିକା ଦିବସ ଅବସରରେ ପୋଷ୍ଟର ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଉପଢୌକନ, ମାନପତ୍ର ଓ ଅର୍ଥରାଶି ପ୍ରଦାନ କରାଯାଇଥିଲା । ୩୦ଜଣ ଚାଷୀଙ୍କୁ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରାଯାଇଥିଲା । ଚାଷୀ ଓ ଅତିଥି ମାନେ ମୃତ୍ତିକା ପରୀକ୍ଷାଗାର ଓ ଭ୍ରାମ୍ୟମାଣ ମୃତ୍ତିକା ପରୀକ୍ଷାଗାର ପରିଦର୍ଶନ କରି କିଭଳି ମୃତ୍ତିକା ପରୀକ୍ଷା କରାଯାଏ ତାହା ଅନୁଧ୍ୟାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଚାଷୀ ଓ କୃଷି ଅଧିକାରୀ ବୈଜ୍ଞାନିକ ମାନଙ୍କର ଆଲୋଚନା ମୃତ୍ତିକା ସ୍ୱାସ୍ଥ୍ୟ ଉପରେ କରାଯାଇଥିଲା । କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ କୃଷି ଅଧିକାରୀ ଦ୍ୱିଜବର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ପୁସ୍ତକ ମେଳାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଲେ ଜିଲ୍ଲାପାଳ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ସାଂସ୍କୃତିକ ପରିଷଦର ଅଧ୍ୟକ୍ଷ ତଥା ଜିଲ୍ଲାପାଳ ଜେ. ସୋନାଲଙ୍କ ଅଧ୍ୟକ୍ଷତାରେ ଆଗାମୀ ୨୬ ତମ ଜଗତସିଂହପୁର ପୁସ୍ତକମେଳା– ୨୦୨୫ ପାଳନ ନିମନ୍ତେ କାର୍ଯ୍ୟକାରିଣୀ ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଜେ ସୋନାଲ ଆଗାମୀ ପୁସ୍ତକମେଳାକୁ ଆକର୍ଷଣୀୟ କରିବାକୁ ସମସ୍ତ ପ୍ରକାର ସହଯୋଗ କରିବାକୁ ଦୃଢ ପ୍ରତିଶ୍ରୁତି ଦେବା ସହିତ ପୁସ୍ତକମେଳାର ସଫଳତା ନିମନ୍ତେ ସୁଚିନ୍ତିତ ପରାମର୍ଶ ଦେଇଥିଲେ । ଉକ୍ତ ବୈଠକରେ ଜଗତସିଂହପୁର ସାଂସ୍କୃତିକ ପରିଷଦର କାର୍ଯ୍ୟକାରୀ ଅଧ୍ୟକ୍ଷ ବିପ୍ଳବ ଚୌଧୁରୀ ଆଗାମୀ ୨୦୨୫ ପୁସ୍ତକ ମେଳାର ସଫଳ ରୁପାୟନ ନିମନ୍ତେ ସମସ୍ତଙ୍କର ସହଯୋଗ କାମନା କରିବା ସହ ଆଗାମୀ ପୁସ୍ତକ ମେଳାର ରୁପରେଖ ସମ୍ପର୍କରେ ସାମ୍ୟକ ସୂଚନା ପ୍ରଦାନ କରିଥିଲେ। ପରିଷଦର ସାଧାରଣ ସମ୍ପାଦକ ଶାରଦା ପ୍ରସନ୍ନ ଦାସ ବିବରଣୀ ପାଠ କରିଥିବା ବେଳେ ପରିଷଦର କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ମହାପାତ୍ର ୨୦୨୪ ପୁସ୍ତକ ମେଳାର ଆୟବ୍ୟୟ ବିବରଣୀ ପାଠ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ସମ୍ବିତ ରାଉତ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ପ୍ରମୁଖ ଉପସ୍ଥିତ ରହି ଆଗାମୀ ପୁସ୍ତକ ମେଳାକୁ କିପରି ସରସ ସୁନ୍ଦର ହୋଇପାରିବ ସୁଚିନ୍ତିତ ମତାମତ ଦେଇଥିଲେ। ପରିଷଦର ଉପାଧ୍ୟକ୍ଷ ବିଜୟ କୁମାର ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଯୁଗ୍ମ ସମ୍ପାଦକ ନରେଶ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଆସନ୍ତା ଡିସେମ୍ବର ମାସ ୧୬ ତାରିଖ ଅପରାହ୍ନ ୪ ଘଟିକାରେ ସାଧାରଣ ପରିଷଦ ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍ଭାବନା ସଭାଗୃହରେ ଅନୁଷ୍ଠିତ ହେବାପାଇଁ ସ୍ଥିରୀକୃତ ହେଇଥିଲା। ଏହି ବୈଠକରେ ଉପାଧ୍ୟକ୍ଷ ଗଣେଶ୍ୱର ମାଣିଆ, କାର୍ଯ୍ୟକାରିଣୀ ସଦସ୍ୟ ଡ଼ ଜ୍ୟୋତିମୟୀ ମହାନ୍ତି, ଡାକ୍ତର କୈଳାସ ମଲ୍ଲିକ, ପ୍ରଭାତ ଦାଶ, ଅବନିକାନ୍ତ ମହାରଣା, ସତ୍ୟବ୍ରତ ବିଶ୍ୱାଳ, ମନୋଜ କୁମାର ଦାଶ, ମାନସ କୁମାର ରଥ, ସୁଷମା ପ୍ରଧାନ, ପ୍ରଦୀପ କୁମାର ମିତ୍ର, ମାନସ କୁମାର କାନୁନ୍ଗୋ, ବିଜୟଲକ୍ଷ୍ମୀ ମହାପାତ୍ର, ସୌଭାଗ୍ୟ ରଞ୍ଜନ ବିଶ୍ୱାଳ, ସରୋଜକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହି ପୁସ୍ତକ ମେଳାକୁ ସରସ ସୁନ୍ଦର କରିବାକୁ ନିଜ ନିଜର ମତାମତ ଦେଇଥିଲେ । ଏହି ବୈଠକରେ ସାଧାରଣ ପରିଷଦ ସଦସ୍ୟ ମନୋଜ କୁମାର ମହାପାତ୍ର, ଅତନୁ ସ୍ୱାଇଁ ଓ ଜିତେନ୍ଦ୍ର ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ହେଲମେଟ୍ ନ ପିନ୍ଧିବା ପାଇଁ ଅଭିନବ ଉପାୟ

# ନମ୍ବର ପ୍ଲେଟ୍ ଲୁଚାଇ ଚଳାଉଛନ୍ତି ଗାଡ଼ି

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝରରେ ହେଲମେଟ୍ ପିନ୍ଧିବା ଏକରକମର ଦୁଇବର୍ଷ ତଳୁ ବାଧ୍ୟତାମୂଳକ କରାଯାଇଥିବା ବେଳେ, ହେଲମେଟ୍ ନ ପିନ୍ଧି ଦୁଇଚକିଆ ଗାଡି ଚଳାଉଥିବା ଲୋକଙ୍କ ଉପରେ ଅଙ୍କୁଶ ଲଗାଇବା ପାଇଁ ବିଭିନ୍ନ ଛକ ମାନଙ୍କରେ କ୍ୟାମେରା ଲଗାଯାଇ ଫାଇନ୍ ଆଦାୟ ହେଉଛି । କ୍ୟାମେରା ଆଗରେ ଧାରା ନପଡିବା ପାଇଁ ଅନେକ ଏବେ ଅଭିନବ ଉପାୟ ଅବଲମ୍ବନ କରୁଥିବା ଦେଖାଯାଉଛି । ଗାଡିର ନମ୍ବର ପ୍ଲେଟ୍ ଉପରେ କଳା ପଲିଥିନ୍ କିମ୍ବା କପଡା ବାନ୍ଧି ଅନେକ ପୋଲିସକୁ ଚକମା ଦେଉଛନ୍ତି । ଏଥିରେ ସବୁଠାରୁ ଆଗରେ ଅଛନ୍ତି ସ୍କୁଲ୍ କଲେଜର ନାବାଳକ ଛାତ୍ରଛାତ୍ରୀ । ଏପରିକି ଅନେକ ବୟସ୍କ ମଧ୍ୟ ଏହି ଉପାୟକୁ ବାଛି ନେଇଛନ୍ତି । ସହରର ବିଭିନ୍ନ ଛକ ସ୍ଥାନରେ ଏହିପରି ନମ୍ବର୍ ପ୍ଲେଟ୍ ଲୁଚାଇ ଚଳାଉଥିବା ଗାଡି ନଜରରେ ଆସୁଛି । ଅନେକ ବାଇକ୍ ଚାଳକ ଖୁବ୍ ଦ୍ରୁତ ଗତିରେ ଗାଡି ଚାଳନା କରୁଥିବା ବେଳେ ଅନେକ ବିଭିନ୍ନ ନିଶା କାରବାର ଓ ଅପରାଧ ଘଟାଉଥିବା ବାଇକ୍ ଚାଳକ ବୋଲି ଜଣାପଡ଼ିଛି । କେନ୍ଦୁଝର ଜିଲ୍ଲା ପୋଲିସ ପକ୍ଷରୁ ଏପରି ଅମାନିଆ ବାଇକ୍ ଚାଳକ ମାନଙ୍କୁ ଧରି ସେମାନଙ୍କ ଗାଡି ଜବତ କରିବା ପାଇଁ ବୁଦ୍ଧିଜୀବୀ ମାନେ ଦାବି କରିଛନ୍ତି ।



# ପୁଣି ବିବାଦ ଘେରରେ ଓଡ଼ିଶା କ୍ରିକେଟ ସଂଘ




**କଟକ, ନ୍ୟୁଜ୍‌ବ୍ୟୁରୋ**

ପୁଣି ବିବାଦ ଘେରରେ ଛନ୍ଦିହେଲା ଆସିଲା ଓଡ଼ିଶା କ୍ରିକେଟ ସଂଘ। ଓସିଏ ଚୟନ କମିଟି ନାଁରେ ପ୍ରୀୟାପ୍ରୀତି ଅଭିଯୋଗ। ଓଡ଼ିଶା ସିନିୟର ଖେଳାଳି ସୂର୍ଯ୍ୟକାନ୍ତ ପ୍ରଧାନ ଆଣିଲେ ସାଂଘାତିକ ଅଭିଯୋଗ। ସିନିୟର ଚୟନ କମିଟିକୁ କଲେ ଟାର୍ଗେଟ। ଖେଳାଳି ଚୟନରେ ଅନିୟମିତତା ହେଉଥିବା ଅଭିଯୋଗ ଆଣିଲେ ସୂର୍ଯ୍ୟକାନ୍ତ। ସିନିୟର ଖେଳାଳିଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ। ପ୍ରତିଭା ଓ ପ୍ରଦର୍ଶନ ଥିବା ସତ୍ତ୍ୱେ ଟିମ୍‌ରେ ସ୍ଥାନ ମିଳୁନଥିବା ଅଭିଯୋଗ କଲେ। ନିଜ ପରିଚିତ ଖେଳାଳିଙ୍କୁ ଟିମ୍‌ରେ ସ୍ଥାନ ଦେଉଛନ୍ତି ଚୟନକର୍ତ୍ତା। ସୂର୍ଯ୍ୟକାନ୍ତଙ୍କ ଅଭିଯୋଗ ଅନୁଯାୟୀ, ପ୍ରଦର୍ଶନ ଥାଇ ମଧ୍ୟ ସୟିଦ ମୁସ୍ତାକ ଅଲି ଟ୍ରଫି ଓ ବିଜୟ ହଜାରେ ଟ୍ରଫିରେ ଚୟନ ହୋଇ ନଥିବା ଆଣିଲେ ଅଭିଯୋଗ। ଚୟନ କମିଟି ବ୍ୟାପକ ଅନିୟମିତତା କରି ସେମାନଙ୍କ ପିଲାଙ୍କୁ ରଖିଥିବା ଗଣମାଧ୍ୟମ ଆଗରେ କହିଛନ୍ତି ସୂର୍ଯ୍ୟକାନ୍ତ। ୧୨ବର୍ଷର କ୍ରିକେଟ କ୍ୟାରିୟର ଓ ୬୨ ମ୍ୟାଚ୍ ଖେଳିଛନ୍ତି ସେ। ୧୮୭ଟି ୱିକେଟ ଓ ୧୨୮୦ ରନ୍ କରିଛନ୍ତି ଅଲରାଉଣ୍ଡର ସୂର୍ଯ୍ୟକାନ୍ତ। ବର୍ତ୍ତମାନ ଚୟନ କମିଟି ଅଧ୍ୟକ୍ଷ ଦାୟିତ୍ୱରେ ରହିଛନ୍ତି ଅମୀୟ ରାୟ। ଏହାସହ ୩ ଜଣ ସଦସ୍ୟ ମଧ୍ୟ ଏହି କମିଟିରେ ରହିଛନ୍ତି। ତେବେ ନିଜ କ୍ଲବ୍‌ରୁ ପିଲା ଆଣି ଓଡ଼ିଶା ଦଳରେ ଖେଳାଇଥିବା ଅଭିଯୋଗ କରିଛନ୍ତି ସୂର୍ଯ୍ୟକାନ୍ତ। ଓସିଏ ସମ୍ପାଦକ ସଞ୍ଜୟ ବେହେରା ଏହି ଦିଗରେ ଦୃଷ୍ଟି ଦେବା ପାଇଁ ଅନୁରୋଧ କରିଛନ୍ତି ସେ। କାହିଁକି ନା ବିସିସିଆଇ ଘରୋଇ ସିଜିନରେ ଦୀର୍ଘ ଅନେକ ବର୍ଷ ଧରି ଖରାପ ପ୍ରଦର୍ଶନ କରି ଆସୁଛି ଓଡ଼ିଶା। ତେଣୁ ଏବେଠୁ ଓସିଏ ଚୟନ କମିଟି ଦିଗରେ ସମ୍ପାଦକ ଓ କମିଟି ଦୃଷ୍ଟି ନଦେଲେ ଓଡ଼ିଶା କ୍ରିକେଟ ନିନ୍ଦା ପରିସରଭୁକ୍ତ ହେବ ବୋଲି ସେ କହିଛନ୍ତି। ଅନ୍ୟପଟେ ଏହି ଘଟଣା ସମ୍ପର୍କରେ ଓସିଏ ପକ୍ଷରୁ କୌଣସି ସୂଚନା ମିଳିପାରି ନାହିଁ।

# ଭାରତକୁ ହରାଇ ବାଂଲାଦେଶ ନିଜ ପାଖରେ ରଖିଲା ଅଣ୍ଡର ୧୯ ଏସିଆ କପ୍

**ନୂଆଦିଲ୍ଲୀ**

ଫାଇନାଲ ମ୍ୟାଚ୍‌ରେ ବାଂଲାଦେଶ ୫୯ ରନରେ ଭାରତକୁ ହରାଇ ଅଣ୍ଡର ୧୯ ଏସିଆ କପକୁ ଜିତି ନିଜ ପାଖରେ ରଖିବାକୁ ସକ୍ଷମ ହୋଇଛି। ୨୦୨୩ରେ ମଧ୍ୟ ବାଂଲାଦେଶ ଅଣ୍ଡର ୧୯ ଏସିଆ କପ ଫାଇନାଲରେ ୟୁଏଇକୁ ହରାଇ ଚାମ୍ପିୟନ ହୋଇଥିଲା। ଏଥର ଜୁନିୟର ଟାଇଗର୍ସ ୮ଥରର ବିଜେତା ଭାରତକୁ ହରାଇ ଟ୍ରଫି କବ୍‌ଜା କରିଛନ୍ତି।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରୁଥିବା ବାଂଲାଦେଶ ୪୯.୧ ଓଭରରେ ସମସ୍ତ ୱିକେଟ ହରାଇ ୧୯୮ ରନ କରିଥିଲା। ଦଳ ପାଇଁ ରିଜୱାନ ହୁସାନ ୬୫ ବଲରେ ସର୍ବାଧିକ ୪୭ ରନର ଇନିଂସ ଖେଳିଥିଲେ। ମହମ୍ମଦ ଶିହାବ ଜେମ୍ସ ଓ ଫରିଦ ହାସନ ଯଥାକ୍ରମେ ୪୦ ଓ ୩୯ ରନ କରିଥିଲେ।

ଭାରତ ପକ୍ଷରୁ ଯୁଦ୍ଧଜିତ ଗୁହା, ଚେତନ ଶର୍ମା ଓ ହାର୍ଦ୍ଦିକ ରାଜ ଦୁଇଟି ଲେଖାଏଁ ୱିକେଟ ନେଇଥିଲେ। ସେହିପରି କିରଣ ଚୋରମାଲେ କେପି କାର୍ତ୍ତିକେୟ ଓ ଆୟୁଷ ମହାତ୍ରେଙ୍କୁ ଗୋଟିଏ ଲେଖାଏଁ ସଫଳତା ମିଳିଥିଲା।

ଫାଇନାଲରେ ୧୯୯ ରନର ଟାର୍ଗେଟ ପାଇଥିବା ଭାରତୀୟ ଟିମ୍ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଓପନର ଆୟୁଷ ମହାତ୍ରେ ୧ ଓ ୧୩ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ୯ ରନ କରି ଆଉଟ ହୋଇଥିଲେ। ଆନ୍ଦ୍ରେ ସିଦ୍ଧାର୍ଥ ୨୦ ଓ କେପି କାର୍ତ୍ତିକେୟ ୨୧ ରନ କରିଥିଲେ ହେଁ ବେଶୀ ସମୟ କ୍ରିଜରେ ରହି ପାରି ନଥିଲେ। ଗୋଟିଏ ପଟେ ଅଧିନାୟକ ମହମ୍ମଦ ଅମନ ସଂଘର୍ଷ



କରି ବାଂଲାଦେଶ ବୋଲରଙ୍କୁ ମୁକାବିଲା କରିଥିଲେ ହେଁ ଅନ୍ୟପଟେ ୱିକେଟ ଝଡ଼ିବାରେ ଲାଗିଥିଲା। ନିଖିଲା କୁମାର(୦), ହରବଂଶ (୬) ଓ କିରଣ ଚୋରମାଲେ(୧) ସମସ୍ତଙ୍କୁ ନିରାଶ କରିଥିଲେ।

ଭାରତ ୯୨ ରନରେ ୭ ୱିକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏତିକି ବେଳେ ଅମନ ଓ ହାର୍ଦ୍ଦିକ ରାଜ ସ୍ଥିତି ସମ୍ଭାଳିବାକୁ ଚେଷ୍ଟା କରିଥିଲେ। ଏଥିସହ ଦଳୀୟ ସ୍କୋରକୁ ୧୧୫ରେ ପହଞ୍ଚାଇ ଦେଇଥିଲେ। କିନ୍ତୁ ଅମନ(୨୬)ଙ୍କୁ ଆଉଟ କରି ଅଜିଜୁଲ ହକିମ ଭାରତର ସବୁ ଆଶାରେ ପାଣି ପକାଇ ଦେଇଥିଲେ। ହାର୍ଦ୍ଦିକ ଫାଇଟ ବ୍ୟାକ୍ କରିଥିଲେ ହେଁ କେବଳ ୨୪ ରନ କରିବାକୁ ସକ୍ଷମ ହୋଇଥିଲେ। ତାଙ୍କ ୱିକେଟ ମଧ୍ୟ ହକିମ ନେଇଥିଲେ। ଶେଷ ବ୍ୟାଟର ଭାବେ ହକିମଙ୍କୁ ଛକା ମାରିବାକୁ ଯାଇ ଚେତନ ଶର୍ମା(୧୦) ବାଉଣ୍ଡରୀ ପାଖରେ ଧରାପଡ଼ି ଯାଇଥିଲେ। ବାସ୍ ଏହି ୱିକେଟ ସହ ଭାରତର ଇନିଂସ ୩୫.୨ ଓଭରରେ ୧୩୯ ରନରେ ଅଟକି ଯାଇଥିଲା।

ବାଂଲାଦେଶ ୫୯ ରନରେ ମ୍ୟାଚ୍‌କୁ ଜିତି କ୍ରମାଗତ ଦ୍ୱିତୀୟ ଥର ପାଇଁ ଅଣ୍ଡର ୧୯ ଏସିଆ କପ୍‌କୁ ଜିତିବାରେ ସକ୍ଷମ ହୋଇଛି। ବାଂଲାଦେଶ ପାଇଁ ରବିବାର ଇକବାଲ ହୁସେନ ଇମୋନ ୩ଟି ୱିକେଟ ନେଇଛନ୍ତି। ସେ ପୂରା ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ୱିକେଟ ଦଖଲକାରୀର ମାନ୍ୟତା ପାଇଛନ୍ତି। ସଥା ୧୩ଟି ୱିକେଟ ନେଇଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ସହ ସିରିଜ୍ ମଧ୍ୟ ମିଳିଛି। ତାଙ୍କ ବ୍ୟତୀତ ହକିମ ମଧ୍ୟ ଭାରତର ୩ ବ୍ୟାଟରଙ୍କୁ ଆଉଟ କରିଛନ୍ତି। ଅଲ ଫହାଦଙ୍କୁ ୨ଟି, ମାରୁଫ ମ୍ରିଧା ଓ ରିଜାନ ହୁସେନ ଗୋଟିଏ ଲେଖାଏଁ ସଫଳତା ପାଇଛନ୍ତି।

# ଚନ୍ଦକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୭ତମ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ




**ବାରଙ୍ଗ, ନ୍ୟୁଜ୍‌ବ୍ୟୁରୋ**

ଚନ୍ଦକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୩୭ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଅଛି। ତିନିଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ପ୍ରାୟ ଦେଢ଼ଶହରୁ ଅଧିକ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ବରିଷ୍ଠ ସାମ୍ବାଦିକ ନିହାରକାନ୍ତ ଦାସ ଏହି କ୍ରୀଡ଼ାକୁ ଅନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରି କ୍ରୀଡ଼ାକୁ ପାଥେୟ କଲେ ଜଣେ ଚାହିଁଲେ ଉନ୍ନତିର ଶୀର୍ଷ ସୀମାରେ ପହଞ୍ଚିପାରିବ ବୋଲି ଉଦାହରଣ ସହ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ଓଡ଼ିଆ ବିଭାଗର ଅଧାପିକା ଡ. ସୁଧାଂଶୁବାଳା ସାହୁ, ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳିତ କରାଇବାରେ କ୍ରୀଡ଼ା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ ବୋଲି ମତ ପୋଷଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷ ଶରତ କୁମାର ସୁନ୍ଦରାୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ବିଜେତାମାନଙ୍କୁ ମାନପତ୍ର ସହିତ ଟ୍ରଫି ପ୍ରଦାନ କରିଥିଲେ। ଅଧାପକ ନିରଞ୍ଜନ ସୁତାର, ସରୋଜ କୁମାର ପଟ୍ଟନାୟକ ଏବଂ ଡିଇଓ ସତୀଶ ନାୟକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। କ୍ରୀଡ଼ା ଅଧିକାରୀ ସୁରେଶ ମହାନ୍ତି କ୍ରୀଡ଼ାକୁ ପରିଚାଳନା କରିଥିଲେ। ଲକ୍ଷ୍ମୀନାରାୟଣ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ବର୍ଡର-ଗାଭାସ୍କର ଟ୍ରଫି : ପର୍ଥର ପରାଜୟର ପ୍ରତିଶୋଧ ଆଡିଲେଡ୍‌ରେ ନେଲା ଅଷ୍ଟ୍ରେଲିଆ

**ଆଡ଼ିଲେଡ୍**

ଯାହା ଆଶଙ୍କା କରାଯାଉଥିଲା, ତାହା ହେଲା। ଆଡିଲେଡ୍‌ରେ ଆତ୍ମସମର୍ପଣ କଲା ଟିମ୍ ଇଣ୍ଡିଆ। ମାତ୍ର ୨ ଦିନ ଓ ଦେଢ଼ ଘଣ୍ଟାରୁ କିଛି ଅଧିକ ସମୟରେ ସରିଗଲା ଖେଳ। ୧୦ ୱିକେଟ୍‌ରେ ବିଜୟୀ ହେଲା ଅଷ୍ଟ୍ରେଲିଆ। ଏହା ସହିତ ଚଳିତ ବର୍ଡର-ଗାଭାସ୍କର ଟ୍ରଫିରେ ୧-୧ ସ୍ଥିତିରେ ପହଞ୍ଚି ଯାଇଛନ୍ତି ଉଭୟ ଦଳ। ପର୍ଥରେ ଟେଷ୍ଟ ୨୯୫ ରନ୍‌ରେ ପରାସ୍ତ ହୋଇଥିବା ଅଷ୍ଟ୍ରେଲିଆକୁ ଆଡିଲେଡ୍ ଓଭାଲରେ ଭାରତ ଦେଇଥିଲା ମାତ୍ର ୧୯ ରନ୍‌ର ବିଜୟ ଲକ୍ଷ୍ୟ। ଅଷ୍ଟ୍ରେଲିଆ ଏହାକୁ କୌଣସି ୱିକେଟ୍ ନହରାଇ ୩.୨ ଓଭରରେ ହାସଲ କରି ନେଇଥିଲା। ଶନିବାର ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୩୩୭ ରନ୍ କରି ଅଲ୍ ଆଉଟ୍ ହେବା ପରେ ଭାରତ ଦ୍ୱିତୀୟ ଇନିଂସ ବ୍ୟାଟିଂ ଆରମ୍ଭ କରିଥିଲା। କିନ୍ତୁ ଦଳର ପ୍ରଦର୍ଶନ ଭଲ ନଥିଲା। ପ୍ରଥମ ଇନିଂସ ଭଳି ଦଳ ଖୁବ୍‌ଶୀଘ୍ର ୱିକେଟ୍ ହରାଇଥିଲା। ଶନିବାର ଷ୍ଟମ୍ପ ଅପସାରଣ ବେଳକୁ ଭାରତ ୧୨୮ ରନ୍ କରି ୫ଟି ୱିକେଟ୍ ହରାଇଥିଲା। ସମସ୍ତ ୫ ଟପ୍ ଅର୍ଡର ବ୍ୟାଟର ଆଉଟ୍ ହୋଇଯାଇଥିଲେ। ରବିବାର ସକାଳେ ପୁଣି ଖେଳ ଆରମ୍ଭ ହେବାର ମାତ୍ର ଏକ ଘଣ୍ଟାରୁ ଟିକେ ଅଧିକ ସମୟ ମଧ୍ୟରେ ଦଳର ବାକି ୫ଟି ୱିକେଟ୍ ପଡ଼ିଯାଇଥିଲା। ପ୍ରଥମ ଓଭରରେ ଯାଇଥିଲା ଋଷଭ ପନ୍ତଙ୍କ ୱିକେଟ୍। ତା'ପରେ ଅଳ୍ପ ସମୟ ବ୍ୟବଧାନରେ ଆଉଟ୍ ହୋଇଯାଇଥିଲେ ଅନ୍ୟ ସମସ୍ତ ବ୍ୟାଟର।

ଓପନର ଯଶସ୍ୱୀ ଜୈସ୍‌ୱାଲ ଓ କେଏଲ୍ ରାହୁଲ ଯଥାକ୍ରମେ ୨୪ ଓ ୭ ରନ୍ କରି ଆଉଟ୍ ହୋଇଥିଲେ। ପର୍ଥରେ ଖେଳାଯାଇଥିବା ପ୍ରଥମ ଟେଷ୍ଟର ଦ୍ୱିତୀୟ ଇନିଂସରେ ଏହି ଦୁଇ ବ୍ୟାଟରଙ୍କ ମଧ୍ୟରେ ୨୦୧ ରନ୍‌ର ପାର୍ଟନରସିପ ହୋଇଥିଲା। ତେଣୁ ଏଥର ବି ସେମାନଙ୍କଠାରୁ ଏକ



ବଡ଼ ପାର୍ଟନରସିପର ଆଶା ରଖିଥିଲେ ସମସ୍ତେ। କିନ୍ତୁ ଉଭୟ ନିରାଶ କରିଥିଲେ। ପ୍ରଥମ ଇନିଂସରେ ୩୧ ରନ୍ କରିଥିବା ଶୁବମନ ଗିଲ୍ ଦ୍ୱିତୀୟ ଇନିଂସରେ ୨୮ ରନ୍ କରିଥିଲେ। ସେହିଭଳି ପ୍ରଥମ ଇନିଂସରେ ବିଫଳ ହୋଇଥିବା ବିରାଟ କୋହଲି ଦ୍ୱିତୀୟ ଇନିଂସରେ ମଧ୍ୟ ସଫଳ ହୋଇପାରି ନଥିଲେ। ପ୍ରଥମ ଇନିଂସରେ ୭ ରନ୍ କରିଥିବା ବେଳେ ଦ୍ୱିତୀୟ ଇନିଂସରେ ୧୧ ରନ୍ କରି ଆଉଟ୍ ହୋଇଥିଲେ।

ପର୍ଥ ଟେଷ୍ଟ ଖେଳି ନଥିବା ରୋହିତ ଶର୍ମା ଆଡିଲେଡ୍‌ରେ ଖେଳିଥିଲେ। କିନ୍ତୁ ନିଜ ସ୍ଥାନ ବଦଳାଇ ଦେଇଥିଲେ। ଓପନିଂ କରିବାକୁ ଆସୁଥିବା ରୋହିତ ବହୁ ବର୍ଷ ପରେ ମିଡିଲ୍ ଅର୍ଡରରେ ଆସିଥିଲେ। ତେବେ ୬ ନମ୍ବରରେ ଖେଳିବାକୁ ଆସିଥିବା ରୋହିତ ପ୍ରଥମ ଇନିଂସରେ ୩ ଓ ଦ୍ୱିତୀୟ ଇନିଂସରେ ୬ ରନ୍ କରିଥିଲେ।

ଋଷଭ ପନ୍ତ ମଧ୍ୟ ଫେଲ୍ ମାରିଲେ। ଦ୍ୱିତୀୟ ଇନିଂସରେ ସେ ୨୮ ରନ୍ କରି ଆଉଟ୍ ହେଲେ। ୭ ନମ୍ବରରେ ଆସୁଥିବା ନୀତୀଶ କୁମାର ରେଡ୍ଡୀ ଭଲ ଖେଳୁଥିଲେ। କିନ୍ତୁ ଏକ ବଡ଼ ଇନିଂସ ଖେଳିବାରେ ବିଫଳ ହୋଇଥିଲେ। ପ୍ରଥମ ଇନିଂସରେ ୪୨ ରନ୍ କରିଥିବା ବେଳେ ଦ୍ୱିତୀୟ ଇନିଂସରେ ମଧ୍ୟ ୪୨ ରନ୍ କରି ଆଉଟ୍ ହୋଇଥିଲେ। ରବିଚନ୍ଦ୍ରନ ଅଶ୍ୱିନ ୭, ହର୍ଷିତ ରାଣା ଶୂନ ଓ ମହମ୍ମଦ ସିରାଜ ୭ ରନ୍ କରି ଆଉଟ୍ ହୋଇଥିଲେ।

ଦ୍ୱିତୀୟ ଇନିଂସରେ ଟିମ୍ ଇଣ୍ଡିଆ ୧୭୫ ରନ୍ କରି ଅଲ୍ ଆଉଟ୍ ହୋଇଯାଇଥିଲା। ଅଷ୍ଟ୍ରେଲିଆ ବୋଲରଙ୍କ ସମ୍ମୁଖରେ ଭାରତୀୟ ବ୍ୟାଟରମାନେ ଏକ ପ୍ରକାର ହାତ ଟେକି ଦେଇଥିବା ଭଳି ମନେ ହୋଇଥିଲା। ଅଧିନାୟକ ପ୍ୟାଟ୍ କମିନ୍ସ ସର୍ବାଧିକ ୫ଟି ୱିକେଟ୍ ନେଇଥିବା ବେଳେ ମିଚେଲ ଷ୍ଟାର୍କ ୨ ଓ ସ୍କଟ ବୋଲାଣ୍ଡ ୩ଟି ୱିକେଟ୍ ନେଇଥିଲେ।

ଅନ୍ୟପକ୍ଷରେ ମାତ୍ର ୧୯ ରନ୍‌ର ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଅଷ୍ଟ୍ରେଲିଆ ୩.୨ ଓଭରରେ କୌଣସି ୱିକେଟ୍ ନହରାଇ ଏହାକୁ ହାସଲ କରି ନେଇଥିଲା। ନାଥମ ମ୍ୟାକସ୍ୱିନୀ ୧୦ ଓ ଉସମାନ ଖଓ୍ୱାଜା ୯ ରନ୍ କରି ଦଳକୁ ଜିତାଇଥିଲେ। ପ୍ରଥମ ଇନିଂସରେ ୧୪୧ଟି ବଲ୍‌ରୁ ୧୪୦ ରନ୍ କରି ଅଷ୍ଟ୍ରେଲିଆର ବିଜୟୀରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇ ଥିବା ଟ୍ରାଭିସ ହେଡ୍‌ଙ୍କୁ ମ୍ୟାନ ଅଫ ଦ ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ, ଚଳିତ ବର୍ଡର-ଗାଭାସ୍କର ଟ୍ରଫିର ୫ଟି ଟେଷ୍ଟ ମ୍ୟାଚ୍ ମଧ୍ୟରୁ ତୃତୀୟଟି ବ୍ରିସବେନ୍‌ରେ ଡିସେମ୍ବର ୧୪ରୁ ଆରମ୍ଭ ହେବ।

## ମା' ଶାରଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ତିର୍ତ୍ତୋଲ ସାମ୍ବାଦିକ ସଂଘ ଓ ତିର୍ତ୍ତୋଲ ପଞ୍ଚାୟତ ସମିତି ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍



**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ପାଳନ୍ଦା ଖେଳ ପଡ଼ିଆରେ ତିର୍ତ୍ତୋଲ ସାମ୍ବାଦିକ ସଙ୍ଘ ଏକାଦଶ ଓ ପଞ୍ଚାୟତ ସମିତି ଏକାଦଶ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ପ୍ରଥମେ ପଞ୍ଚାୟତ ସମିତି ଏକାଦଶ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୮ ଓଭରରେ ୮ ଉଇକେଟ ବିନିମୟରେ ୪୮ ରନ ସଂଗ୍ରହ କରିଥିଲେ। ଜବାବରେ ତିର୍ତ୍ତୋଲ ସାମ୍ବାଦିକ ସଙ୍ଘ ଏକାଦଶ ୫ ଓଭର ୩ଟି ବଲରେ ବିନା ଉଇକେଟରେ ଆବଶ୍ୟକ ରନ କରି ବିଜୟ ଲାଭ କରିଥିଲେ। ସର୍ବାଧିକ ଉଇକେଟ ଓ ରନ ସଂଗ୍ରହ କରି ବିଧାୟକ ପ୍ରଫେସର ଡଃ ରମାକାନ୍ତ ଭୋଇ ମ୍ୟାନ ଅଫଦି ମ୍ୟାଚ୍ ବିବେଚିତ ହୋଇଥିଲେ। ତିର୍ତ୍ତୋଲ ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋଜ କୁମାର ବେହେରାଙ୍କ ସହିତ ସରପଞ୍ଚ ଓ ସମିତିସଭ୍ୟମାନେ ଯୋଗଦେଇଥିଲେ। ଏହି ଖେଳକୁ ଅମ୍ପାୟାର ଭାବେ ସମୀର ବିଶୋଇ ଓ ସୋମୁ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ଏସ.କେ. ଅଲ୍ଲୀ, ସୁବାଶିଷ ଦାସ ଖେଳର ବିବରଣୀ ପ୍ରଦାନ କରିଥିଲେ। ଏହି ଖେଳରେ ଅନୁଷ୍ଠାନର ସଭାପତି ବିମଳକାନ୍ତ ମହାପାତ୍ର, ବରିଷ୍ଠ ଜିଲ୍ଲା ବିଜେଡି ଉପସଭାପତି ଅଶ୍ୱିନୀ ଦାସ, ବ୍ଲକ ବିଜେଡି ସଭାପତି ଗଙ୍ଗାଧର ବିଶ୍ୱାଳ, ସ୍ଥାନୀୟ ସରପଞ୍ଚ ପ୍ରିୟମ୍ବଦା ମହାପାତ୍ର, ସମାଜସୁଧାରକ ବାବା ସଦାନନ୍ଦଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଜନସାଧାରଣ ମାନେ ଖେଳକୁ ଉପଭୋଗ କରିଥିଲେ। ଅନିଲ ଭୋଳ, ବିବେକ ମହାନ୍ତି, ସ୍ୱୟମ ରାଉତ, ଅଜୟ ରାଉତ, ଶ୍ରୀକାନ୍ତ ସ୍ୱାଇଁ, ଅରବିନ୍ଦ ମହାପାତ୍ର, ଅଭିଜିତ ମହାନ୍ତିଙ୍କ ଅନୁଷ୍ଠାନର ସଦସ୍ୟମାନେ ପରିଚାଳନା।

# କୁମାରବସ୍ତ ଲୋକନାଥ କ୍ରିକେଟ୍ : ଢେଙ୍କାନାଳ ଚାମ୍ପିଅନ

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ରାଇଜିଂଷ୍ଟାର କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ଲୋକନାଥ ଦେବ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ କୁମାରାବସ୍ତ ଖେଳପଡ଼ିଆରେ ରବିବାର ଫାଇନାଲ ଦିବସରେ ପ୍ରଥମ ପ୍ରଦର୍ଶନୀ ମ୍ୟାଚ୍‌ରେ ଗୁରୁଜଙ୍ଗ ଭେଟରାନ୍ ଦଳ କୁମାରବସ୍ତ ଭେଟରାନ୍ ଦଳକୁ ୫୩ ରନ୍‌ରେ ପରାସ୍ତ କରି ବିଜେତା ହୋଇଛି। ନନ୍ ଆଧାର କାର୍ଡ ଫାଇନାଲ ମ୍ୟାଚ୍‌ରେ ଢେଙ୍କାନାଳ ଦଳ ଭଳିଆବାଡ଼ି ଦଳକୁ ୯୮ ରନ୍‌ରେ ପରାସ୍ତ କରିଛି। ଢେଙ୍କାନାଳ ଦଳ ପ୍ରଥମେ ବ୍ୟାଟିଂ କରି ଚନ୍ଦନ ମହାପାତ୍ରଙ୍କ ୪୮ ରନ, ସୁନିଲ ସାହୁଙ୍କ ୨୯ ରନ୍ ଓ ବିକାଶ ରାଉତଙ୍କ ୨୯ ରନ ସହାୟତାରେ ୯ ୱିକେଟ ହରାଇ ୧୮୧ ରନ ସଂଗ୍ରହ କରିଥିଲେ। ଜବାବରେ ଭଳିଆବାଡ଼ି ଦଳ ୧୫.୩ ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୮୪ ରନ୍‌ରେ ସୀମିତ ରହିଥିଲେ। ଦଳ ତରଫରୁ ଗୌତମ ସ୍ୱାଇଁ ୨୮ ରନ୍ କରିଥିଲେ।



ଢେଙ୍କାନାଳ ଦଳ ଚାମ୍ପିଅନ ଓ ଭଳିଆବାଡ଼ି ଦଳ ରନର୍ସଅପ ହୋଇଥିଲେ। ଶ୍ରେଷ୍ଠ ବ୍ୟାଟର ମୃତ୍ୟୁଞ୍ଜୟ ମାନସିଂହ, ଶ୍ରେଷ୍ଠ ବୋଲର ରାଜୀବ ଲୋଚନ ପରିଡ଼ା, ଶ୍ରେଷ୍ଠ ଖେଳାଳି ଓ ମ୍ୟାନ୍ ଅଫ ଦି ସିରିଜ୍ ବିକାଶ ରାଉତ ଅତିଥି ମାନଙ୍କଠୁ ପୁରସ୍କୃତ ହୋଇଛନ୍ତି। ଶ୍ରେଷ୍ଠ ମ୍ୟାଚ୍ ପରିଚାଳକ ଭାବେ ଛବି ନାରାୟଣ ସାହୁ, ସାନୁଜ ବିଶ୍ୱାଳ, ଦୁର୍ଯ୍ୟୋଧନ ପରିଡ଼ା ଓ ପ୍ରଦୋଷ ବଳିଆରସିଂହ ପୁରସ୍କୃତ ହୋଇଥିଲେ। ସୋଭାକର ପାତ୍ର, ପ୍ରୀତିରଞ୍ଜନ ବିଜୟସିଂ ଓ ବନବିହାରୀ ସ୍ୱାଇଁ ମ୍ୟାଚ୍ ରେଫରୀ ଭାବରେ କାର୍ଯ୍ୟ କରିଥିଲେ। ସ୍କୋରର ଭାବେ ରଞ୍ଜନ ବରାଳ, ପ୍ରକାଶ ସାହୁ, ଶିବଦତ୍ତ ବଡ଼ଜେନା ଓ ଶ୍ରଧାକର ପାତ୍ର ଥିଲେ। ସଂଯୋଜକ ଭାବେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା ଏବଂ ଏସ୍.ଆର ରାୟ କାର୍ଯ୍ୟ କରିଥିଲେ। ଘୋଷକ ଭାବେ ପାର୍ଥସାରଥୀ ରାଉତରାୟ, ଅମିୟ ପ୍ରଧାନ, କମଳ ପ୍ରଧାନ ସମ୍ମାନିତ ହୋଇଥିଲେ। ରବିବାର ପ୍ରଥମ ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ଜଟଣୀ ବିଧାୟକ ବିଭୁତି ଭୂଷଣ ବଳବନ୍ତରାୟ ଓ ଦ୍ୱିତୀୟ ମ୍ୟାଚ୍‌ରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଉପସ୍ଥିତ ରହି ଖେଳାଳି ଓ ଦର୍ଶକମାନଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ୱାଣ୍ଡରେଲ୍ଲାର ମୁଖ୍ୟ ନିର୍ବାହୀ କଳ୍ପତରୁ ନାୟକ, ଉତ୍କଳ କର୍ମଜୀବୀ ସାମ୍ବାଦିକ ସଂଘ ଖୋର୍ଦ୍ଧା ଜିଲ୍ଲା ସଭାପତି ପ୍ରକାଶ ହାତୀ ଓ ବହୁ ନେତୃବୃନ୍ଦ ଉପସ୍ଥିତ ରହି ଏହି ଫାଇନାଲ ଦିବସକୁ ସଫଳ କରିଥିବାରୁ ରାଇଜିଂଷ୍ଟାର କ୍ଲବ୍ ତରଫରୁ ସମସ୍ତଙ୍କୁ କୃତଜ୍ଞତା ଅର୍ପଣ କରାଯାଇଛି। ସମସ୍ତ କାର୍ଯ୍ୟକର୍ତ୍ତା, ଦର୍ଶକ ଓ ଅତିଥିଙ୍କୁ ସାଧୁବାଦ ଜଣାଇଛନ୍ତି ସଞ୍ଜୟ ପାଇକରାୟ ଓ କାଜଲ ବଳିଆର ସିଂହ।

# ଜୟ ଶାହଙ୍କ ପରେ ଦେବଜୀତ ସାଇକିଆ ହେଲେ ବିସିସିଆଇ ସଚିବ

**ନୂଆଦିଲ୍ଲୀ**



ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ନୂଆ ସଚିବ ହେଲେ ଦେବଜୀତ ସାଇକିଆ। ଜୟ ଶାହ ଇଣ୍ଟରନ୍ୟାସନାଲ କ୍ରିକେଟ କାଉନସିଲ (ଆଇସିସି)ର ଚେୟାରମ୍ୟାନ ହେବା ପରଠାରୁ ଏହି ପଦ ଖାଲି ପଡ଼ିଥିଲା। ଜୟ ଶାହ ଦୀର୍ଘ ୫ ବର୍ଷ ଧରି ଏହି ପଦରେ ରହିଥିଲେ। ଅବଶ୍ୟ ଦେବଜୀତ ସାଇକିଆ କାର୍ଯ୍ୟବାହୀ ସଚିବ ନିଯୁକ୍ତ କରାଯାଇଛି। ବର୍ତ୍ତମାନ ବୋର୍ଡରେ ଜଏଣ୍ଟ ସେକ୍ରେଟାରୀ ପଦରେ ରହିଛନ୍ତି। ରିପୋର୍ଟ ଅନୁଯାୟୀ, ଜୟ ଶାହ ଆଇସିସିର ଚେୟାରମ୍ୟାନ ନିଯୁକ୍ତ ହେବା ପରେ ବିସିସିଆଇ ସଚିବ ପଦ ଛାଡ଼ିଥିଲେ। ଏହା ପରେ ବିସିସିଆଇ ଅଧ୍ୟକ୍ଷ ରଜର ବିନ୍ନୀ ନିଜ ବୈଧାନିକ ଶକ୍ତିର ବ୍ୟବହାର କରି ସଚିବ ପଦରେ ଦେବଜୀତ ସାଇକିଆଙ୍କ ନିଯୁକ୍ତି କରିଛନ୍ତି। ଅବଶ୍ୟ ଦେବଜୀତ ସାଇକିଆ କାର୍ଯ୍ୟକାରୀ ସଚିବ ରହିବେ। ସେ ୨୦୨୫ରେ ସେପ୍ଟେମ୍ବରରେ ସୁଦ୍ଧା ଅର୍ଥାତ ପ୍ରାୟ ୧୦ ମାସ ପର୍ଯ୍ୟନ୍ତ ବିସିଆଇ ସଚିବ ପଦରେ ରହିପାରନ୍ତି। ଏହା ସହ ସେ ଆଇସିସି ବୋର୍ଡରେ ମଧ୍ୟ ବିସିସିଆଇର ପ୍ରତିନିଧିତ୍ୱ କରିପାରନ୍ତି।

# ପରାଜୟ ପରେ ଡବ୍ଲୁଟିସି ପଏଣ୍ଟ ଟେବୁଲର ୩ନଂକୁ ଖସିଲା ଭାରତ, ତଥାପି ଫାଇନାଲ ଆଶା ସରିନି

**ନୂଆଦିଲ୍ଲୀ**

ଅଷ୍ଟ୍ରେଲିଆ ଠାରୁ ୧୦ ୱିକେଟ ହାରିବା ପରେ ବିଶ୍ୱ ଟେଷ୍ଟ ଚାମ୍ପିୟନସିପ ପଏଣ୍ଟ ଟେବୁଲରେ ଭାରତକୁ ବଡ଼ କ୍ଷତି ହୋଇଛି। ଦ୍ୱିତୀୟ ଟେଷ୍ଟ ପୂର୍ବରୁ ୧ନଂ ସ୍ଥାନରେ ଥିବା ଭାରତ ପରାଜୟ ପରେ ସିଧା ତୃତୀୟ ସ୍ଥାନକୁ ଖସି ଆସିଛି। ଏଥିସହ କ୍ରମାଗତ ତୃତୀୟ ଥର ପାଇଁ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଫାଇନାଲ ଖେଳିବାକୁ ଆଶା ରଖିଥିବା ଭାରତ ଏବେ ଅଡୁଆ ପରିସ୍ଥିତିରେ ପଡ଼ିଛି।

ପର୍ଥ ଟେଷ୍ଟରେ ଭାରତ ଠାରୁ ହାରିବା ପରେ ଅଷ୍ଟ୍ରେଲିଆ ପଏଣ୍ଟ ଟେବୁଲର ତୃତୀୟ ସ୍ଥାନକୁ ଖସି ଯାଇଥିଲା। ହେଲେ ଏବେ ପୁଣି ଥରେ ଦଳ ୧ନଂ ସ୍ଥାନକୁ ଫେରିଛି। ଦକ୍ଷିଣ ଆଫ୍ରିକା ପୂର୍ବଭଳି ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ଅଛି।

ବିଶ୍ୱ ଟେଷ୍ଟ ଚାମ୍ପିୟନସିପ ଟ୍ରଫିରେ ଅଷ୍ଟ୍ରେଲିଆ ବିଜୟ ପ୍ରତିଶତ ୬୦.୭୧ ରହିଥିବା ବେଳେ ଦକ୍ଷିଣ ଆଫ୍ରିକା ୫୯.୨୬% ବିଜୟ ପ୍ରତିଶତ ସହ ଦ୍ୱିତୀୟ ସ୍ଥାନରେ ରହିଛି। ଭାରତର ବିଜୟ ପ୍ରତିଶତ ୫୭.୨୯କୁ ଖସି ଯାଇଛି। ୪ର୍ଥ ସ୍ଥାନରେ ଥିବା ଶ୍ରୀଲଙ୍କାର ବିଜୟ ପ୍ରତିଶତ ୫୦% ରହିଛି।

ଭାରତ ଏବେ ପଏଣ୍ଟ ଟେବୁଲର ତୃତୀୟ ସ୍ଥାନରେ ରହିଥିଲେ ହେଁ ଦଳର ଫାଇନାଲ ଖେଳିବା ଆଶା ମରିନାହିଁ। ଏବେ ବି ବର୍ଡର-ଗାଭାସ୍କର ଟ୍ରଫିରେ ଆହୁରି ୩ଟି ମ୍ୟାଚ୍ ବାକି ରହିଛି। ଏହି ମ୍ୟାଚ୍‌ଗୁଡ଼ିକରେ ଭାରତକୁ ଯେମିତି ହେଲେ ବି ବିଜୟ ହାସଲ କରିବାକୁ ପଡ଼ିବ।

କେମିତି ଭାରତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିପାରିବ?

୧- ଭାରତ ୪-୧ରେ ଅଷ୍ଟ୍ରେଲିଆକୁ ହରାଇଲେ ରୋହିତ ଶର୍ମା ଆଣ୍ଡ କୋ ବେଶ୍ ସହଜରେ ଫାଇନାଲ ଟିକେଟ ହାତେଇ ପାରିବ। ଏପରି ସ୍ଥିତିରେ ଅଷ୍ଟ୍ରେଲିଆ ଫାଇନାଲ ରେସ୍‌ରୁ ବାଦ୍ ପଡ଼ିବ। ଭାରତକୁ ମଧ୍ୟ ଅନ୍ୟ କୌଣସି ଦଳର ରେଜଲ୍ଟ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ।

୨- ଭାରତ ୩-୧ରେ ଯଦି ଅଷ୍ଟ୍ରେଲିଆକୁ ହରାଉଛି, ତା'ହେଲେ ମଧ୍ୟ ଫାଇନାଲ ଯିବାର ଆଶା ରହିବ। ହେଲେ ଏଥିପାଇଁ ଶ୍ରୀଲଙ୍କା ଦ୍ୱିତୀୟ ଟେଷ୍ଟରେ ଦକ୍ଷିଣ ଆଫ୍ରିକା ଠାରୁ ନ ହାରିବା ଦରକାର। କିନ୍ତୁ ଭାରତ ୩-୧ରେ ଜିତିଲେ ମଧ୍ୟ ଯଦି ଶ୍ରୀଲଙ୍କା ଦ୍ୱିତୀୟ ଟେଷ୍ଟରେ ଦକ୍ଷିଣ ଆଫ୍ରିକା ଠାରୁ ହାରିଯିବ, ତା'ହେଲେ ଟିମ ଇଣ୍ଡିଆ ଫାଇନାଲ ରେସରୁ ବାଦ ପଡ଼ିବ। ଶ୍ରୀଲଙ୍କା-ଦକ୍ଷିଣ ଆଫ୍ରିକା ଟେଷ୍ଟ ସିରିଜ ଡ୍ର ରହିଲେ, ଭାରତ ଫାଇନାଲକୁ ଯାଇ ପାରିବ।

୩- ଭାରତ ୩-୨ରେ ଅଷ୍ଟ୍ରେଲିଆକୁ ଯଦି ବର୍ଡର-ଗାଭାସ୍କର ଟ୍ରଫିରେ ହରାଉଛି, ତା'ହେଲେ ଫାଇନାଲରେ ପହଞ୍ଚିବା ରେସ ଆହୁରି ରୋମାଞ୍ଚକର ହୋଇଯିବ। ଏପରି ସ୍ଥିତିରେ ଭାରତକୁ ଶ୍ରୀଲଙ୍କାର ସହାୟତା ଦରକାର। ଜାନୁଆରୀ ୨୯ରୁ ଶ୍ରୀଲଙ୍କା ଓ ଅଷ୍ଟ୍ରେଲିଆ ମଧ୍ୟରେ ଆରମ୍ଭ ହେବାକୁ ଯାଉଥିବା ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜକୁ ସିଂହଳ ଟିମ୍ ଅତି କମ୍‌ରେ ଡ୍ର କରିପାରିଲେ, ଭାରତ ଫାଇନାଲ ଯାଇ ପାରିବ।

୪- ଯଦି ବର୍ଡର-ଗାଭାସ୍କର ଟ୍ରଫି ୨-୨ରେ ଡ୍ର ରହିଲା, ତା'ହେଲେ ଭାରତ ପାଇଁ ଫାଇନାଲରେ ପହଞ୍ଚିବା ଅତି କଷ୍ଟକର ହୋଇପଡ଼ିବ। ଏପରି ସ୍ଥିତିରେ ଦକ୍ଷିଣ ଆଫ୍ରିକାକୁ ୨-୦ରେ ଶ୍ରୀଲଙ୍କା ଠାରୁ ଜିତିବାକୁ ପଡ଼ିବ ଓ ଅଷ୍ଟ୍ରେଲିଆକୁ ଶ୍ରୀଲଙ୍କା ଠାରୁ ୦-୨ରେ ହାରିବାକୁ ପଡ଼ିବ।

# ପୁରୁଷଙ୍କ ପରେ ଅଷ୍ଟ୍ରେଲିଆ ଠାରୁ ହାରିଲେ ଭାରତୀୟ ମହିଳା ଦଳ

**ନୂଆଦିଲ୍ଲୀ**

ପୁରୁଷ ଟିମ୍‌ଙ୍କ ଭଳି ଭାରତୀୟ ମହିଳା ଦଳ ମଧ୍ୟ ଅଷ୍ଟ୍ରେଲିଆ ଠାରୁ ଦ୍ୱିତୀୟ ଦିନିକିଆରେ ପରାସ୍ତ ହୋଇଛନ୍ତି। ପ୍ରଥମ ଦିନିକିଆକୁ ଅଷ୍ଟ୍ରେଲିଆର ମହିଳା ଦଳ ଦମ୍‌ଦାର ଢଙ୍ଗରେ ଜିତିଥିଲା। ରବିବାର ମଧ୍ୟ ଘରୋଇ ଟିମ୍ ଭାରତୀୟ ମହିଳା ଦଳକୁ ଦ୍ୱିତୀୟ ଦିନିକିଆରେ ବୃହତ୍ତ ୧୨୨ ରନରେ ହରାଇ ଦେଇଛି। ଏହି ବିଜୟ ସହ ଅଷ୍ଟ୍ରେଲିଆ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜକୁ ୨-୦ରେ ଆଗୁଆ କବ୍‌ଜା କରି ନେଇଛି।

ବ୍ରିସବେନରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରୁଥିବା ତାହିଲା ମ୍ୟାଗ୍ରାଙ୍କ ଅଷ୍ଟ୍ରେଲିଆ ଜର୍ଜିଆ ଭୋଲ୍ଲଙ୍କ ୧୦୧ ଓ ଅଭିଜ୍ଞ ଏଲିସ୍ ପେରୀଙ୍କ ୭୫ ବଲରେ ୧୦୫ ରନର ଇନିଂସ ବଳରେ ନିର୍ଦ୍ଧାରିତ ୫୦ ଓଭରରେ ୮ ୱିକେଟ ହରାଇ ବିଶାଳ ୩୭୧ ରନ କରିଥିଲା। ଦଳ ପକ୍ଷରୁ ଲିଚଫିଲ୍ଡ ୬୦ ଓ ବେଥ୍ ମୁନୀ ମଧ୍ୟ ୫୬ ରନର ଇନିଂସ



ଖେଳିଥିଲେ। ଭାରତ ପକ୍ଷରୁ ସାଇମା ଠାକୁର ସର୍ବାଧିକ ୩ଟି ନେଇଥିବା ବେଳେ ମିନୁ ମଣିଙ୍କ ଖାତାକୁ ୨ଟି ୱିକେଟ ଯାଇଛି। ସେହିପରି ରେଣୁକା ସିଂହ, ଦୀପ୍ତି ଶର୍ମା ଓ ପ୍ରିୟା ମିଶ୍ରା ଗୋଟିଏ ଲେଖାଏଁ ୱିକେଟ ନେଇଛନ୍ତି।

୩୭୨ ରନର ଟାର୍ଗେଟ ପାଇ ଥିବା ଭାରତୀୟ ମହିଳା ଦଳ ଆରମ୍ଭରୁ ସ୍ମୃତି ମନ୍ଧାନା(୯) ଓ ହର୍ଲିନ ଦେଓଲ(୧୨)ଙ୍କୁ ହରାଇଥିଲା। ପ୍ରଥମ ଦିନିକିଆରେ ମନ୍ଧାନାଙ୍କ ସହ ଇନିଂସ ଆରମ୍ଭ କରିଥିବା ପ୍ରିୟା ପୁନିଆ ଆଜି ମ୍ୟାଚ୍ ଖେଳୁଥିଲେ। କିନ୍ତୁ ଫିଲ୍ଡିଂ ବେଳେ ସେ ଆହତ ହୋଇଥିବାରୁ ବ୍ୟାଟିଂ ପାଇଁ ମଧ୍ୟ ଆସିଥିଲେ। ଏଥିପାଇଁ ସ୍ମୃତି ମନ୍ଧାନାଙ୍କ ସହ ଆଜି ରିଚା ଘୋଷ ଇନିଂସ ଆରମ୍ଭ କରିଥିଲେ।

ମନ୍ଧାନା ନିରାଶ କରିଥିଲେ ହେଁ ଅନ୍ୟତମ ଓପନର ରିଚା ଘୋଷ ଓ ଅଧିନାୟକ ହରମନପ୍ରୀତ କୌର ବେଶ୍ କିଛି ସମୟ ଲଢ଼ିଥିଲେ। ରିଚାଙ୍କ ବ୍ୟାଟରୁ ଅର୍ଦ୍ଧଶତକ ମଧ୍ୟ ଦେଖିବାକୁ ମିଳିଥିଲା। ହେଲେ ରିଚା ୫୪ ରନ କରି ଆଲାନ କିଙ୍ଗଙ୍କ ବଲରେ ଆଉଟ ହେବା ପରେ ଭାରତର ରନ ସଂଗ୍ରହ ହାର କମିଯାଇଥିଲା।

ଦଳୀୟ ସ୍କୋର ୧୪୮ ଥିବା ବେଳେ କୌର ମଧ୍ୟ ୩୮ ରନ କରି ପ୍ୟାଭିଲିୟନ ଫେରିଥିଲେ। ଦୀପ୍ତି ଶର୍ମା କେବଳ ୧୦ ରନ କରିବାକୁ ସକ୍ଷମ ହୋଇଛନ୍ତି। ଜେମିମା ରୋଡ୍ରିଗସ ୪୩ ରନର ଇନିଂସ ଖେଳିଥିଲେ ହେଁ ଦଳୀୟ ସ୍କୋରକୁ ୨୦୦ ପାର କରାଇ ପାରି ନଥିଲେ। ଦଳୀୟ ସ୍କୋର ୧୮୪ ଥିବା ବେଳେ ତାଙ୍କୁ ବାମହାତୀ ସ୍ପିନର ସୋଫି ମୋଲିନକ୍ସ ଆଉଟ କରି ଦେଇଥିଲେ। ମନୁ ମଣି ଶେଷ ଯାଏ ୪୬ ରନ କରି ଅପରାଜିତ ରହିଥିବା ବେଳେ ତାଙ୍କୁ ଅନ୍ୟ କୌଣସି ବ୍ୟାଟର ସାଥ ଦେଇ ନଥିଲେ। ସାଇମା ଠାକୁର ୭, ରେଣୁକା ସିଂହ ୧ ଓ ପ୍ରିୟା ମିଶ୍ରା ଶେଷ ବ୍ୟାଟର ଭାବେ ୫ ରନ କରି ଆଉଟ ହୋଇଥିଲେ। ଭାରତ ୪୪.୫ ଓଭରରେ ସମସ୍ତ ୱିକେଟ ହରାଇ କେବଳ ୨୪୯ ରନ କରିପାରିଥିଲା। ଫଳରେ ଅଷ୍ଟ୍ରେଲିଆ ୧୨୨ ରନରେ ମ୍ୟାଚ୍ ସହ ସିରିଜ୍ କବ୍‌ଜା କରିଛି।



# ‘ରାଧାନାଥ ରଥଙ୍କ ସେବା, ତ୍ୟାଗ ଓ କର୍ମନିଷ୍ଠା ଅସାଧାରଣ’



**କଟକ, ନ୍ୟୁଜ୍‌ବ୍ୟୁରୋ**

ଲୋକସେବକ ମଣ୍ଡଳର ପୂର୍ବତନ ସଭାପତି ତଥା ‘ସମାଜ’ର ପ୍ରାକ୍ତନ ସମ୍ପାଦକ ପଦ୍ମଭୂଷଣ ଡକ୍ଟର ରାଧାନାଥ ରଥଙ୍କ ମାନବଜାତି ପାଇଁ ତ୍ୟାଗ, ତିତିକ୍ଷା, ସେବା, ଉତ୍ସର୍ଗୀକୃତ ଭାବନା ଓ କର୍ମନିଷ୍ଠା ଆସାଧାରଣ । ତାଙ୍କର କୃଚ୍ଛ୍ର ସାଧନା ବଳରେ ଉତ୍କଳମଣି ଗୋପବନ୍ଧୁ ଦାସ ରୋପଣ କରିଥିବା ‘ସମାଜ’ରୂପୀ ଚାରାଟି ଆଜି ମହାଦ୍ରୁମରେ ପରିଣତ ହୋଇଛି । ଦୀର୍ଘ କର୍ମମୟ ଜୀବନ ଓ ସେବା ପାଇଁ ସେ ଚିରକାଳ ପ୍ରେରଣାଦାୟୀ ଆଲୋକସ୍ତମ୍ଭ ହୋଇରହିବେ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି । ଗୋପବନ୍ଧୁ ଭବନସ୍ଥିତ ‘ସମାଜ’ ସମ୍ମିଳନୀ କକ୍ଷରେ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସଭାପତି ରାଜକୁମାରଙ୍କ ଅଧ୍ୟକ୍ଷତାରେ ଡକ୍ଟର ରଥଙ୍କ ୧୨୮ତମ ଜୟନ୍ତୀ ସମାରୋହରେ ପାଳିତ ହୋଇଛି । ଏଥିରେ ଝାଡ଼ଖଣ୍ଡ ଉଚ୍ଚ ନ୍ୟାୟାଳୟର ପୂର୍ବତନ ମୁଖ୍ୟ ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଲେ ଉତ୍କଳମଣି ଗୋପବନ୍ଧୁ ଦାସ ଥିଲେ ଜଣେ ଅସାଧାରଣ ଦୂରଦ୍ରଷ୍ଟା । ସେ ତାଙ୍କର ଲକ୍ଷ୍ୟ ଓ ସ୍ୱପ୍ନକୁ ପୂରଣ କରିବା ପାଇଁ ଉତ୍ତରଦାୟାଦ ଭାବେ ରାଧାନାଥ ବାବୁଙ୍କୁ ବାଛିଥିଲେ । ରାଧାନାଥ ବାବୁ ନିଜର ଦାୟିତ୍ୱବୋଧକୁ ଯାଥାର୍ଥ ଭାବେ ନିର୍ବାହ କରିଛନ୍ତି । ଫଳରେ ‘ସମାଜ’ ଗଣତନ୍ତ୍ରର ସଶକ୍ତ ଚତୁର୍ଥ ସ୍ତମ୍ଭ ଭାବେ ଅବିରତ କାର୍ଯ୍ୟ କରିଚାଲିଛି ଏବଂ ଓଡ଼ିଆ ଭାଷା ଓ ଅସ୍ମିତାର ଜାଗ୍ରତ ପ୍ରହରୀ ହୋଇ ରହିଛି । ମୁଖ୍ୟବକ୍ତା ପ୍ରଫେସର ଦେବକାନ୍ତ ମିଶ୍ର ରାଧାନାଥ ବାବୁଙ୍କୁ ଓଡ଼ିଆ ବୌଦ୍ଧିକତାର ଉଦ୍‌ଗାତା ଭାବେ ଅଭିହିତ କରି ଓଡ଼ିଆ ସାମ୍ବାଦିକତା କ୍ଷେତ୍ରକୁ କିପରି ଦିଶା ଦେଇଛନ୍ତି, ତାହାର ଅବତାରଣା କରିବା ସହ ‘ସମାଜ’କୁ ଏକ ଅନନ୍ୟ ବୌଦ୍ଧିକ ପ୍ରବାହ ବୋଲି ବର୍ଣ୍ଣନା କରିଥିଲେ । ସେ ଆହୁରି ମଧ୍ୟ କହିଥିଲେ ରାଧାନାଥ ବାବୁ କୌଣସି ବିଷୟ ଉପରେ କିଛି କହିବା ପୂର୍ବରୁ ପୂର୍ଣ୍ଣ ପ୍ରସ୍ତୁତ ହେଉଥିଲେ । ଫଳରେ ତାଙ୍କ କଥାର ଯଥାର୍ଥତା ପ୍ରତିପାଦିତ ହେଉଥିଲା । ଆଜି ‘ସମାଜ’ ଲୋକଙ୍କ ନିକଟରେ ଯେଉଁ ବିଶ୍ୱସନୀୟତା ଅର୍ଜନ କରିଛି, ତାହା ରାଧାନାଥଙ୍କ ଯୋଗୁଁ ସମ୍ଭବପର ହୋଇପାରିଛି । ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସଭାପତି ରାଜକୁମାର କହିଲେ ଛୋଟରୁ ବଡ଼କୁ କେହି ସହଜରେ ଉତ୍ତୀର୍ଣ୍ଣ ହୁଅନ୍ତି ନାହିଁ; ସାଧାରଣରୁ ଅସାଧାରଣ ହୁଅନ୍ତି ନାହିଁ । ଜଣଙ୍କର ମହାନତା ଝଲସେ ତାଙ୍କର ତ୍ୟାଗ, ସାଧନା, ସେବା, କର୍ମପ୍ରବଣତା ଓ ଅଙ୍ଗୀକାରବଦ୍ଧତାରୁ । ବାବୁଜୀ ହେଉଛନ୍ତି ତାହାର ଏକ ନିଦର୍ଶନ । ତାଙ୍କର ଗୁଣାବଳୀରୁ ଆମେ କିଛି ଶିଖି ଜନ କଲ୍ୟାଣରେ ଲଗାଇପାରିଲେ, ତାହା ହେବ ତାଙ୍କ ପ୍ରତି ଯଥାର୍ଥ ଶ୍ରଦ୍ଧାଞ୍ଜଳି । ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ତଥା ‘ସମାଜ’ର ପ୍ରକାଶକ ଓ ମୁଦ୍ରାକର ଡକ୍ଟର ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ ପ୍ରାରମ୍ଭିକ ସମ୍ଭାଷଣ ପ୍ରଦାନ ସହ ରାଧାନାଥ ରଥଙ୍କୁ ଓଡ଼ିଶାର ଅନନ୍ୟ ଜନସେବକ ଓ ଓଡ଼ିଆ ସାମ୍ବାଦିକତା ଜଗତର ଅଗ୍ରଦୂତ ବୋଲି ମତବ୍ୟକ୍ତ କରି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଜଣାଇଥିଲେ । ଏହି ଅବସରରେ ‘ସମାଜ’ର ପୂର୍ବତନ ସମ୍ପାଦକ କାନନ ବିହାରୀ ଦାଶ, ଡକ୍ଟର ସତ୍ୟ ରାୟ, ଡକ୍ଟର ପ୍ରମୋଦ କୁମାର ମହାପାତ୍ର ଓ ଲୋକସେବକ ମଣ୍ଡଳର ସଭାପତିଙ୍କ ପରାମର୍ଶଦାତା ରାମନାଥ ଝାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବାଲିଯାତ୍ରାରେ ‘ସମାଜ’ ଷ୍ଟଲରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଗୋପାଳକୃଷ୍ଣ ସାହୁ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । ‘ସମାଜ’ର ସମ୍ପାଦକ ତଥା କାର୍ଯ୍ୟକାରୀ ମୁଖ୍ୟ ପରିଚାଳକ ତପନ କୁମାର ମିଶ୍ର ଧନ୍ୟବାଦ ଅର୍ପଣ ସହ ରାଧାନାଥ ବାବୁ ବହୁମୁଖୀ ପ୍ରତିଭାର ଅଧିକାରୀ ହୋଇ କିପରି ସବୁ କ୍ଷେତ୍ରରେ ନିଜର ପଦଚିହ୍ନ ଛାଡ଼ି ଯାଇଛନ୍ତି ମତବ୍ୟକ୍ତ କରିଥଲେ । ସଭାରେ ବହୁ ମାଣ୍ୟଗଣ୍ୟ ବ୍ୟକ୍ତି ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

# ଶକ୍ତିକାନ୍ତ ଦାସଙ୍କ କାର୍ଯ୍ୟକାଳ ବୃଦ୍ଧି କରିବେ କି ସରକାର ?

**ନୂଆଦିଲ୍ଲୀ**

ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଶକ୍ତିକାନ୍ତ ଦାସଙ୍କ କାର୍ଯ୍ୟକାଳ ବଢ଼ିବ କି ନାହିଁ, ତାକୁ ନେଇ କଳ୍ପନା ଜଳ୍ପନା ଜାରି ରହିଛି । ଦ୍ୱିତୀୟ ତ୍ରୈମାସରେ ଜିଡିପି ହ୍ରାସ ଶକ୍ତିକାନ୍ତଙ୍କ ଆଗାମୀ କାର୍ଯ୍ୟକାଳ ଉପରେ ପ୍ରଭାବ ପକାଇ ପାରେ ବୋଲି ଚର୍ଚ୍ଚା ହେଉଛି । ଜିଡିପି ଅଭିବୃଦ୍ଧି ୭ ପ୍ରତିଶତ ରହିବ ବୋଲି ଆରବିଆଇର ଆକଳନ ଭୁଲ ପ୍ରମାଣିତ ହୋଇଛି । ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ ଭାରତର ଜିଡିପି ଅଭିବୃଦ୍ଧି ହାର ୫.୪% ରହିଛି । ଆରବିଆଇର ଗଭର୍ଣ୍ଣର ଶକ୍ତିକାନ୍ତ ଦାସଙ୍କ କାର୍ଯ୍ୟକାଳ ଆସନ୍ତା ସପ୍ତାହରେ ଶେଷ ହେବାକୁ ଯାଉଛି । ତାଙ୍କ କାର୍ଯ୍ୟକାଳ ବୃଦ୍ଧି ହେବାର ସମ୍ଭାବନା ରହିଛି । କାର୍ଯ୍ୟକାଳ ଶେଷ ହେବାକୁ ଥିବା ବେଳେ ତା’ ପୂର୍ବରୁ ତାଙ୍କର ସେବା ବିସ୍ତାର ନେଇ କୌଣସି ଘୋଷଣା ହୋଇନାହିଁ । ଏହାକୁ ନେଇ ମଧ୍ୟ ଚର୍ଚ୍ଚା ଆରମ୍ଭ ହୋଇଯାଇଛି । ୬ ବର୍ଷ ଧରି ଆରବିଆଇର ଗଭର୍ଣ୍ଣର ଥିବା ଶକ୍ତିକାନ୍ତ ଦାସଙ୍କ କାର୍ଯ୍ୟକାଳ ବୃଦ୍ଧି ହେବ କି ନାହିଁ, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବ୍ଲୁମବର୍ଗ ରିପୋର୍ଟ ଅନୁସାରେ, ୪୩ ଅର୍ଥଶାସ୍ତ୍ରୀଙ୍କ ମଧ୍ୟରୁ ସାତ ଜଣଙ୍କ ବ୍ୟତୀତ ଅନ୍ୟମାନେ ଆକଳନ କରିଛନ୍ତି ଯେ, ଶୁକ୍ରବାର କେନ୍ଦ୍ରୀୟ ବ୍ୟାଙ୍କ ନିଜର ରେପୋ ରେଟ୍ ୬.୫ ପ୍ରତିଶତରେ ବଜାୟ ରଖିଛି । ଏହି ରେପୋ ରେଟ୍ ଗତ ଦୁଇ ବର୍ଷ ହେଲା ଅପରିବର୍ତ୍ତିତ ରହିଛି । କେତେକ ଅର୍ଥଶାସ୍ତ୍ରୀଙ୍କ ଅନୁସାରେ, ଲୋକଙ୍କ ଖର୍ଚ୍ଚ କରିବାର କ୍ଷମତା ହ୍ରାସ ଆରବିଆଇ ପାଇଁ ସତର୍କ ଘଣ୍ଟି । ଡିଏମ୍ କ୍ୟାପିଟାଲ୍ ଆଡଭାଇଜର୍ସ ଲିମିଟେଡ୍ ସହ ଜଡ଼ିତ ଜଣେ ଅର୍ଥନୀତିଜ୍ଞ ରାଧିକା ପିପଲାଣୀ କହିଛନ୍ତି ଯେ, ଆଗାମୀ ନୀତିଗତ ନିର୍ଣ୍ଣୟ ପାଇଁ ପ୍ରସ୍ତୁତି ଚାଲିଛି ଏବଂ ଜିଡିପି ହ୍ରାସ ପଛରେ ଥିବା କାରଣ ସଂପର୍କରେ ସମୀକ୍ଷା ହେବ । ସେପଟେ ସାଂପ୍ରତିକ ସ୍ଥିତିକୁ ଦୃଷ୍ଟିରେ ରଖି



ନିକଟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସୁଧହାର କମ୍ କରିବା ପାଇଁ ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ । ଅର୍ଥଶାସ୍ତ୍ରୀଙ୍କ କହିବା କଥା ଆରବିଆଇ ବିକାଶକୁ ପ୍ରୋତ୍ସାହନ ଦେବା ପାଇଁ ଋଣ ଯୋଗାଇବା ପରିମାଣକୁ ଆହୁରି ବଢାଇପାରେ । ଗତ ମାସରେ ଆରବିଆଇ ଦ୍ୱାରା ସ୍ଥିର ନୀତିଗତ ଆଭିମୁଖ୍ୟ ଆପଣାଇବା ପରେ ତତ୍କାଳ ସୁଧହାର ହ୍ରାସ କରିବାକୁ ଶକ୍ତିକାନ୍ତ ଦାସ ମନା କରି ଦେଇଥିଲେ । ସେ କହିଥିଲେ, ବୈଶ୍ୱିକ ଦ୍ରବ୍ୟର ମୂଲ୍ୟ ବୃଦ୍ଧି ଓ ଭୂ ରାଜନୈତିକ ସଂଘର୍ଷ ଜାରି ରହିବାରୁ ଏହାର ପ୍ରଭାବ ମୁଦ୍ରାସ୍ଫୀତି ଉପରେ ପଡୁଛି । ତଥାପି ଭାରତୀୟ ଅର୍ଥବ୍ୟବସ୍ଥା ବାକି ଦୁନିଆ ତୁଳନାରେ ସୁଚାରୁ ରୂପେ ଆଗକୁ ବଢୁଛି । ସେ ଯାହା ହେଉ ନା କାହିଁକି, ଶକ୍ତିକାନ୍ତ ଦାସଙ୍କ ସେବା ବିସ୍ତାରକୁ ନେଇ ଚର୍ଚ୍ଚା ଜାରି ରହିଛି । ଯଦି ଶକ୍ତିକାନ୍ତ ଦାସଙ୍କ କାର୍ଯ୍ୟକାଳ ବୃଦ୍ଧି ନହୁଏ ତେବେ ତାଙ୍କ ପରେ କିଏ ଏହି ଗୁରୁଦାୟିତ୍ୱ ନେବେ? ଡିସେମ୍ବର ୧୦ରେ ଶକ୍ତିକାନ୍ତ ଦାସଙ୍କ କାର୍ଯ୍ୟକାଳ ସରୁଛି । ୨୦୨୧ରେ ତାଙ୍କ କାର୍ଯ୍ୟକାଳ ଶେଷ ଥର ବୃଦ୍ଧି ଘଟିଥିଲା । ପୁଣି ଡେପୁଟୀ ଗଭର୍ଣ୍ଣର ମାଇକେଲ୍ ପାତ୍ରଙ୍କ କାର୍ଯ୍ୟକାଳ ଆସନ୍ତା ମାସରେ ଶେଷ ହେଉଛି । ମାଇକେଲ୍ ୨୦୧୬ରୁ ଦର ନିର୍ଦ୍ଧାରଣ ପ୍ୟାନେଲରେ ରହି ଆସିଛନ୍ତି । ଅକ୍ଟୋବରରେ ସରକାର ମୁଦ୍ରାନୀତି ସମୀକ୍ଷା କମିଟିରେ ତିନି ନୂଆ ସଦସ୍ୟଙ୍କୁ ନିଯୁକ୍ତ କରିଛନ୍ତି । ଯଦି ଶକ୍ତିକାନ୍ତ ଦାସଙ୍କ କାର୍ଯ୍ୟକାଳ ନ ବଢେ ତେବେ କିଏ ଆରବିଆଇ ଗଭର୍ଣ୍ଣର ପଦ ସମ୍ଭାଳିବେ ତାକୁ ନେଇ ମଧ୍ୟ କଳ୍ପନା ଜଳ୍ପନା ଆରମ୍ଭ ହୋଇଯାଇଛି ।

# ଭାରତୀୟ ଷ୍ଟେଟ ବ୍ୟାଙ୍କ ଅଫିସର୍ସ ବହୁମୁଖୀ ସମବାୟ ସମିତିର ୪୧ତମ ବାର୍ଷିକ ସାଧାରଣ ସଭା




**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅଫିସର ମାନଙ୍କ ଦ୍ୱାରା ଗଠିତ ସମବାୟ ସମିତିର ରାଜ୍ୟ ସ୍ତରୀୟ ୪୧ତମ ବାର୍ଷିକ ସାଧାରଣ ସଭା ତା୦୮.୧୨.୨୦୨୪ରିଖ ଭଞ୍ଜକଳା ମଣ୍ଡପ ଠାରେ ଅରୁଣ କୁମାର ବିଶୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ନବ କିଶୋର ସାହୁ ଅତିଥି ମାନଙ୍କର ପରିଚୟ କରିବା ସଙ୍ଗେ ସଙ୍ଗେ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମବାୟ ସମିତିର ଭୂମିକା ଉପରେ ସବିଶେଷ ଆଲୋକପାତ କରିଥିଲେ । ଅଫିସର ସଂଘର ସଭାପତି ଅମିତାଭ ଦାସ ଉଲ୍ଲେଖ କରିଥିଲେ ଯେ, ଐକ୍ୟବଦ୍ଧତା ଯୋଗେ ସମିତିର ତଥା ସଂଘର ଉତ୍ତରୋତ୍ତର ଉନ୍ନତି ସମ୍ପାଦିତ ହୋଇପାରିଛି ଏବଂ ଆଗାମୀ ଦିନରେ ମଧ୍ୟ ସମସ୍ତ ସଭ୍ୟଙ୍କର ସହଯୋଗ କାମନା କରିଥିଲେ । ସଭାପତି ଅରୁଣ କୁମାର ବିଶୋଇ ତାଙ୍କର ସ୍ୱାଗତ ଭାଷଣ ପ୍ରଦାନ କରିବା ସଙ୍ଗେ ସଙ୍ଗେ ସଭାଟିକୁ ସୁଚାରୁରୂପେ ପରିଚାଳନା କରି ସମସ୍ତଙ୍କର ପ୍ରଶଂସାର ପାତ୍ର ହୋଇଥିଲେ । ଷ୍ଟେଟ ବ୍ୟାଙ୍କ ଷ୍ଟାଫ ଆସୋସିଏସନ ଭୁବନେଶ୍ୱର ସର୍କଲର ସଭାପତି ଡଃ ତପନ କୁମାର ପାଲ ଓ ସମ୍ପାଦକ ଡଃ ଚିତ୍ତରଞ୍ଜନ ପଣ୍ଡା ଏହି ବୈଠକରେ ଉଦବୋଧନ ଦେଇଥିଲେ । ସର୍ବଶେଷରେ କୋଷାଧ୍ୟକ୍ଷ ବିଜୟ କୁମାର ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# କାର୍-ବାଇକ୍ ମୁହାଁମୁହିଁ ଜଣେ ମୃତ

**ବାଲିଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

ବାଲିଗୁଡ଼ା ସହରର ନୂତନ ପେଟ୍ରୋଲ ପମ୍ପ ନିକଟ ୫୯ନମ୍ବର ଜାତୀୟ ରୋଜପଥରେ ଗତବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି ଯାହାଫଳରେ ଜଣଙ୍କ ଜୀବନ ଚାଲିଯାଇଛି । ସୂଚନାରୁ ପ୍ରକାଶ ଯେ ବିଳମ୍ବିତ ରାତିରେ କାର୍ ଓ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା, ଯାହା ଫଳରେ ବାଇକ୍ ଚାଳକଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଯାଇଥିବା ଜଣାପଡ଼ିଛି । ମୃତ ଯୁବକର ଘର କ.ନୁଆଗାଁ ବ୍ଲକ ଅନ୍ତର୍ଗତ ସିର୍ତିଗୁଡ଼ା ପଞ୍ଚାୟତର କାନ୍ଦିବାନ୍ଧା ଗ୍ରାମର ଅଙ୍ଗଦ ପ୍ରଧାନ ବୋଲି ଜଣାପଡ଼ିଛି । ଦୁର୍ଘଟଣା ଘଟିବା ପରେ ପୋଲିସ ଜାଣିପାରି ଘଟଣା ସ୍ଥଳକୁ ଯାଇ ରାସ୍ତା ଉପରେ ପଡ଼ିଥିବା ଶବ ଓ ଦୁର୍ଘଟଣାଗ୍ରସ୍ତ କାର୍ ଓ ବାଇକ୍‌କୁ ଜବତ କରିଛି । ଶବକୁ ବ୍ୟବଚ୍ଛେଦ ନିମନ୍ତେ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିବା ବେଳେ ଏହି ଘଟଣାରେ ଏକ ମାମଲା ରୁଜୁକରି ତଦନ୍ତ କରୁଥିବା ଜଣାପଡ଼ିଛି ।

# ୧୬୨୨ ପାଇଁ ଜଣେ ଡାକ୍ତର

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ । ଡାକ୍ତର ଅଭାବ ସାଙ୍ଗକୁ ଦୁର୍ବଳ ଭିତ୍ତିଭୂମି ଜନସ୍ୱାସ୍ଥ୍ୟ କ୍ଷେତ୍ରରେ ବିରାଟ ଅନ୍ତରାୟ ସୃଷ୍ଟି କରିଛି । କେବଳ ସେତିକି ନୁହେଁ, ଜରୁରିକାଳୀନ ସେବା ପାଇବାରୁ ମଧ୍ୟ ଲୋକେ ବଞ୍ଚିତ ହେଉଛନ୍ତି । ରାଜ୍ୟର ମେଡିକାଲ କଲେଜ ଗୁଡ଼ିକରେ ଭିତ୍ତିଭୂମି ଅଭାବ ଯୋଗୁ ଡାକ୍ତରୀ ପାଠପଢ଼ାରେ ମଧ୍ୟ ଘୋର ବ୍ୟାଘାତ ସୃଷ୍ଟି ହେଉଛି । ଷ୍ଟାଫ୍ ନର୍ସ ଓ ପାରାମେଡିକାଲ ଷ୍ଟାଫ୍, ହସ୍ପିଟାଲରେ ବେଡ୍, ଔଷଧ ଯୋଗାଣ ଏବଂ ଆନୁଷଙ୍ଗିକ ଯନ୍ତ୍ରପାତି ଅଭାବ ରାଜ୍ୟ ସ୍ୱାସ୍ଥ୍ୟସେବାର ବିକଳ ଚିତ୍ରକୁ ଦର୍ଶାଉଛି । ଶନିବାର ବିଧାନସଭାରେ ଉପସ୍ଥାପିତ କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ (ସିଏଜି)ଙ୍କ ଅଡିଟ୍ ରିପୋର୍ଟରେ ରାଜ୍ୟ ସ୍ୱାସ୍ଥ୍ୟସେବାର ଏଭଳି ଫୁଲାଫୁଲା ଅବ୍ୟବସ୍ଥାର ପର୍ଦ୍ଦାଫାଶ ହୋଇଛି । ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି ଯେ ବିଶ୍ୱସ୍ୱାସ୍ଥ୍ୟ ସଙ୍ଗଠନ ନିୟମ ଅନୁଯାୟୀ ପ୍ରତି ୧ ହଜାର ଜନସଂଖ୍ୟାରେ ଜଣେ ଡାକ୍ତର ରହିବାକୁ ଥିବା ବେଳେ ରାଜ୍ୟରେ ପ୍ରତି ୧୬୨୨ରେ ଜଣେ ଡାକ୍ତର ରହିଛନ୍ତି । ସେହିପରି ୩୦୦ ରୋଗୀଙ୍କ ପାଇଁ ଜଣେ ଷ୍ଟାଫନର୍ସ ରହିବା ନିୟମ ଥିବାବେଳେ ରାଜ୍ୟରେ ୩୮୨୯ରେ ଜଣେ ଷ୍ଟାଫନର୍ସ ଅଛନ୍ତି । ମଞ୍ଜୁରିପ୍ରାପ୍ତ ପଦବୀରୁ ରାଜ୍ୟରେ ବିଶେଷଜ୍ଞ ଡାକ୍ତରଙ୍କ ସଂଖ୍ୟା ୪୯ ପ୍ରତିଶତ କମ୍ ଥିବାବେଳେ ମେଡିକାଲ ଅଫିସର ୪୦ ଓ ଷ୍ଟାଫନର୍ସ/ନର୍ସିଂ ଅଫିସର ପଦବୀ ୩୦ ପ୍ରତିଶତ ଖାଲିପଡ଼ିଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଯଥାକ୍ରମେ ୪୦ ଓ ୫୮ ପ୍ରତିଶତ ଡାକ୍ତର ପଦବୀ ଖାଲି ରହିଛି । ସେହିପରି ଗ୍ରାମାଞ୍ଚଳରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରରେ ୧୬୨୨ ପାଇଁ ଜଣେ ୨୮ ପ୍ରତିଶତ ଡାକ୍ତରଙ୍କ ଅଭାବ ରହିଥିବା ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି । ମେଡିକାଲ କଲେଜରେ ଶିକ୍ଷକ ଓ କର୍ମଚାରୀ ଅଭାବରୁ ସ୍ୱାସ୍ଥ୍ୟସେବା ଗୁରୁତର ଭାବେ ପ୍ରଭାବିତ ହୋଇଛି । ରାଜ୍ୟରେ ଥିବା ସ୍ୱାସ୍ଥ୍ୟସେବା ଭାରତୀୟ ଜନସ୍ୱାସ୍ଥ୍ୟ ଷ୍ଟାଣ୍ଡାର୍ଡ (ଆଇପିଏସ୍ଏସ୍) ଠାରୁ ଅତ୍ୟନ୍ତ ଖରାପ ସ୍ଥିତିରେ ରହିଛି । ଏଥିଯୋଗୁ କେନ୍ଦ୍ର ସରକାର ରାଜ୍ୟର ୭୨ଟି ସ୍ୱାସ୍ଥ୍ୟାନୁଷ୍ଠାନର ନିର୍ମାଣ ଓ ନବୀକରଣ ବାବଦ ଖର୍ଚ୍ଚ ଦେବାକୁ ମନାକରି ଦେଇଛନ୍ତି । ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ଓଡ଼ିଶାରେ ୧୬୫.୯୫ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ଡାକ୍ତରଖାନା କୋଠା ଓ ଅନ୍ୟାନ୍ୟ ଭିତ୍ତିଭୂମି ଦୀର୍ଘ ୫ ବର୍ଷ ପରେ ମଧ୍ୟ ସମ୍ପୂର୍ଣ୍ଣ ହୋଇପାରି ନାହିଁ । ଷ୍ଟାଫ୍ କ୍ୱାର୍ଟର୍ସ ଅଭାବରୁ ମେଡିକାଲ କଲେଜଗୁଡ଼ିକରେ ଡାକ୍ତର, ଛାତ୍ରୀଛାତ୍ରମାନେ ବିପଦସଙ୍କୁଳ କୋଠାରେ ରହିବାକୁ ବାଧ୍ୟ ହୋଇଛନ୍ତି । କେବଳ ସେତିକି ନୁହେଁ, ରାଜ୍ୟର ଡାକ୍ତରଖାନାଗୁଡ଼ିକରେ ରୋଗୀଙ୍କ ପାଇଁ ବେଡର ଘୋର ସଙ୍କଟ ରହିଛି । ଜାତୀୟ ସ୍ୱାସ୍ଥ୍ୟନୀତି- ୨୦୧୭ ଅନୁଯାୟୀ ରାଜ୍ୟରେ ମୋଟ ୯୧ ହଜାର ୩୯୨ ବେଡ୍ ବ୍ୟବସ୍ଥା କରିବାକୁ ଥିବାବେଳେ ମାତ୍ର ୩୨,୭୬୭ ବେଡ୍ ରହିଛି, ଯାହା କି ୬୪ ପ୍ରତିଶତ କମ୍ । ଏଥିଯୋଗୁ ରୋଗୀ ଆଡମିଶନ, ହସ୍ପିଟାଲର ଜରୁରିକାଳୀନ ସେବା ଓ ଅସ୍ତ୍ରୋପଚାର ବାତିଲ କରିବାକୁ ପଡ଼ିଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଯଥାକ୍ରମେ ୪୨ ଓ ୪୯ ପ୍ରତିଶତ ବେଡର ଅଭାବ ରହିଛି । ସେହିପରି ଅଧିକାଂଶ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଜରୁରିକାଳୀନ ସେବାରେ ମୋବାଇଲ ଏକ୍ସ, ଓଟିର ଘୋର ଅଭାବ ରହିଛି । ଜରୁରିକାଳୀନ ସେବା ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତ ସଂରକ୍ଷଣ ୟୁନିଟର ମଧ୍ୟ ଅଭାବ ରହିଛି । ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇ ପାରୁ ନ ଥିବାରୁ ରାଜ୍ୟରେ ମାତୃ ଓ ଶିଶୁ ମୃତ୍ୟୁହାର ଉଦ୍‌ବେଗଜନକ ରହିଛି । ଜାତୀୟସ୍ତରରେ ନବଜାତକ ଶିଶୁ ମୃତ୍ୟୁହାର ୨୪.୯ ପ୍ରତିଶତ ଥିବାବେଳେ ରାଜ୍ୟରେ ୨୭ ପ୍ରତିଶତ ରହିଛି । କେବଳ ସେତିକି ନୁହେଁ, ରୋଗୀଙ୍କ ପାଇଁ ପ୍ରତିବର୍ଷ କ୍ରୟ କରାଯାଉଥିବା ଔଷଧକୁ ମଧ୍ୟ ଠିକ୍ ଢଙ୍ଗରେ ବଣ୍ଟନ ହେଉ ନ ଥିବାରୁ ବହୁ କୋଟି ଟଙ୍କାର ଔଷଧ ପାଣିରେ ପଡୁଛି । ୨୦୧୬-୧୭ ରୁ ୨୦୨୦-୨୧ ମଧ୍ୟରେ ୧୧.୬୮ ପ୍ରତିଶତ କୋଟି ଟଙ୍କାର ଔଷଧ ରୋଗୀଙ୍କୁ ବଣ୍ଟନ କରା ନ ଯିବାରୁ ତାହା ନଷ୍ଟ ହୋଇଛି । ଡାକ୍ତରଖାନାରୁ ବାହାରୁଥିବା ବର୍ଜ୍ୟଗୁଡ଼ିକୁ ମଧ୍ୟ ପରିଚାଳନା କରିବାରେ ସ୍ୱାସ୍ଥ୍ୟ ବିଭାଗ ବିଫଳ ହୋଇଛି । ରାଜ୍ୟର ୧୦ରୁ ୫୦ ପ୍ରତିଶତ ସ୍ୱାସ୍ଥ୍ୟ ଅନୁଷ୍ଠାନ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରୁ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଅନୁମତି ନେଇ ନ ଥିଲେ । ଏପରି କି ବାୟୋମେଡିକାଲ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ୫୨.୬୪ କୋଟି ଟଙ୍କାରେ କ୍ରୟ କରାଯାଇଥିବା ଯନ୍ତ୍ରପାତି ଭିତ୍ତିଭୂମି ଅଭାବରୁ ଖତ ଖାଉଛି । ବୟସ୍କ ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଜାତୀୟ କାର୍ଯ୍ୟକ୍ରମରେ ଉପଲବ୍ଧ ଅର୍ଥରୁ ମାତ୍ର ୯ରୁ ୨୦ ପ୍ରତିଶତ ଖର୍ଚ୍ଚ କରାଯାଇଥିବା ସିଏଜି ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି ।

# ନବରଙ୍ଗପୁର ଲୋକ ମହୋତ୍ସବ ‘ମଣ୍ଡେଇ’ ଉଦ୍‌ଘାଟିତ

## କଳା ସଂସ୍କୃତିର ଗନ୍ତାଘରକୁ ସୁରକ୍ଷା ରଖିବା ସମସ୍ତଙ୍କର କର୍ତ୍ତବ୍ୟ : ମନ୍ତ୍ରୀ

**ନବରଙ୍ଗପୁର, ନ୍ୟୁଜ୍‌ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲାର ଲୋକ ମହୋତ୍ସବ ‘ମଣ୍ଡେଇ’ ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଅନୁସୂଚୀତ ଜାତି ଜନଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗ ବିଭାଗ ଏବଂ ସାମାଜିକ ସୁରକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ମଣ୍ଡେଇ ନବରଙ୍ଗପୁର ଜିଲ୍ଲାର ଗଣମହୋତ୍ସବ । ପ୍ରକୃତି ଓ ସାଂସ୍କୃତିକର ଗନ୍ତାଘର, ପୁରୁଣା କଳା ଓ ସଂସ୍କୃତିକୁ ସୁରକ୍ଷା ସମସ୍ତଙ୍କର କର୍ତ୍ତବ୍ୟ । ଲୁକ୍କାୟିତ କଳା, ଲୋକଗୀତ, ଲୋକବାଦ୍ୟ, ଘୁମରା, ମାନ୍ଦ୍ରି ନୃତ୍ୟ, ଢେମସାକୁ ଉଦ୍‌ଜୀବିତ କରିବାକୁ ହେବ । ସାରା ଭାରତରେ ଢେମସାର ମାନ୍ୟତା ରହିଛି । ନବରଙ୍ଗପୁର ଜିଲ୍ଲା ମକାରେ ଏକ ନମ୍ବର । ଆମ କଳା ସଂସ୍କୃତି ଅନ୍ୟମାନଙ୍କର ଠାରୁ କମ୍ ନୁହେଁ । ଜିଲ୍ଲାର ପ୍ରତିକ୍ଷେତ୍ରରେ ବିକାଶ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ । ସମସ୍ତେ ଏକଜୁଟ୍ ହୋଇ କାର୍ଯ୍ୟ କରିବା । ରାଜ୍ୟସଭା ସାଂସଦ ମୁନ୍ନା ଖାଁ ଯୋଗଦେଇ ଏହି ମାଟିର ସଂସ୍କୃତି ସବୁ ଜାଗାରେ ପହଞ୍ଚାଇବାକୁ ଚେଷ୍ଟା କରାଯାଉଛି । ସମସ୍ତେ ଏହି ମାଟିର ଟେକ ରଖିବା, ଏହି ଜିଲ୍ଲାକୁ ଆଗକୁ ନେବା ବୋଲି କହିଥିଲେ । ଡ଼ାବୁଗାଁ ବିଧାୟକ ମନୋହର ରନ୍ଧାରୀ ଲୁକ୍କାୟିତ କଳା, ପରମ୍ପରାକୁ ଉଜ୍ଜିବିତ କରିଛି । ଦେଶ ବିଦେଶରେ ମଧ୍ୟ ମଣ୍ଡେଇର ପ୍ରଚାର ହୋଇପାରିଛି ବୋଲି କହିଥିଲେ । ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ଯୋଗ ଦେଇ ଆଦିବାସୀ କଳା, ସଂସ୍କୃତି ଓ ପରମ୍ପରାର ମହାନତା ସଂପର୍କରେ କହିଥିଲେ । ନବରଙ୍ଗପୁର ମଣ୍ଡେଇ ଦିବ୍ୟ ଭବ୍ୟ କାର୍ଯ୍ୟକ୍ରମ । ସମସ୍ତେ କାର୍ଯ୍ୟକ୍ରମର ଉପଭୋଗ କରିବାକୁ କହିଥିଲେ । ଜିଲ୍ଲାପାଳ ଡଃ. ଶୁଭଙ୍କର ମହାପାତ୍ର ମଣ୍ଡେଇ ମହୋତ୍ସବ ସେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମନ୍ତ୍ରୀ, ସାଂସଦ, ବିଧାୟକଙ୍କୁ ସ୍ୱାଗତ କରିଥିଲେ । ସେ ଦେଶିଆ ଭାଷା, ତେଲୁଗୁ, ଛତିଶଗଡି, ଗଣ୍ଡଭାଷାରେ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଉଦ୍‌ଘୋଷିକା ଶୋଭନା ମିଶ୍ର ମଞ୍ଚ ପରିଚାଳନା କରିଥିଲେ । ଶେଷରେ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ନାୟକ ଧନ୍ୟବାଦ ଦେଇଥିଲେ । ଏହା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇ ଥିଲା । ଭଣ୍ଡାରଘରଣୀଙ୍କ ନିକଟରେ ପୂଜାର୍ଚ୍ଚନା କଲା ପରେ ପାରମ୍ପରିକ ରୀତିନୀତିରେ ମଶାଲ ପ୍ରଜ୍ୱଳିତ କରାଯାଇଥିଲା । ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲାର ବିଭିନ୍ନ ପଞ୍ଚାୟତ ସମିତି ଅଞ୍ଚଳରୁ ଆସିଥିବା ପାରମ୍ପରିକ ନୃତ୍ୟ ସିଂହ ବଜା, ପାଇକ ଆଖଡା, ବାଲି ଚାଙ୍ଗୁଡା ଓ ଢୋଲ, ଲାଠି କୁର୍ଚି, ଭୀମ ଭୀମାଣି, ଘଣ୍ଟ ଶଙ୍ଖ, ଢେମସା, ମାଟି ମନ୍ଦାର, ଖୁଟ ମନ୍ଦାର, ଖଟଲା ବଜା, ରାମ ଲୀଳା, ମାଦଳ ବଜା, ଗୋଡି ବଜା, ବାନା ବାଡି, ମାଦଳି, ଘୁମୁରା, ଅଲେଖ ଲୀଳା, କଂଶ ବଦ୍ଧ, ମାଢିଆ, ସଂକୀର୍ତ୍ତନ, ଧାଙ୍ଗଡି ନାଚ, ପେଟା ପରଶୁ, ହଁସ ନାଟ, ଶବର ଲୀଳା, ଦଣ୍ଡାରୀ, ରେନଯୋଡି, ଗୋରଣ୍ଡୀ ଇତ୍ୟାଦି ସହିତ ପାରମ୍ପରିକ ବାଦ୍ୟ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଶୋଭା ଯାତ୍ରା ଭଣ୍ଡାରଘରଣୀ ମନ୍ଦିର ଠାରୁ ଆରମ୍ଭ ହୋଇ ନବରଙ୍ଗପୁର ସହର ପରିକ୍ରମା କରି ମଣ୍ଡେଇ ପଡିଆ ଠାରେ ପହଞ୍ଚିଥିଲା ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଭାରତ-ମୋଦି ବିରୋଧୀ...

ଦାୟୀ କରିଛି । ବିଜେପି ଏବଂ ଏହାର ଆଦର୍ଶ ସଂଗଠନ ରାଷ୍ଟ୍ରିୟ ସ୍ୱୟଂସେବାକ ସଂଘ (ଆରଏସଏସ) କ୍ରମାଗତ ଭାବରେ ଏହା କହୁଛନ୍ତି । ଦୁଇମାସ ପୂର୍ବେ ସଂଘର ମୁଖ୍ୟ ମୋହନ ଭାଗବତ କହିଥିଲେ ଯେ, ଭାରତ ଅଗ୍ରଗତିରେ ବାଧା ଦେବାକୁ ଅନେକ ଶକ୍ତି ଅଛନ୍ତି । ବାଂଲାଦେଶରେ ଏକ ଆଲୋଚନା ହେଉଛି ଯେ ଆମେ ଭାରତ ପକ୍ଷରୁ ବିପଦରେ ଅଛୁ ଏବଂ ତେଣୁ ପାକିସ୍ତାନ ସହ ମିଳିତ ହେବା ଉଚିତ୍ । ମିଳିତ ଭାବେ ସେମାନେ ଭାରତକୁ ଅଟକାଇ ପାରିବେ । ବାଂଲାଦେଶ ସହିତ ଭାରତ କେବେ କୌଣସି ଶତ୍ରୁତା କରି ନାହିଁ ବୋଲି ସେ କହିଥିଲେ ।

## ୧୬ରୁ ରତ୍ନଭଣ୍ଡାର...

ରିପୋର୍ଟ ଶ୍ରୀମନ୍ଦିର ପ୍ରଶାସନର ହସ୍ତଗତ ହୋଇଥିଲା । ଏହି ରିପୋର୍ଟରେ ରତ୍ନଭଣ୍ଡାରରେ ଗୁପ୍ତ ସୁଡ଼ଙ୍ଗ କି ଅଧିକ କୋଠରୀ ନଥିବା ସ୍ପଷ୍ଟ କରାଯାଇଥିଲା । ଏହା ପରେ ରତ୍ନଭଣ୍ଡାରର ମରାମତି କାମ ପାଇଁ ବାଟ ଖୋଲିଥିଲା ।

## ସ୍ୱାମୀ ଆଗରେ ସ୍ତ୍ରୀ...

ଦମ୍ପତିଙ୍କୁ ଘରୁ କେତେଜଣ ମାଓବାଦୀ ଶନିବାର ଅପହରଣ କରି ଗାଁଠାରୁ ୩ କି.ମି.ଦୂରରେ ଥିବା ଜଙ୍ଗଲକୁ ନେଇଯାଇଥିଲେ । ପରେ ମାଓବାଦୀମାନେ ସ୍ୱାମୀ ରାମାୟା ୟାଲମଙ୍କୁ ନିସ୍ତୁକ ମାଡ଼ମାରି ଆଖି ଆଗରେ ସ୍ତ୍ରୀ ସୁକରା ୟାଲାମଙ୍କ ଗଳା କାଟି ହତ୍ୟା କରିଥିଲେ । ପରେ ସ୍ୱାମୀ ରାମାୟାଙ୍କୁ ଛାଡି ଦେଇଥିଲେ । ତେଲଙ୍ଗାନା ପୋଲିସର ସୂଚନାଦାତା ଅଭିଯୋଗରେ ସୁକରାଙ୍କୁ ହତ୍ୟା କରାଯାଇଥିବା ନେଇ ମାଓବାଦୀମାନେ ଏକ ହାତଲେଖା ଚିଠିରେ ଉଲ୍ଲେଖ କରିଛନ୍ତି । ରବିବାର ଘଟଣାସ୍ଥଳରେ ପୋଲିସ ଟିମ୍ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି । ତେବେ ଗତ ୩ ଦିନ ମଧ୍ୟରେ ଦୁଇଜଣ ପୂର୍ବତନ ସରପଞ୍ଚଙ୍କ ସମେତ ଦୁଇ ମହିଳାଙ୍କୁ ହତ୍ୟା ଘଟଣାକୁ ନେଇ ଅଞ୍ଚଳବାସୀ ଆତଙ୍କିତ ହୋଇପଡିଛନ୍ତି । ପୋଲିସ ପକ୍ଷରୁ ଅଞ୍ଚଳରେ କମ୍ବିଂକୁ ଜୋରଦାର କରାଯାଇଛି ।

## ଓଏଏସ ଅଫିସରଙ୍କୁ ସରକାରଙ୍କ...

ଦେଉ ନାହାନ୍ତି । ଯେଉଁମାନେ ନୂଆ ସ୍ଥାନରେ ଯୋଗ ଦେଉ ନାହାନ୍ତି ସେମାନଙ୍କ ଦରମା ବନ୍ଦ କରିବାକୁ ଗତ ୩ ତାରିଖରେ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ରାଜ୍ୟ ସରକାର ।

ଏହାପରେ ମଧ୍ୟ ବଦଳି ହୋଇଥିବା ଓଏଏସ ଅଫିସରମାନେ ନ ଶୁଣିବାରୁ ୧୦ ତାରିଖ ସୁଦ୍ଧା ନୂଆ ସ୍ଥାନରେ ଯୋଗ ଦେବାକୁ କଡା ନିର୍ଦ୍ଦେଶ ଦେଇଛନ୍ତି । ୧୦ ସୁଦ୍ଧା ଯେଉଁମାନେ ଯୋଗ ନ ଦେବେ ୧୧ ତାରିଖରୁ ସେମାନଙ୍କୁ ନିଲମ୍ବନ କରାଯିବ ବୋଲି ବିଜ୍ଞପ୍ତିରେ ସ୍ପଷ୍ଟ କରିଛନ୍ତି ରାଜ୍ୟ ସରକାର । ଯେଉଁ ଓଏଏସ ଅଫିସରମାନେ ଭୁବନେଶ୍ୱରରେ ବିଭାଗୀୟ ଟ୍ରେନିଂରେ ଅଛନ୍ତି ସେମାନେ ଟ୍ରେନିଂ ସରିବା ମାତ୍ରେ ତୁରନ୍ତ ନୂଆ ସ୍ଥାନରେ ଯୋଗ ଦେବାକୁ କୁହାଯାଇଛି ।

## ୧୧ରେ ନୂଆଦିଲ୍ଲୀରେ ଜାତୀୟ...

ଜଣ ପୁରସ୍କାର ବିଜେତାଙ୍କୁ ଚୟନ କରାଯାଇଛି, ଯାହା ତୃଣମୂଳ ପ୍ରଶାସନ ଏବଂ ଗୋଷ୍ଠୀ ବିକାଶରେ ବ୍ୟାପକ ସଫଳତାକୁ ପ୍ରତିଫଳିତ କରୁଛି । ଏହି ବର୍ଗଗୁଡ଼ିକ ମଧ୍ୟରେ ରହିଛି ଦୀନ ଦୟାଲ ଉପାଧ୍ୟାୟ ପଞ୍ଚାୟତ ସତତ ବିକାଶ ପୁରସ୍କାର, ନାନାଜୀ ଦେଶମୁଖ ସର୍ବୋତ୍ତମ ପଞ୍ଚାୟତ ସତତ ବିକାଶ ପୁରସ୍କାର, ଗ୍ରାମ ଉର୍ଜା ସ୍ୱରାଜ ବିଶେଷ ପଞ୍ଚାୟତ ପୁରସ୍କାର, କାର୍ବନ ମୁକ୍ତ ବିଶେଷ ପଞ୍ଚାୟତ ପୁରସ୍କାର ଏବଂ ପଞ୍ଚାୟତ କ୍ଷମତା ନିର୍ମାଣ ସର୍ବୋତ୍ତମ ସଂସ୍ଥାନ ପୁରସ୍କାର । ଏହି ପୁରସ୍କାର ଦାରିଦ୍ର୍ୟ ଦୂରୀକରଣ, ସ୍ୱାସ୍ଥ୍ୟ, ଶିଶୁ କଲ୍ୟାଣ, ଜଳ ପର୍ଯ୍ୟାପ୍ତତା, ପରିମଳ, ଭିତ୍ତିଭୂମି ବିକାଶ, ସାମାଜିକ ନ୍ୟାୟ, ମହିଳା ସଶକ୍ତିକରଣ ଏବଂ ଜଳବାୟୁ ସ୍ଥିରତା ଭଳି ପ୍ରମୁଖ କ୍ଷେତ୍ରରେ ସଫଳତାକୁ ସ୍ୱୀକୃତି ଦେଇଥାଏ । ଜାତୀୟ ପଞ୍ଚାୟତ ପୁରସ୍କାରରେ ଓଡ଼ିଶା ମୋଟ୍ ୭ଟି ପୁରସ୍କାର ପାଇବାକୁ ମନୋନୀତ ହୋଇଛି । ଗଞ୍ଜାମ ଜିଲ୍ଲା ରଙ୍ଗେଇଲୁଣ୍ଡା ବ୍ଲକ୍ କେଲୁଆପଲ୍ଲିକୁ ସୁସ୍ଥ ପଞ୍ଚାୟତ ଭାବେ ଦୀନଦୟାଲ ଉପାଧ୍ୟାୟ ପଞ୍ଚାୟତ ସତତ ବିକାଶ ପୁରସ୍କାର ଦେବାକୁ ଚୟନ କରାଯାଇଛି । ସେହିପରି ଆତ୍ମନିର୍ଭରଶୀଳ ଭିତ୍ତିଭୂମି ନିର୍ମାଣ ପାଇଁ ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁର ସାହାପୁର ପଞ୍ଚାୟତକୁ ଏହି ବର୍ଗରେ ପୁରସ୍କୃତ କରାଯିବ । ଏହି ଜିଲ୍ଲାର ଛତ୍ରପୁରକୁ ଶ୍ରେଷ୍ଠ ବ୍ଲକ୍ ପଞ୍ଚାୟତ ରୂପେ ନାନାଜି ଦେଶମୁଖ ସର୍ବୋତ୍ତମ ପଞ୍ଚାୟତ ସତତ ବିକାଶ ପୁରସ୍କାର ପାଇଁ ମନୋନୀତ କରାଯାଇଛି । ସେହିପରି କୋରାପୁଟକୁ ଶ୍ରେଷ୍ଠ ଜିଲ୍ଲା ପଞ୍ଚାୟତ ରୂପେ ଏହି ବର୍ଗରେ ପୁରସ୍କୃତ କରାଯିବ । ସୁନ୍ଦରଗଡ଼ ଜିଲ୍ଲାର କୋଇଡ଼ା ବ୍ଲକ କାସିରା ପଞ୍ଚାୟତକୁ ଗ୍ରାମ ଉର୍ଜା ସ୍ୱରାଜ ବିଶେଷ ପଞ୍ଚାୟତ ପୁରସ୍କାର ଦିଆଯିବ । ଏହି ଜିଲ୍ଲାର ବଣାଇଗଡ଼ ବ୍ଲକ କେନ୍ଦ୍ରିକେଲା ପଞ୍ଚାୟତକୁ ଅଙ୍ଗାରକାମ୍ଳ ମୁକ୍ତ ବିଶେଷ ପଞ୍ଚାୟତ ପୁରସ୍କାର ପ୍ରଦାନ କରାଯିବ । ଓଡ଼ିଶାର ରାଜ୍ୟ ଗ୍ରାମୀଣ ବିକାଶ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନକୁ ପଞ୍ଚାୟତ କ୍ଷମତା ନିର୍ମାଣ ସର୍ବୋତ୍ତମ ସଂସ୍ଥାନ ପୁରସ୍କାର ପ୍ରଦାନ କରିବା ଲାଗି ମନୋନୀତ କରାଯାଇଛି । ସୂଚନାଯୋଗ୍ୟ ଚଳିତ ବର୍ଷ ଏହି ପ୍ରତିଯୋଗିତାରେ ୧ ଲକ୍ଷ ୯୪ ହଜାର ଗ୍ରାମ ପଞ୍ଚାୟତ ଅଂଶଗ୍ରହଣ କରିଥିଲେ । ୪୨ଟି ପୁରସ୍କାର ବିଜେତା ପଞ୍ଚାୟତ ମଧ୍ୟରୁ ୪୨ ପ୍ରତିଶତ ମହିଳାଙ୍କ ଦ୍ୱାରା ପରିଚାଳିତ ପଞ୍ଚାୟତ ରହିଛି । ସୂକ୍ଷ୍ମ ଚୟନ ପ୍ରକ୍ରିୟାରେ ବ୍ଲକ ସ୍ତରରୁ ଆରମ୍ଭ କରି ଜାତୀୟ ସ୍ତର ପର୍ଯ୍ୟନ୍ତ ୫ଟି ବିଭିନ୍ନ କମିଟି ଦ୍ୱାରା ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ (ଏଲଏସଡିଜି)ର ସ୍ଥାନୀୟ କାର୍ଯ୍ୟକାରିତା ସହିତ ଯୋଡ଼ି ହୋଇଥିବା ବିଭିନ୍ନ ବିଷୟଗତ କ୍ଷେତ୍ରରେ ପଞ୍ଚାୟତଗୁଡ଼ିକର ପ୍ରଦର୍ଶନର ଏକ ଗଭୀର ମୂଲ୍ୟାଙ୍କନ ଅନ୍ତର୍ଭୁକ୍ତ ଥିଲା । ଏହି ପ୍ରକ୍ରିୟା ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରିବା ଏବଂ ପଞ୍ଚାୟତିରାଜ ଅନୁଷ୍ଠାନ (ପିଆରଆଇ)/ଗ୍ରାମୀଣ ସ୍ଥାନୀୟ ସଂସ୍ଥା (ଆରଏଲବି) ମଧ୍ୟରେ ଏକ ପ୍ରତିଦ୍ୱନ୍ଦ୍ୱିତାମୂଳକ ଭାବନାକୁ ପ୍ରୋତ୍ସାହିତ କରିବା ପାଇଁ ମନ୍ତ୍ରଣାଳୟର ଅତୁଟ ପ୍ରତିବଦ୍ଧତାକୁ ଦର୍ଶାଉଛି । ଏହି ଘୋଷଣା ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ପ୍ରଶଂସନୀୟ ସଫଳତାକୁ ପାଳନ କରିବା ପାଇଁ ମଞ୍ଚ ପ୍ରସ୍ତୁତ କରିଛି । ଏହି ଘୋଷଣା ଦୃଢ଼ ଏବଂ ସକ୍ରିୟ ଗ୍ରାମୀଣ ସମ୍ପ୍ରଦାୟ ଗଠନରେ ପଞ୍ଚାୟତଗୁଡ଼ିକର ପରିବର୍ତ୍ତନଶୀଳ ଭୂମିକା ଉପରେ ମଧ୍ୟ ଗୁରୁତ୍ୱ ଦେଇଥାଏ । ଏହି ସ୍ୱୀକୃତି କେବଳ ଏହି ଅନୁଷ୍ଠାନଗୁଡ଼ିକ ଦ୍ୱାରା ନିଆଯାଇଥିବା ଅସାଧାରଣ କାର୍ଯ୍ୟର ସ୍ୱୀକୃତି ଭାବରେ କାର୍ଯ୍ୟ କରେ ନାହିଁ, ବରଂ ଅନ୍ୟ ପଞ୍ଚାୟତଗୁଡ଼ିକୁ ସେମାନଙ୍କ ଅଞ୍ଚଳରେ ଏହି ସର୍ବୋତ୍ତମ ଅଭ୍ୟାସକୁ ଅନୁକରଣ କରିବାକୁ ପ୍ରେରଣା ଦେବା ମଧ୍ୟ ଲକ୍ଷ୍ୟ ରଖିଛି ।

# କବିତା ପୁସ୍ତକ ‘ଛଳ ଛଇଳ’ ଲୋକାର୍ପିତ

## ‘ଓଡ଼ିଆ କବିତାରେ ବହୁମୁଖୀ ବାସ୍ତବତା ପ୍ରତିଫଳିତ’

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପଶ୍ଚିମା ପବ୍ଲିକେଶନସ୍ ଆନୁକୂଲ୍ୟରେ ରବିବାର ସନ୍ଧ୍ୟାରେ ଗୀତଗୋବିନ୍ଦ ସଦନରେ ଆୟୋଜିତ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ. ଅଭୟ ନାରାୟଣ ନାୟକଙ୍କ କବିତା ବହି ‘ଛଳ ଛଇଳ’ ଲୋକାର୍ପିତ ହୋଇଥିଲା । ସମ୍ମାନିତ ଅତିଥିଭାବରେ ଯୋଗଦେଇ ବିଶିଷ୍ଟ ପ୍ରାବନ୍ଧିକ ପ୍ରଫେସର ଡ. ପବିତ୍ର ମୋହନ ନାୟକ କହିଲେ ଯେ ଭାଷା ଓ ଭାବର ଉପଯୁକ୍ତ ମିଳନ ଫଳରେ କବିତାରେ ଉପଯୁକ୍ତ ଔଚିତ୍ୟ ପ୍ରକାଶିତ ହୋଇପାରେ । ସେ କବିଙ୍କ ସାରସ୍ୱତ ଜୀବନର ଉନ୍ନତି କାମନା କରିଥିଲେ । କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ବିଶିଷ୍ଟ କବି ସୂର୍ଯ୍ୟ ମିଶ୍ର କୃତ୍ରିମ ବୁଦ୍ଧିମତ୍ତା ଏବେ ସାହିତ୍ୟ କ୍ଷେତ୍ରରେ ଆଶଙ୍କା ସୃଷ୍ଟି କରିଛି ବୋଲି ଉଲ୍ଲେଖ କରିଥିଲେ । ପଶ୍ଚିମା ପବ୍ଲିକେଶନ୍ସ ପକ୍ଷରୁ ଅଶୋକ ମହାନ୍ତି ପ୍ରାରମ୍ଭିକ ସୂଚନା ଦେଇଥିଲେ ଓ କବି ଡ. ନାୟକ ଲେଖକୀୟ ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମଦନମୋହନ ବେହେରା, ଇନ୍ଦ୍ରାଣୀ ଚୌଧୁରୀ ଓ ପ୍ରଫେସର ଦେବେନ୍ଦ୍ର ବିଶ୍ୱାଳ ବକ୍ତବ୍ୟ ରଖି କବିଙ୍କୁ ଶୁଭକାମନା ଜ୍ଞାପନ କରିଥିଲେ । ଡ. ଅଶୋକ କୁମାର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।

କାର୍ଯ୍ୟକ୍ରମରେ କବି ରକ୍ଷକ ନାୟକ, କ୍ଷୀରୋଦ ପରିଡ଼ା, ବିଭୂତି ପାଣିଗ୍ରାହୀ, ପବିତ୍ର ମୋହନ କର, ଭିକାରୀ ଧଳ, ନନ୍ଦକିଶୋର ବିଶ୍ୱାଳ, ପ୍ରଦୀପ୍ତ କୁମାର ବାରିକ, ଆଭାଷ ବରାଳ ଓ ଅକ୍ଷୟ ପାଳ ପ୍ରମୁଖ ଉପସ୍ଥିତ ଥିଲେ ।

# ଓଏସଏସଟିଇଟି-୨୦୨୪ ଜାନୁଆରୀ ୧୭ରେ ପରୀକ୍ଷା

**କଟକ, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଏସଏସଟିଇଟି) ୨୦୨୪ ପାଇଁ ପରୀକ୍ଷା ତାରିଖ ଘୋଷଣା କରାଯାଇଛି । ଏହି ପରୀକ୍ଷା ୧୭ ଜାନୁୟାରୀ ୨୦୨୫ରେ ଦୁଇଟି ସିଟିଂରେ ଅନୁଷ୍ଠିତ ହେବ । ସରକାରୀ ବିଜ୍ଞପ୍ତି ଅନୁଯାୟୀ ଓଏସଏସଟିଇଟିର ଉଭୟ ପେପର-୧ ଏବଂ ପେପର-୨ ପରୀକ୍ଷା ଗୋଟିଏ ଦିନରେ କରାଯିବ । ଓଏସଏସଟିଇଟି ପରୀକ୍ଷାର ପେପର-୧ ଜାନୁଆରୀ ୧୭ରେ ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ସାଢ଼େ ୧୨ଟା ପର୍ଯ୍ୟନ୍ତ ହେବ । ସେହିପରି ପେପର-୨ ଅପରାହ୍ନ ୨ଟାରୁ ଅପରାହ୍ନ ସାଢ଼େ ୪ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଓଏସଏସଟିଇଟି-୨୦୨୪ ଆଡମିଟ୍ କାର୍ଡ ୮ ଜାନୁଆରୀ ୨୦୨୫ରେ ପ୍ରକାଶ ପାଇବ । ପ୍ରାର୍ଥୀମାନଙ୍କୁ ସେମାନଙ୍କର ଆଡମିଟ୍ କାର୍ଡକୁ ଅଫିସିଆଲ୍ ୱେବ୍‌ସାଇଟରୁ ଡାଉନଲୋଡ୍ କରିବାକୁ ଏବଂ ସଠିକତା ପାଇଁ ସମସ୍ତ ବିବରଣୀ ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଇଛି । ସୂଚନାଯୋଗ୍ୟ, ଓଏସଏସଟିଇଟି ପରୀକ୍ଷାରେ ବିଭିନ୍ନ ପ୍ରାର୍ଥୀ ବର୍ଗଙ୍କ ପାଇଁ ଦୁଇଟି ପେପର ରହିଛି । ବିଜ୍ଞାନ(ପିସିଏମ/ ସିବିଜେଡ୍), କଳା, ହିନ୍ଦୀ, ଏବଂ ଶାସ୍ତ୍ରୀୟ ଭାଷା (ଉର୍ଦ୍ଦୁ, ତେଲୁଗୁ, ଏବଂ ସଂସ୍କୃତ)କୁ ନେଇ ପେପର-୧ ଡିଜାଇନ୍ ହୋଇଥିବାବେଳେ ପେପର-୨ କେବଳ ଶାରୀରିକ ଶିକ୍ଷା ଶିକ୍ଷକମାନଙ୍କ ପାଇଁ ରହିଛି । ପ୍ରତ୍ୟେକ ପେପରରେ ୧୫୦ ଅବଜେକ୍ଟିଭ୍ ପ୍ରକାର ପ୍ରଶ୍ନ ରହିଛି । ଯାହାର ପୂର୍ଣ୍ଣ ସଂଖ୍ୟା ୧୫୦ ରହିଛି । ଭୁଲ୍ ଉତ୍ତର ପାଇଁ କୌଣସି ନେଗେଟିଭ୍ ମାର୍କିଂ ନାହିଁ । ସାଧାରଣ ପ୍ରାର୍ଥୀଙ୍କ ପାଇଁ ଯୋଗ୍ୟତା ମାର୍କ ୪୫% ରହିଥିବାବେଳେ ଏସସି, ଏସଟି, ପିଏଚ୍, ଏବଂ ଏସିବିସି ବର୍ଗର ପ୍ରାର୍ଥୀଙ୍କ ପାଇଁ ଏହା ୩୫% ଧାର୍ଯ୍ୟ କରାଯାଇଛି ।

ଭୁବନେଶ୍ୱର
୦୯ ଡିସେମ୍ବର
ସୋମବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/25-27

## ମଙ୍ଗଳବାର ବସିବ ଛତିଶା ନିଯୋଗ ବୈଠକ

# ରତ୍ନଭଣ୍ଡାର ମରାମତି ଓ ପହିଲି ଭୋଗ ନୀତି ନିର୍ଘଣ୍ଟ ହେବ



**ପୁରୀ୦୮/୧୨ ନ୍ୟୁଜ ବ୍ୟୁରୋ**

ଆସନ୍ତା ୧୦ ତାରିଖ ଅର୍ଥାତ ମଙ୍ଗଳବାର ବସିବ ଛତିଶା ନିଯୋଗ ବୈଠକ । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଛତିଶା ନିଯୋଗର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ଆସନ୍ତା ୧୬ ତାରିଖ ଠାରୁ ଆରମ୍ଭ ହେବାକୁ ଥିବା ଶ୍ରୀଜୀଉଙ୍କ ପହିଲି ଭୋଗ ନୀତି ନିର୍ଘଣ୍ଟ ଉପରେ ବୈଠକରେ ଆଲୋଚନା ହେବ। ଏଥି ସହିତ ଆସନ୍ତାବର୍ଷ ଜାନୁଆରୀ ୧୩ ତାରିଖରେ ଶ୍ରୀମନ୍ଦିରରେ ଅନୁଷ୍ଠିତ ହେବାକୁଥିବା ଦେବାଭିଷେକ ପୂର୍ଣ୍ଣିମା ନୀତିନିର୍ଘଣ୍ଟ ଉପରେ ମଧ୍ୟ ଆଲୋଚନା ହେବ। ଏହାସହ ଆସନ୍ତାବର୍ଷ ଜାନୁଆରୀ ୧୪ ତାରିଖରେ ମକର ସଂକ୍ରାନ୍ତି ନୀତି ନିର୍ଘଣ୍ଟ ନେଇ ମଧ୍ୟ ବୈଠକରେ ଆଲୋଚନା ହେବ। ସେହିପରି ରତ୍ନଭଣ୍ଡାର ମରାମତି ନେଇ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ପ୍ରସ୍ତୁତ କରାଯିବା ସହ କେତେ ସମୟ ଏଏସଆଇ ରତ୍ନଭଣ୍ଡାର ମରାମତି କରିବ ସେନେଇ ବୈଠକରେ ନିଷ୍ପତ୍ତି ନିଆଯିବ। ସେପଟେ ରତ୍ନଭଣ୍ଡାର ମରାମତି ସମୟରେ ମହାପ୍ରଭୁଙ୍କ ନୀତିକାନ୍ତି ଓ ଭକ୍ତଙ୍କ ଦର୍ଶନରେ କିଭଳି ବାଧା ନ'ଉପୁଜିବ ସେନେଇ ଶ୍ରୀମନ୍ଦିର ନୀତି ପ୍ରଶାସକ ଓ ଶ୍ରୀମନ୍ଦିର କମାଣ୍ଡରଙ୍କୁ ନେଇ ମଧ୍ୟ ପୂର୍ବ ଛତିଶା ନିଯୋଗ ବୈଠକରେ ଟିମ୍ ଗଠନ ହୋଇଥିଲା।

## ନକ୍ସଲ ନାମରେ ଚାନ୍ଦା ଆଦାୟ କରି ୫ ଗିରଫ

**ଚିତ୍ରକୋଣ୍ଡା, ୮/୧୨ ନ୍ୟୁଜ ବ୍ୟୁରୋ**

ନକ୍ସଲ ନାମ କହି ବଳପୂର୍ବକ ଚାନ୍ଦା ଆଦାୟ କରୁଥିବା ଅଭିଯୋଗରେ ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳରୁ ତିନି ଜଣ ଓ ମାଲକାନଗିରି ପଦ୍ମଗିରି ଅଞ୍ଚଳର ଦୁଇ ଯୁବକ ଗିରଫ ହୋଇଛନ୍ତି। ଚିତ୍ରକୋଣ୍ଡା ଏସ୍‌ଡ଼ିପିଓ ଲକ୍ଷ୍ମୀଧର ସ୍ୱାଇଁ ଓ ଚିତ୍ରକୋଣ୍ଡା ଥାନା ଅଧିକାରୀ ମୁକୁନ୍ଦ ମେଲକା ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଗିରଫ ଯୁବକମାନେ ହେଲେ ମନ ପାଙ୍ଗୀ, ଏମ ନାରାୟଣ, ଜଗୁ ହ୍ୱନ୍ତାଳ, ବିନୋଦ ଜେନା ଓ ଉମାକାନ୍ତ ମାଧଭି।

## ପ୍ରୟାଗରାଜ କୁମ୍ଭ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଯୋଗୀଙ୍କ ଆମନ୍ତ୍ରଣ

**ଭୁବନେଶ୍ୱର ୦୮/୧୨ ନ୍ୟୁଜ ବ୍ୟୁରୋ**



ପ୍ରୟାଗରାଜ ମହାକୁମ୍ଭ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ନିମନ୍ତ୍ରଣ ପତ୍ର ପଠାଇଛନ୍ତି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥ। ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଯାଇ ନିମନ୍ତ୍ରଣ ପତ୍ର ଦେଇଛନ୍ତି ୟୁପିର ୨ ମନ୍ତ୍ରୀ। ଜାନୁଆରୀ ୧୩ରୁ ଫେବୃୟାରୀ ୨୬ ଯାଏଁ ଚାଲିବ ମହାକୁମ୍ଭ। ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଉତ୍ତର ପ୍ରଦେଶର ଶ୍ରମ ଓ ନିୟୋଜନ ମନ୍ତ୍ରୀ ଅନୀଲ ରାଜଭର ଏବଂ ଖାଦ୍ୟ ଓ ଯୋଗାଣ ରାଷ୍ଟ୍ର ମନ୍ତ୍ରୀ ସତୀଶ ଚନ୍ଦ୍ର ଶର୍ମା। ମୁଖ୍ୟମନ୍ତ୍ରୀଙ୍କୁ ଭେଟି ନିମନ୍ତ୍ରଣ ପତ୍ର ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ଗଙ୍ଗା ଜଳରେ ପରିପୂର୍ଣ୍ଣ ଏକ ଶୁଭ କଳସ ଏବଂ ମହାକୁମ୍ଭର ଏକ ଲୋଗୋ ମଧ୍ୟ ପ୍ରଦାନ କରିଥିଲେ। ଏହି ନିମନ୍ତ୍ରଣ ସମୟରେ ରାଜ୍ୟ ଭାଷା, ସାହିତ୍ୟ ଓ ସଂସ୍କୃତି, ଉଚ୍ଚ ଶିକ୍ଷା ତଥା କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଉପସ୍ଥିତ ଥିଲେ।

## ନିର୍ବାଚନୀ ପ୍ରତିଶ୍ରୁତି ପୂରଣ କଲେ ମୋହନ ସରକାର

# ଚାଷୀଙ୍କ ଖାତାକୁ ଗଲା ୮୦୦ଟଙ୍କା ଇନ୍‌ପୁଟ୍ ସବ୍‌ସିଡି



**ବରଗଡ, ୦୮/୧୨ ନ୍ୟୁଜ ବ୍ୟୁରୋ**

କ୍ଷମତାକୁ ଆସିବାର ୬ ମାସ ଭିତରେ ମୋହନ ସରକାର ପୂରଣ କଲେ ଆଉ ଏକ ପ୍ରତିଶ୍ରୁତି। ଚାଷୀଙ୍କ ଖାତାକୁ ଗଲା ୮ଶହ ଟଙ୍କା ଲେଖାଏଁ ଇନପୁଟ୍ ସହାୟତା। ବରଗଡ଼ ସୋହେଲା ସମାବେଶରେ ଚାଷୀଙ୍କୁ ଇନପୁଟ୍ ସହାୟତା ବଣ୍ଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। କେନ୍ଦ୍ର ସରକାରଙ୍କ ୨୩୦୦ ଟଙ୍କା ଏମ୍‌ଏସ୍‌ପି ସହିତ ରାଜ୍ୟ ସରକାରଙ୍କ ୮୦୦ ଟଙ୍କା ଇନପୁଟ୍ ସହାୟତା ଚାଷୀଙ୍କ ଖାତାକୁ ଯାଇଛି। ବରଗଡ଼ ସୋହେଲାରେ ଆୟୋଜିତ ଏହି ସମାବେଶରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପୂର୍ବ ସରକାର ଏହି ସୋହେଲାରେ ୧୦୦ ଟଙ୍କା ବୋନସ୍ ଦେବାକୁ କହିଥିଲେ। ୨୦୧୬ରେ ସେମାନେ ଦେଇଥିବା ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହେଲା। ତେଣୁ ଆମେ ସେହି ସୋହେଲାରେ ୮୦୦ ଟଙ୍କା ଇନପୁଟ୍ ସହାୟତା ଦେଉଛୁ। ଆମ ସରକାର ମିଛୁଆ ସରକାର ନୁହେଁ, ଯାହା କହିଛି କରି ଦେଖାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମେ ଯେଉଁ ପ୍ରତିଶ୍ରୁତି ଦେଇଥିଲୁ, ତାହା ପୂରଣ କରି ଦେଖାଉଛୁ। ସରକାର ଗଠନ ହେବାର ଘଣ୍ଟାଏ ମଧ୍ୟରେ ୪ ପ୍ରତିଶ୍ରୁତି ଦେଇଥିଲୁ। ଧାନର ଏମ୍‌ଏସ୍‌ପି ୨୩୦୦ ଟଙ୍କା ସହ ୮୦୦ ଇନପୁଟ୍ ସହାୟତା ଦେବୁ କହିଥିଲୁ। ରବିବାର ଠାରୁ ଯେଉଁ ଚାଷୀ ଧାନ ବିକିବେ ୪୮ ଘଣ୍ଟାରେ ୩୧ ଶହ ପାଇବେ। ସେହିଭଳି ପୂର୍ବ ସରକାର ଦଲାଲମାନଙ୍କୁ ସହାୟତା କରୁଥିଲେ ଏବଂ କେବଳ ଭୋଟବ୍ୟାଙ୍କ ପାଇଁ ରାଜନୀତି କରୁଥିଲେ ବୋଲି ମୁଖ୍ୟମନ୍ତ୍ରୀ ଅଭିଯୋଗ କରିଛନ୍ତି। ଦଲାଲଙ୍କୁ ଚେତାବନୀ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଯିଏ ଚାଷୀଙ୍କ ସହ ଦଲାଲି କରିବ ତାକୁ ସିଧା ଜେଲରେ ପୂରାଯିବ।

## ଏନ୍‌କାଉଣ୍ଟରେ ଦୁର୍ଦ୍ଦାନ୍ତ ଅପରାଧି ସଞ୍ଜୀବ ଗୁରୁତର

**ସମ୍ବଲପୁର,୦୮/୧୨ ନ୍ୟୁଜ ବ୍ୟୁରୋ**

ସମ୍ବଲପୁର ପୁଲିସ୍‌ର ଏନ୍‌କାଉଣ୍ଟର । ପୁଲିସ୍ ସହ ଗୁଳି ବିନିମୟରେ ଦୁର୍ଦ୍ଦାନ୍ତ ସଞ୍ଜୀବ କରାଲି ଗୁରୁତର ହୋଇଛି। ରେଙ୍ଗାଲି ଥାନାର ରମ୍ଭେଲା ବ୍ରିଜ୍‌ରେ ଏହି ଏନ୍‌କାଉଣ୍ଟର ହୋଇଛି। ଅଭିଯୁକ୍ତର ଡାହାଣ ଗୋଡ଼ରେ ଗୁଳି ବାଜିଛି । ତାକୁ ବୁର୍ଲା ଭିମସାରରେ ଭର୍ତ୍ତି କରାଯାଇଥିବା ସମ୍ବଲପୁର ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ୍ ଓ ଏସ୍‌ପି ମୁକେଶ ଭାମୁ ସୂଚନା ଦେଇଛନ୍ତି। ଏସ୍‌ପି ଶ୍ରୀ ଭାମୁ କହିଛନ୍ତି, ଗତ ନଭେମ୍ବର ୨୨ରେ ଚାରମାଳ ଥାନା ଅଞ୍ଚଳରେ ବଡ଼ଧରଣର ଡକାୟତି ହୋଇଥିଲା । ଏହି ମାମଲାରେ ୪ ଜଣଙ୍କୁ ଗିରଫ କରାଯାଇଥିଲା । ଡକାୟତି ଘଟଣାର ମାଷ୍ଟରମାଇଣ୍ଡ୍ ସଞ୍ଜୀବ ଫେରାର ଥିଲା ।

## କୋରାପୁଟ ଜିଲ୍ଲା ବିଜେଡି ସଭାପତି ପାଇଁ କସରତ

# ସୁପ୍ରିମୋଙ୍କୁ ଭେଟିଲେ ୮ ଜେଡ଼ପି ସଦସ୍ୟ ଓ ୨ ବ୍ଲକ ଅଧ୍ୟକ୍ଷା



**ଜୟପୁର,୦୮/୧୨ ନ୍ୟୁଜ ବ୍ୟୁରୋ**

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ତାଙ୍କ ବାସଭବନରେ ଭେଟିଛନ୍ତି ଜିଲ୍ଲାର ବହୁ ଦଳୀୟ ପ୍ରତିନିଧି । ସେମାନଙ୍କ ମଧ୍ୟରେ ଅଛନ୍ତି ୮ ଜଣ ଜିଲ୍ଲା ପରିଷଦ ସଭ୍ୟ ଏବଂ ଦୁଇ ଜଣ ବ୍ଲକ ଅଧ୍ୟକ୍ଷା । ଜିଲ୍ଲା ବିଜେଡି ସଭାପତି ପଦ ପାଇଁ ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦଙ୍କ ଲାଗି ଲବି କରିବାକୁ ସେମାନେ ନବୀନ ନିବାସ ଯାଇଥିବା ରାଜନୈତିକ ଚର୍ଚ୍ଚା ହେଉଛି । ଅଥଚ ଯେଉଁମାନେ ନବୀନଙ୍କୁ ଭେଟିଛନ୍ତି, ସେମାନଙ୍କ ସହ ଯୋଗାଯୋଗ କଲେ ବି କିଛି କହିବାକୁ ସିଧାସଳଖ ମନା କରି ଦେଇଛନ୍ତି । ଅନ୍ୟପକ୍ଷରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, ଉପାଧ୍ୟକ୍ଷ ରାଧବିନୋଦ ସାମନ୍ତରାୟ ଏବଂ ଅନ୍ୟ କେତେକ ଜିଲ୍ଲା ପରିଷଦ ସଦସ୍ୟ ଭୁବନେଶ୍ୱର ଯାଇନଥିବା ଜଣାପଡ଼ିଛି । ଜିଲ୍ଲାର ନେତୃବୃନ୍ଦ ସଭାପତି ଶ୍ରୀ ପଟ୍ଟନାୟକଙ୍କୁ ଭେଟିଛନ୍ତି। ଲୋକଙ୍କ କଲ୍ୟାଣ ପାଇଁ ହେଉଥିବା ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ସଭାପତି ଅବଗତ ହେବା ସହ ତୃଣମୂଳସ୍ତରରେ ସଙ୍ଗଠନକୁ ମଜଭୁତ କରିବା ପାଇଁ ସେ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଜିଲ୍ଲା ସଭାପତି ପଦ ଲାଗି କସରତ ଆରମ୍ଭ ହୋଇଛି । ନବୀନଙ୍କୁ ଭେଟିଥିବା ଅଧିକାଂଶ ଜିଲ୍ଲାପରିଷଦ ସଦସ୍ୟ ଓ ବ୍ଲକ ଅଧ୍ୟକ୍ଷା ହେଉଛନ୍ତି ପୂର୍ବତନ ସାଂସଦ ଝିନ୍ନ ହିକ୍‌କା ଓ ପୂର୍ବତନ ମନ୍ତ୍ରୀ ଶ୍ରୀ ନନ୍ଦଙ୍କ ସମର୍ଥକ। ପୂର୍ବତନ ବିଜେଡି ଜିଲ୍ଲା ସଭାପତି ତଥା କେସିସି ବ୍ୟାଙ୍କ ସଭାପତି ଈଶ୍ୱର ପାଣିଗ୍ରାହୀଙ୍କ ବିରୋଧୀ ଭାବେ ସେମାନେ ବେଶ୍ ଜଣାଶୁଣା । ଆଗକୁ ସଭାପତି ଚୟନ ହେବ । ସେଥିଲାଗି ଏବେଠୁ ଲବି ଆରମ୍ଭ ହୋଇଥିବା କୁହାଯାଉଛି । ନବୀନଙ୍କୁ ଭେଟିଥିବା ୮ ଜଣ ଜିଲ୍ଲା ପରିଷଦ ସଭ୍ୟ ହେଲେ ରଶ୍ମି ରଥ, ତପତି ପଟ୍ଟନାୟକ, କନକଲତା ପେଣ୍ଡିଆ, ଗୀତା ମାଝି, ମଞ୍ଜୁଳା ଘାସି, ତ୍ରିପତି ଚାଲାଣ, ମାଝି ହିମିରିକା ଓ ରାଜେଶ ମହୁରିଆ । ସେହିପରି ଦୁଇ ବ୍ଲକ ଅଧ୍ୟକ୍ଷା ହେଲେ ଜୟପୁରର ତିଳୋତ୍ତମା ମୁଦୁଲି ଓ ବୋରିଗୁମ୍ମାର ଦୀପ୍ତିମୟୀ ନାୟକ।


